ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୧
ତିଥି : ତ୍ରୟୋଦଶୀ
୦୭ ଅଗଷ୍ଟ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 301
07 Aug 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur





सत्यमेव जयते



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଶୁଭ ଉଦ୍‌ଘାଟନ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ** ଙ୍କ
କରକମଳରେ

# ଜାତୀୟ ହସ୍ତତନ୍ତ ଦିବସ ୨୦୨୫
# ଓଡ଼ିଶା

ଓଡ଼ିଶାର ହସ୍ତତନ୍ତ- ଐତିହ୍ୟର ସୂତ୍ରଧାର

## EKTA

EXHIBITION CUM
KNOWLEDGE SHARING
FOR TEXTILE ADVANTAGE

**୦୭ - ୧୩ ଅଗଷ୍ଟ ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର**

ଗରିମାମୟ ଉପସ୍ଥିତି

## ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ ଓ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ

## ଶ୍ରୀମତୀ ମାଧୁରୀ ଦୀକ୍ଷିତ୍ ନେନେ
ବଲିଉଡ୍ ତାରକା

ପ୍ରଦର୍ଶନୀ | ଜ୍ଞାନ ଆଦାନ-ପ୍ରଦାନ ଅଧିବେଶନ | ଫ୍ୟାଶନ୍ ଶୋ
ସାଂସ୍କୃତିକ ସନ୍ଧ୍ୟା | ଲେଜର ଶୋ | ଏ. ଆଇ ଟ୍ରାଏଲ୍ ରୁମ୍
ସ୍ୱତନ୍ତ୍ର ସଂସ୍ଥାପନ | ସୁସ୍ୱାଦ ବ୍ୟଞ୍ଜନ କେନ୍ଦ୍ର | ଶିଶୁ କ୍ରୀଡ଼ା କେନ୍ଦ୍ର

ଆୟୋଜକ
ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ସହଯୋଗରେ
ବସ୍ତ୍ର ମନ୍ତ୍ରାଳୟ, ଭାରତ ସରକାର

OIPR: 31003/13/0024/2526 DSPL-195



# ପତାକା ଦିବସ

ପ୍ରତିବର୍ଷ ଅଗଷ୍ଟ ସାତ ତାରିଖକୁ ପତାକା ଦିବସ ଭାବେ ପାଳନ କରାଯାଇଥାଏ । ୧୯୦୬ ମସିହା ଅଗଷ୍ଟ ସାତ ତାରିଖରେ କୋଲକାତାର ଗ୍ରୀନ ପାର୍କଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ପ୍ରଥମରୁ ଜାତୀୟ ପତାକାର ରଙ୍ଗ ସବୁଜ, ହଳଦିଆ ଓ ଲାଲ ରଖା ଯାଇଥିଲା । ପରେ ୧୯୨୯ ମସିହାରେ ନୂତନ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଆମର ଜାତୀୟ ପତାକାକୁ ଅନେକଥର ପ୍ରସ୍ତୁତ କରାଯାଇଥିଲା । ୧୯୦୭ରେ ଥରେ ଏବଂ ଏହାପରେ ୧୯୧୭ରେ ଜାତୀୟ ପତାକା ପ୍ରସ୍ତୁତ କରାଯାଇଥିଲା । ଶେଷରେ ୧୯୨୧ରେ ତ୍ରିରଙ୍ଗାର ସୃଷ୍ଟି କରାଯାଇଥିଲା । ଏହାକୁ ତିନୋଟି ରଙ୍ଗରୁ ସୃଷ୍ଟି କରାଯାଇଥିବାରୁ ଏହାର ନାଁ ତ୍ରିରଙ୍ଗା ରଖା ଯାଇଥିଲା । ଏଥିରେ ଥିବା ସମସ୍ତ ରଙ୍ଗ ଓ ଆକୃତି ବିଭିନ୍ନ ପ୍ରକାର ସନ୍ଦେଶ ଭାରତବାସୀଙ୍କୁ ପ୍ରଦାନ କରିଥାଏ । କମଳା ରଙ୍ଗ ତ୍ୟାଗ, ଧଳା ରଙ୍ଗ ସତ୍ୟ, ସବୁଜ ରଙ୍ଗ ଉତ୍ତମ ବୁଝାମଣାର ପ୍ରତୀକ ହୋଇଥାଏ । ପତାକା ମଧ୍ୟରେ ଥିବା ଅଶୋକ ଚକ୍ର ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ ହୋଇଥାଏ ।

## ସୋସିଆଲ କୋଟ୍ସ



"ସୁସ୍ମିତାଙ୍କ ଉପରେ ମୋର ବିଶ୍ୱାସ ଥିଲା କି ସେ ହିଁ ସବୁଠାରୁ ଭଲ ଗୌରୀ ଶାବନ୍ତ ହୋଇ ପାରିବେ । ତାଙ୍କର ଓ ମୋର ଅନେକ ଗୁଣ ସମାନ ।

ଗୌରୀ ସାବନ୍ତ, ସୋସିଆଲ ଆକ୍ଟିଭିଷ୍ଟ



"ବଲିଉଡ୍‌ରେ ଭାଇଚାରା ମିଛ । ମୁଁ ଯେତେବେଳେ ବବିଙ୍କୁ ଲଞ୍ଚ୍ କରିବାକୁ ଅନେକ ଫିଲ୍ମ ମେକରଙ୍କୁ ଅନୁରୋଧ କରିଥିଲି, ହେଲେ କେହି ରାଜି ହୋଇ ନଥିଲେ । ମୋତେ ଏଥିପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି ।

ସନ୍ନି ଦେଓଲ, ଅଭିନେତା




"ଶୈଳେସ ଓ ମୋ ଭିତରେ ଆପୋସ ବୁଝାମଣାରେ ସମସ୍ୟାର ସମାଧାନ କରାଯାଇଛି । ତାଙ୍କର ଏଭଳି ବ୍ୟବହାର ମୋତେ ଆଶ୍ଚର୍ଯ୍ୟ କରିଛି ।

ଅସିତ୍ ମୋଦି, ପ୍ରଯୋଜକ

# କିଭଳି ଜାଣିବେ ହୃତପିଣ୍ଡର ବୟସ

ଆପଣଙ୍କ ବୟସ ଠାରୁ ଆପଣଙ୍କ ହାର୍ଟ ବା ହୃତପିଣ୍ଡର ବୟସ ଅଧିକ ହୋଇପାରେ । ଏକ ପରୀକ୍ଷଣ ଅନୁସାରେ ଆମେରିକାରେ କିଛି ଏଭଳି ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କର ହାର୍ଟର ବୟସ ସେମାନଙ୍କ ଠାରୁ ଅଧିକ । ନର୍ଥୱେଷ୍ଟର୍ନ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏହି ପରୀକ୍ଷଣରେ ଏପରି ଆଶ୍ଚର୍ଯ୍ୟକର ପରିସ୍ଥିତି ଉପୁଜୁଛି । ସଂସ୍ଥା ପକ୍ଷରୁ ଏକ ଅନ୍ ଲାଇନ୍ ଟୁଲ ପ୍ରସ୍ତୁତ କରାଯାଇଥିଲା । ଯେଉଁଥିରେ ବ୍ୟକ୍ତିମାନଙ୍କର କୋଲଷ୍ଟ୍ରୋଲ ଲେବଲ, ବ୍ଲଡ୍ ପ୍ରେସର, ବିଏମ୍ଆଇ, ବିଭିନ୍ନ ରୋଗ ପାଇଁ ଖାଉଥିବା ଔଷଧ, ଧୂମପାନ ଅଭ୍ୟାସ, ମଧୁମେହ ଆଦି ଉପରେ ସମସ୍ତ ତଥ୍ୟ ଗ୍ରହଣ କରାଯାଇଥିଲା । ଯାହାକୁ ସମୀକ୍ଷା କରି ଏହି ହାର୍ଟ ଏଜ୍ ବା ହୃତପିଣ୍ଡ ବୟସ ନିର୍ଦ୍ଧାରଣ କରାଯାଇଥିଲା । ତେବେ ଏହି ପରୀକ୍ଷଣ ପଛର ମୂଳ ଉଦ୍ଦେଶ୍ୟ ଲୋକମାନଙ୍କୁ ସେମାନଙ୍କ ହାର୍ଟ ଏଜ୍ ସମ୍ପର୍କରେ ସଚେତନା କରାଇବା ।





# ବିଲେଇଙ୍କ ସହିତ ଭୋଜନ

ଶୀର୍ଷକଟି ଆପଣଙ୍କୁ ସେହିଭଳି କିଛି ସ୍ୱତନ୍ତ୍ରତା ନେଇ ବାର୍ତ୍ତା ଦେଉନଥିବ, କିନ୍ତୁ ଘଟଣାଟି ଖୁବ ସ୍ୱତନ୍ତ୍ର । ସାଧାରଣତଃ ଘରେ ଆମେ ମାନେ ରଖିଥିବା ପୋଷା ବିଲେଇଙ୍କୁ ଧରି ଖାଇବା ଖାଇଥାଉ । ହେଲେ ବାହାରେ କାଫେରେ ଖାଇବା ସମୟରେ ବିଲେଇ ପାଖରେ ବସିବା ଅସମ୍ଭବ ଭଳି ମନେ ହୁଏ । ବିଦେଶରେ ଏପରି କାଫେ ଥାଇପାରେ ହେଲେ ଭାରତରେ ଏହା ବିରଳ । ତେବେ ବର୍ତ୍ତମାନ ଦିଲ୍ଲୀର ଏକ କାଫେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳୁଛି । କାଫେର ନାଁ ରହିଛି ଓଭେନ୍ କିସ୍‌ଡ କ୍ୟାଟ୍ କାଫେ, ଯେଉଁଠାର ଆପଣ ପର୍ସିଆନ ବ୍ରିଡ୍‌ର ବିଲେଇଙ୍କ ସହିତ ଭୋଜନ କରିବାର ସୁଯୋଗ ପାଇବେ । ଏହି କାଫେଟିକୁ ଏକ ଦମ୍ପତି ପରିଚାଳନା କରୁଛନ୍ତି । ଏଠାକୁ ଆସୁଥିବା ଗ୍ରାହକମାନେ ଏଠାରେ ବିଲେଇଙ୍କ ସହିତ ଖାଇବାର ମଜା ନେଇ ପାରିବେ । ସେମାନେ ବିଲେଇଙ୍କ ସହିତ ଖେଳିପାରିବେ, ଫଟୋ ଓ ଭିଡିଓ ମଧ୍ୟ ଉଠାଇ ପାରିବେ । ଏହି ନିଆରା ଥିମ୍ ସମସ୍ତଙ୍କୁ ବର୍ତ୍ତମାନ ଆକୃଷ୍ଟ କରିବାରେ ଲାଗିଛି । କାଫେଟିର ଚର୍ଚ୍ଚା ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି ।

## ଇତିହାସ

**୧୭୫୩–** ବିଧାନସଭା ଆକ୍ଟ ଅନ୍ତର୍ଗତ ବ୍ରିଟେନ୍ ମ୍ୟୁଜିୟମ୍ ସ୍ଥାପିତ ।

**୧୯୦୫–** ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ୍ ଦ୍ୱାରା ବ୍ରିଟିଶ୍ ସାମଗ୍ରୀ ବହିଷ୍କୃତ ।

**୧୯୨୫–** ପ୍ରସିଦ୍ଧ ଭାରତୀୟ କୃଷି ବୈଜ୍ଞାନିକ ଏମ୍ଏମ୍ ସ୍ୱାମୀନାଥନଙ୍କ ଜନ୍ମ ।

**୧୯୪୧–** ଭାରତୀୟ ଲେଖକ, ନୋବେଲ ପୁରସ୍କାରପ୍ରାପ୍ତ ରବୀନ୍ଦ୍ରନାଥ ଟାଗୋରଙ୍କ ପରଲୋକ ।

**୧୯୪୪–** ପ୍ରଥମ ଇଲେକ୍ଟ୍ରିକ୍ କାଲ୍‌କୁଲେଟରର ନିର୍ମାଣ ହେଲା, ଯାହା ୫୧ ଫୁଟ ଲମ୍ବ ଲମ୍ବ, ୮ ଫୁଟ ଉଚ୍ଚତା ଏବଂ ୫ଟନ୍ ଓଜନବିଶିଷ୍ଟ ଥିଲା ।

**୧୯୪୭–** ମୁମ୍ବାଇ ନଗର ନିଗମକୁ ବିଦ୍ୟୁତ ଏବଂ ପରିବହନ ବ୍ୟବସ୍ଥା ଔପଚାରିକ ରୂପେ ହସ୍ତାନ୍ତର କରାଗଲା ।

**୧୯୮୫–** ବିଶ୍ୱ ଆମେଚର ବିଲିୟାର୍ଡ୍ସ ଚାମ୍ପିଅନ୍‌ସିପ୍‌ରେ ବିଜୟୀ ହୋଇଥିବା ଗୀତ୍ ସେଠୀ ତୃତୀୟ ଭାରତୀୟ ହେଲେ ।

**୧୯୯୪–** ଇସ୍ରାଏଲ୍ ଏବଂ ଜୋର୍ଡାନ୍ ମଧ୍ୟରେ ପ୍ରଥମ ଟେଲିଫୋନ୍ ସେବା ଶୁଭାରମ୍ଭ ।

# କଥା ଶୁଣି ଲେଖିପାରୁଥିବା ମେସିନ

ଆଜିକାଲି ମେସିନ୍‌ରେ ଅନେକ ପରିବର୍ତ୍ତନ ଆସିଛି । ଗୋଟିଏ କ୍ଲିକ୍‌ରେ ଅନେକ କିଛି କାର୍ଯ୍ୟ ହୋଇ ପାରୁଛି । ସେହିଭଳି ଏକ ମେସିନ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ମେସିନ ଟିକୁ ପ୍ରସ୍ତୁତ କରିଛନ୍ତି କେରଳର ଜଣେ ଛାତ୍ର । ଏହି ମେସିନ୍‌କୁ ଯାହା ବି କମାଣ୍ଡ ଦିଆଯିବ ସେ ତାହା ଶୁଣି ଲେଖିବାରେ ସକ୍ଷମ । ଏଆଇ ଆସିଷ୍ଟରେ ପ୍ରସ୍ତୁତ ହୋଇଥିବା ଏହି ଡିଭାଇସ କଥା କୁହା ଶବ୍ଦ ଶୁଣି ହାତ ଲେଖା ନୋଟ ପ୍ରସ୍ତୁତ କରିପାରିବ । ଏହା ଏଆଇ ଦ୍ୱାରା ପରିଚାଳିତ ଭଏସ୍ ଟୁ ପେନ୍ ସିଷ୍ଟମ । ଏହାକୁ ପ୍ରସ୍ତୁତ କରିଥିବା ଛାତ୍ର ଜଣଙ୍କ ଇଲେକ୍ଟ୍ରୋନୋକ୍ସ ଓ କମ୍ୟୁନିକେସନରେ ସ୍ନାତ୍ତୋକ ଶ୍ରେଣୀରେ ପାଠ ପଢୁଛନ୍ତି । ଛାତ୍ରଙ୍କର ଏଭଳି ଉଦ୍ଭାବନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସହିତ ପ୍ରଶଂସା ସାଉଁଟିବାରେ ଲାଗିଛି । ଏହା ବିଶେଷଭାବେ ଦିବ୍ୟାଙ୍ଗମାନଙ୍କୁ ଖୁବ ସହଯୋଗ କରିବ ବୋଲି ସେ ପ୍ରକାଶ କରିଛନ୍ତି । ଆଗକୁ ସେ ଏଥିରେ ଆହୁରି ପରିବର୍ତ୍ତନ କରି ଆହୁରି ସରଳ କରିବାକୁ ଚେଷ୍ଟା ଜାରି ରଖିଛନ୍ତି ।



# ସ୍ୱରାଙ୍କ ଲେଉଟାଣି



ବଲିଉଡ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କୁ ନେଇ ଅନେକ ସମୟରେ ସୋସିଆଲ ମିଡିଆରେ ଟ୍ରୋଲ ହେଉଥିବା ସାମନାକୁ ଆସିଥାଏ । ବିବାହ ପରେ ଅଭିନୟଠୁ ଦୂରରେ ରହିବା ଓ ସ୍ୱରାଙ୍କର ମୋଟାପଣ ନେଇ ଅନେକ ତାଙ୍କୁ ଟ୍ରୋଲ କରିଥାଆନ୍ତି । ଏପରିକି ତାଙ୍କ ସ୍ୱାମୀ ଫହାଦ ଅହମଦ୍‌ଙ୍କ ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠାଇଥାଆନ୍ତି । ତେବେ ନିକଟରେ ସ୍ୱରାଙ୍କୁ ଏକ ଟିଭି ଶୋରେ ଦେଖିବାକୁ ମିଳିଛି, ଯାହା ଟ୍ରୋଲରଙ୍କ ପାଟିରେ ତାଲା ଲଗାଇଛି । ଏହା ସ୍ୱରାଙ୍କର କମ୍‌ବ୍ୟାକ୍ ବୋଲି ଚର୍ଚ୍ଚା କରାଯାଉଛି । ସୂଚନା ଅନୁସାରେ ସ୍ୱରାଙ୍କୁ ଟିଭି ଶୋ ପତି, ପତ୍ନି ଓ ପଙ୍ଗାରେ ଦେଖିବାକୁ ମିଳୁଛି । ଏଥିରେ ସେ ନିଜ ସ୍ୱାମୀ ତଥା ସମାଜବାଦୀ ପାର୍ଟି ନେତା ଫହାଦ୍ ଅହମଦଙ୍କ ସହିତ ନଜର ଆସୁଛନ୍ତି । ତେବେ ସ୍ୱରାଙ୍କ ଲେଉଟାଣି ତାଙ୍କ ଫ୍ୟାନଙ୍କୁ ଖୁବ ଖୁସି ଦେଇଛି । ଆଗକୁ ସେ ସ୍ୱରାଙ୍କୁ ବଡ ପ୍ରୋଜେକ୍ଟରେ ଦେଖିବାକୁ ଫ୍ୟାନ୍‌ମାନେ ଆଶା ରଖିଛନ୍ତି ।

# ବିଟ୍‌ରୁଟ୍ କୋଫତା



**ସାମଗ୍ରୀ–** ୨ ଟି ବିଟ୍ ରୁଟ୍, ସିଝା ୨ ଟି ଆଳୁ, ସିଝା ଗାଜର, ଗ୍ରେଟ୍ ୧୦୦ ଗ୍ରାମ ପନିର, ୨ ଚାମଚ ବେସନ, ୪ ଟି କଞ୍ଚା ଲଙ୍କା, କଟାଯାଇଥିବା ଅଦା, କଟା ୩ ଟି ରସୁଣ କୋଳା, ଧନିଆ ପତ୍ର, କପ୍ ପୁଦିନା ପତ୍ର, ମଇଦା (ଗୋଳାଇବା ପାଇଁ) ୧ ଚାମଚ ଲଙ୍କା ପାଉଡର, ୧/୨ ଚାମଚ ଜିରା ପାଉଡର, ୧/୨ ଚାମଚ ଧନିଆ ପାଉଡର, ୧/୨ ଚାମଚ ପାନମଧୁରି ପାଉଡର , ୧ ଚାମଚ ଚାଟ୍ ମସଲା, ସ୍ୱାଦ ଅନୁସାରେ ଲୁଣ, ତେଲ । ଗ୍ରେଭି ପାଇଁ: ୩ ଟି ଟମାଟୋ,୨ ପିଆଜ, ୨ ଟି ତେଜପତ୍ର , ୧ ଚାମଚ ଅଦା ରସୁଣ ପେଷ୍ଟ, ୧ ଚାମଚ ଲଙ୍କା ପାଉଡର , ୧/୨ ଚାମଚ ହଳଦୀ , ୧ ଚାମଚ ଗରମ ମସଲା, ୧ ଚାମଚ କାଜୁ ପାଉଡର, ୧/୪ କପ୍ ତାଜା କ୍ରିମ, ୧ ଚାମଚ ଘିଅ ।

**ପ୍ରଣାଳୀ–** ପ୍ରଥମେ ପ୍ୟାନରେ ବେସନକୁ ଅଳ୍ପ ଭାଜି ନିଅନ୍ତୁ । ଏହାପରେ ଏକ ପାତ୍ରରେ ସମସ୍ତ କଟା ପରିବା, ଗୁଣ୍ଡ ମସଲା, ପନିରକୁ ମିଶାଇ ନିଅନ୍ତୁ । ଏହାପରେ ଏଥିରେ ବେସନ ପକାଇ ଏକ ଶୁଖିଲା ଗୁଣ୍ଡ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଛୋଟଛୋଟ ଗୋଲ କରି ମଇଦାରେ ଗଡାଇ ଗରମ ତେଲରେ ଛାଣି ନିଅନ୍ତୁ । ଏହାପରେ ଟମାଟୋ, ପିଆଜକୁ ବାଟି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଗୋଟିଏ ପ୍ୟାନରେ ଘିଅ ଗରମ କରନ୍ତୁ ଏଥିରେ ତେଜପତ୍ର ଓ ଅଦାରସୁଣ ପେଷ୍ଟ ପକାନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ କାଜୁ ଗୁଣ୍ଡ ପକାଇ କଷନ୍ତୁ । ପାଣି ଦେଇ ଫୁଟାନ୍ତୁ । ଗ୍ରେଭି ପ୍ରସ୍ତୁତ ହେବା ପରେ ଏଥିରେ ପୂର୍ବରୁ ଛଣା ଯାଇଥିବା ବଲ୍ ଗୁଡିକୁ ପକାନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଗ୍ୟାସ ବନ୍ଦ କରି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ବିଟ୍‌ରୁଟ୍ କୋଫତା ।

# ଜାପାନର ସବୁଠାରୁ ବୟସ୍କା ମହିଳା

ଶିଗେକୋ କଗଓ୍ୱା ନାମକ ଜଣେ ଅବସରପ୍ରାପ୍ତ ଡାକ୍ତର ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟୁଛନ୍ତି । ଏହି ମହିଳା ଜଣଙ୍କ ବର୍ତ୍ତମାନ ଜାପାନର ସବୁଠାରୁ ବୟସ୍କ ବ୍ୟକ୍ତି ପାଲଟିଛନ୍ତି । ତାଙ୍କର ବୟସ ୧୧୪ ଏବଂ ସ୍ଥାନୀୟ ସରକାରଙ୍କ ପକ୍ଷରୁ ଔପଚାରିକଭାବେ ଏନେଇ ଘୋଷଣା କରାଯାଇଛି । ୨୦୨୧ରେ ୧୦୯ ବୟସରେ ସେ ଟୋକିଓ ଅଲମ୍ପିକ୍ ଭାଗ ନେଇ ରେକର୍ଡ କରିଥିଲେ । ଯାହା ପରେ ସେ ସେତେବେଳେ ଚର୍ଚ୍ଚାକୁ ଆସିଥିଲେ । ନିଜେ ଜଣେ ଡାକ୍ତର ହୋଇଥିବାର ନିଜ ସ୍ୱାସ୍ଥ୍ୟର ସେ ସଠିକ୍ ଧ୍ୟାନ ରଖିପାରୁଛନ୍ତି । ସେ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଆଖିରେ ଦେଖିବା ସହିତ ସେ ଏହି ସମୟରେ ଡାକ୍ତରଖାନାରେ କାର୍ଯ୍ୟ ମଧ୍ୟ କରିଛନ୍ତି । ସେ ନିଜର ଏକ କ୍ଲିନିକ୍ କରି ପ୍ରାୟ ୮୬ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହାପରେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ଅବସର ଜୀବନ ବଞ୍ଚୁଛନ୍ତି । ସୋସିଆଲ ମିଡିଆରେ ଲୋକ ତାଙ୍କୁ ଖୁବ ଭଲ ପାଇବା ଦେଉଥିବା ଦେଖିବାକୁ ମିଳିଛି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୧
ତିଥି : ତ୍ରୟୋଦଶୀ
୦୭ ଅଗଷ୍ଟ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 301
07 Aug 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

### ପଟ୍ଟାମୁଣ୍ଡାଇର କାଠିଆପଡା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା

# ଆଉ ଜଣେ ଛାତ୍ରୀଙ୍କ ଆତ୍ମାହୁତି !



- ବ୍ଲାକ୍‌ମେଲିଂର ଶିକାର ହୋଇ ଆତ୍ମହତ୍ୟା ଅଭିଯୋଗ
- ୪ ମାସ ତଳୁ ଥାନାରେ ଦେଇଥିଲେ ଏତଲା
- କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏଭଳି ପଦକ୍ଷେପ
- ଘଟଣାସ୍ଥଳରେ ଏସ୍‌ପି, ସାଇଣ୍ଟିଫିକ ଟିମ
- ଏସ୍‌ପି କହିଲେ ତଦନ୍ତ କରିବି ମୁଁ

କେନ୍ଦ୍ରାପଡ଼ା, ୬।୮ (ସବ୍ୟୁ) : ଏଫ୍‌ଏମ୍ କଲେଜ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଓ ବଳଙ୍ଗା ପୀଡିତାଙ୍କୁ ଜାଳିଦେବା ଘଟଣା ମନରୁ ନ ଲିଭୁଣୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୁଣି ଏକ ଛାତ୍ରୀ ଜଳିଯିବା ଘଟଣା ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପଟ୍ଟାମୁଣ୍ଡାଇ ଘଟଣାରେ ମଧ୍ୟ ପୋଲିସର ନିଷ୍କ୍ରିୟତା ନେଇ ଅଭିଯୋଗ ଆସିଛି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡା ପଞ୍ଚାୟତ କାଠିଆପଡା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜନୈକା କଲେଜ ଛାତ୍ରୀ ନିଜ ପ୍ରେମିକଙ୍କ ବ୍ଲାକମେଲର ଶିକାର ହୋଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ତେବେ ଏହାକୁ ନେଇ ସନ୍ଦେହଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପରିବାର ଲୋକମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଆଲୋଡନ ସୃଷ୍ଟି କରିଛି। ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡା ପଞ୍ଚାୟତ କାଠିଆପଡା ଗ୍ରାମର ଶଶିକାନ୍ତ ପରିଡାଙ୍କ ଝିଅ ସଂଗୀତା ଜନୈକ ଯୁବକଙ୍କୁ ପ୍ରେମ କରୁଥିଲା ସେହି ପ୍ରେମିକ ଜଣକ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରଲ କରିଦେବାକୁ ଧମକ ଦେଇଥିଲା । ପ୍ରେମିକଙ୍କ ବ୍ଲାକମେଲର ଶିକାର ହୋଇ ସଂଗୀତା ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ କିରୋସିନ ଢାଳି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁବରଣ କରିଛି । ସେ ବଡପଡା କଲେଜରେ ଯୁକ୍ତ ୩ ଶେଷବର୍ଷ କଳା ଛାତ୍ରୀ ଥିଲେ । ଆଜି ସକାଳ ୭. ୩୦ ମିନିଟ ସମୟରେ ମୃତା ସଂଗୀତାଙ୍କ ବାପା, ମା' କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ। ଘରେ ଝିଅ ସଂଗୀତା ଏକୁଟିଆ ଥିଲେ। ବାପା, ମା ଘରକୁ ଫେରି ସଂଗୀତାଙ୍କ ରୁମ ବନ୍ଦ ଥିବା ଦେଖିବାକୁ ପାଇଥିଲେ। (୯ ପୃଷ୍ଠାରେ)

### ଭାରତ ଉପରେ ଆମେରିକାର ଶୁଳ୍କ ବୋଝ

# ପୁଣି ୨୫% ଅତିରିକ୍ତ ଶୁଳ୍କ




ନୂଆଦିଲ୍ଲୀ, ୬।୮ : ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ପୁଣି ଶୁଳ୍କ ବୃଦ୍ଧି କରିଛନ୍ତି। ଆଜି ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛନ୍ତି। ପୂର୍ବରୁ ୨୫% ଶୁଳ୍କ ଲାଗୁ କରିଥିଲେ। ଭାରତର ସାମଗ୍ରୀ ଯାହା ଆମେରିକାକୁ ରପ୍ତାନୀ ହେବ ଏଣିକି ୫୦% ଶୁଳ୍କ ଲାଗିବ। ଯାହା ଚୀନ୍ ଠାରୁ ବି ଅଧିକ । ଆମେରିକା ସରକାର ଚୀନ୍ ଉପରେ ୩୦% ଶୁଳ୍କ ଲାଗୁ କରିଛନ୍ତି। ଏହି ଅତିରିକ୍ତ ଶୁଳ୍କ ୨୧ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୭ରୁ ଲାଗୁ ହେବ ବୋଲି ପ୍ରକାଶିତ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ତେବେ ଭାରତ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଅତିରିକ୍ତ ଶୁଳ୍କକୁ ଅନ୍ୟାୟ ଓ ଅଯୌକ୍ତିକ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି।

ବୁଧବାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଦକ୍ଷିଣ ଏସିଆ ବାଣିଜ୍ୟିକ ସହଯୋଗୀମାନେ ଋଷରୁ ତେଲ କିଣା ଜାରି ରଖିଥିବାରୁ ଏହି ଅତିରିକ୍ତ ୨୫% ଶୁଳ୍କ ଲାଗୁ କରାଯାଇଛି। ଗତକାଲି ଟ୍ରମ୍ପ ଧମକ ଦେଇଥିଲେ ଯେ ଋଷରୁ ଯଦି (୯ ପୃଷ୍ଠାରେ)

### ଆମେରିକା ପଦକ୍ଷେପ ଅଯୌକ୍ତିକ : ଭାରତ

## ୧୬୩୫ ନୂଆ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ

- ରାଜସ୍ୱ ଗ୍ରାମର ନକ୍ସା କରିବେ ରାଜ୍ୟ ସରକାର
- ଜାରି ହେଲା ସତନ୍ତ୍ର ମାର୍ଗଦର୍ଶିକା

ଭୁବନେଶ୍ୱର, ୬।୮ (ସବ୍ୟୁ): ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ । ନୂତନ ରାଜସ୍ୱ ଗ୍ରାମର ସୀମା ଯେଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନରହିବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଏସ୍‌ଓପି ବା ମାର୍ଗଦର୍ଶିକା ଜାରି କରାଯାଇଛି । ବିଭାଗର ମାର୍ଗଦର୍ଶିକା ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମ ଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ- ରେକର୍ଡ ଓ ସର୍ଭେ ଏବଂ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲ୍ଲାପାଳ ଏବଂ ଆରଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ୧୯୯୧ରୁ ୨୦୨୪ ପର୍ଯ୍ୟନ୍ତ ୩୪ ବର୍ଷ ଭିତରେ ମାତ୍ର ୧ହଜାର ଗାଁକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇଥିଲା । ହେଲେ ପୂର୍ବ ସରକାରଙ୍କ କ୍ଷମତାରେ ସେଥିରୁ ମାତ୍ର ୩୦୦ ଗ୍ରାମର ମ୍ୟାପ ପ୍ରସ୍ତୁତ ହୋଇଥିଲା । କିନ୍ତୁ ବାକି ୭୦୦ ଗ୍ରାମର ମ୍ୟାପ କରିପାରିନଥିଲେ ପୂର୍ବ ସରକାର । (୯ ପୃଷ୍ଠାରେ)

# କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୬।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତରେ ଅଛନ୍ତି। ତାଙ୍କର ଏହି ଦିଲ୍ଲୀ ଗସ୍ତ କ୍ରମରେ ସେ ବିଭିନ୍ନ କେନ୍ଦ୍ରମନ୍ତ୍ରୀ ମାନଙ୍କୁ ସାକ୍ଷାତ କରିଛନ୍ତି। ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ କରି ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମ୍ପର୍କ ବିଷୟବସ୍ତୁଗୁଡ଼ିକ ଉପରେ ଆଲୋଚନା କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ଆଜି ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି। ଆଗାମୀ ଋତୁ ଲାଗି ରାଜ୍ୟର ଧାନକିଣା ଲକ୍ଷ୍ୟକୁ ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି। କାରଣ ଏ ବର୍ଷ ବଳକା ଫସଲ ହେବ ବୋଲି ଆଶା କରାଯାଉଛି। ଏଫ୍‌ସିଆଇ ମାସିକ କୋଟା ଚାଉଳକୁ ଯଥା ସମୟରେ ଉଠାଇବା ପାଇଁ ଅନୁରୋଧ କରିଛନ୍ତି। ସେହିଭଳି ମିଲେଟକୁ ପ୍ରୋତ୍ସାହନ ସହ ଗୋଦାମ ଭିତ୍ତିଭୂମି ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦେବାସହ ଖାଦ୍ୟ ସୁରକ୍ଷା ଓ ଚାଷୀଙ୍କ ସ୍ୱାର୍ଥକୁ ସଶକ୍ତ କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ମହାନଦୀ ଜଳ ସମସ୍ୟା ଓ ଏହାର ନିରପେକ୍ଷ ଏବଂ ନ୍ୟାୟ ସଙ୍ଗତ ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାଛଡା ତାଙ୍କୁ ଭିଜନ ଓଡ଼ିଶା ୨୦୩୬, ୨୦୪୭ ପ୍ରଦାନ କରିଛନ୍ତି। ଏତଦ୍ ଭିନ୍ନ କେନ୍ଦ୍ର ଭାରି ଶିଳ୍ପ ଓ ଇସ୍ପାତ ମନ୍ତ୍ରୀ ଏସ୍‌ଡି କୁମାର ସ୍ୱାମୀଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶାର (୯ ପୃଷ୍ଠାରେ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୂଆଦିଲ୍ଲୀରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରଦାନ କରିଛନ୍ତି ।

## ପ୍ରାର୍ଥନା ବେଳେ ୩୦ ଛାତ୍ରଛାତ୍ରୀ ଅଚେତ

ବାଲେଶ୍ୱର, ୬।୮ (ସବ୍ୟୁ) : ବୁଧବାର ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅନ୍ତର୍ଗତ କଲ୍ୟାଣୀ ସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠରେ ଘଟିଛି ଅଘଟଣ । ବିଦ୍ୟାଳୟର ପ୍ରାର୍ଥନା ସମୟରେ ହଠାତ ଜଣଙ୍କ ପରେ ଜଣେ ୩୦ରୁ ଅଧିକ ଛାତ୍ରଛାତ୍ରୀ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ । ସଙ୍ଗେ ସଙ୍ଗେ ଶିକ୍ଷକମାନେ ପିଲାମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଗୋପାଳପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ କିଛି ପିଲା ଗୁରୁତର ଥିବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ (୯ ପୃଷ୍ଠାରେ)

## ସଂସଦରେ ପ୍ରଥମ : ଗୋଟିଏ ଦିନରେ ଦୁଇ ବିଲ୍ ପାରିତ

ନୂଆଦିଲ୍ଲୀ, ୬।୮ : ବୁଧବାର ସଂସଦରେ ଦୁଇଟି ଐତିହାସିକ ସାମୁଦ୍ରିକ ବିଲ ଗୃହୀତ ହୋଇଛି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପାଇଁ ପ୍ରଥମ ଥର ଲାଗି ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲକୁ ଅନୁମୋଦନ ମିଳିଛି । ଏହା ଭାରତରେ ଏକ ଆଧୁନିକ, ଦକ୍ଷ ଏବଂ ବିଶ୍ୱସ୍ତରୀୟ ସମନ୍ୱିତ ସାମୁଦ୍ରିକ ନୀତିଗତ ଢାଞ୍ଚା ପାଇଁ ପଥ ପ୍ରଶସ୍ତ କରିଛି । ଲୋକସଭା "ବାଣିଜ୍ୟିକ ଜାହାଜ ଚଳାଚଳ ବିଲ୍, ୨୦୨୫'କୁ ମଞ୍ଜୁରୀ ଦେଇଛି । ଏହାର ଲକ୍ଷ୍ୟ ହେଉଛି ଏକ ଆଧୁନିକ ଓ ଅନ୍ତର୍ଜାତୀୟ ସ୍ତରରେ ଅନୁପାଳିତ ଆଭିମୁଖ୍ୟ ସହିତ ସାମୁଦ୍ରିକ ପ୍ରଶାସନକୁ ସୁଗମ କରିବା। ଅନୁରୂପ ଭାବେ ରାଜ୍ୟସଭାରେ "ସାମୁଦ୍ରିକ ମାଲ ପରିବହନ ବିଲ୍, ୨୦୨୫ ଗୃହୀତ ହୋଇଛି । ନୂଆ ବିଲ୍ ଶତାଧିକ ବର୍ଷ ପୁରୁଣା ଉପନିବେଶବାଦୀ ଯୁଗର ଆଇନ ପରିବର୍ତ୍ତେ କାର୍ଯ୍ୟକାରୀ ହେବ ଏବଂ ବ୍ୟବସାୟିକ ସୁଗମତା ପ୍ରୋତ୍ସାହିତ କରିବ । ଭାରତର ଜାହାଜ ପରିବହନ କ୍ଷେତ୍ରକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଲାଗି ଏହି ଆଇନରେ ବ୍ୟାପକ ସଂଶୋଧନ ଓ ପରିବର୍ତ୍ତନ କରାଯାଇଛି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଆଜି ମନ୍ତ୍ରଣାଳୟରେ ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ଦିନ । ସଂସଦରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଇନ - ବାଣିଜ୍ୟିକ ଜାହାଜ ଚଳାଚଳ ବିଲ୍, ୨୦୨୫ ଏବଂ ସାମୁଦ୍ରିକ ମାଲ୍ ପରିବହନ ବିଲ୍, ୨୦୨୫କୁ ଅନୁମୋଦନ ମିଳିଛି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତିଗତ ଏବଂ କାର୍ଯ୍ୟଗତ ଭାବରେ ଭାରତର ସାମୁଦ୍ରିକ କ୍ଷେତ୍ରକୁ ଆଧୁନିକୀକରଣ କରିବା ଦୃଷ୍ଟିକୋଣକୁ ପ୍ରଭାବଶାଳୀ ଭାବରେ ସମର୍ଥନ କରିଛି । ଏହି ଦୁଇଟି ବିଲ୍ ପାସ (୯ ପୃଷ୍ଠାରେ)

# ଦୁଇ ସଡ଼କ ଦୁର୍ଘଟଣାରେ ୫ ମୃତ



କେନ୍ଦୁଝର/ବୁଗୁଡ଼ା, ୬।୮ (ସ୍ୱପ୍ର/ସବ୍ୟୁ) : ବୁଧବାର ସକାଳେ ସଡ଼କ ଦୁର୍ଘଟଣା ଘଟି ୫ଜଣଙ୍କର ମୃତ୍ୟୁ ହୋଇଛି । ସକାଳ ସାଢେ ୬ଟା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନଂ ଜାତୀୟ ରାଜପଥରେ ଏକ ଟ୍ରକ ପଛରୁ ଧକ୍କା ଦେବାରୁ ବାଇକ୍‌ରେ ଯାଉଥିବା ଗୋଟିଏ ପରିବାରର ବାପା, ମାଆ ଓ ଝିଅଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ୩ ଜଣ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ଟଙ୍କ ପାତ୍ର, ତାଙ୍କ ପତ୍ନୀ ଝିଲ୍ଲି ପ୍ରଧାନ ଓ ୧୫ ବର୍ଷର ନାବାଳିକା ଝିଅ ମାମୁନି ପ୍ରଧାନ ବୋଲି ଜଣା ପଡିଛି। ଦୁର୍ଘଟଣା ଘଟାଇ ଟ୍ରକ ଫେରାର ହୋଇ ଯାଉଥିବା ବେଳେ ରୁଗୁଡ଼ିହି ଟୋଲ ପ୍ଲାଜାରେ ଅଟକ ରହିଛି ।

ସୂଚନା ମୁତାବକ, ଟଙ୍କଧର (ଓଆର ୦୨ ବିଜି ୧୪୬୫) ନମ୍ବର ବିଶିଷ୍ଟ ବାଇକ ଯୋଗେ ଝିଅ ମାମୁନିକୁ କାଞ୍ଜିପାଣି ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଛାଡ଼ିବାକୁ ପତ୍ନୀଙ୍କୁ ସାଙ୍ଗରେ ଧରି ଯାଉଥିଲେ। ଜଗମୋହନ ପୁର ଶିବ ମନ୍ଦିର ନିକଟରେ (ଏନ.ଏଲ ୦୧ ଏସି ୨୦୧୯) ବିଶିଷ୍ଟ ଟ୍ରକ ସଂପୃକ୍ତ ବାଇକକୁ ପଛପଟୁ (୯ ପୃଷ୍ଠାରେ)

### ବିହାରର ସଂଶୋଧିତ ଭୋଟର ତାଲିକା ଆଲୋଚନା ଦାବିରେ ଚାଲିପାରୁନି ସଂସଦ

# ମାମଲା ବିଚାରାଧୀନ ଥିବାରୁ ଆଲୋଚନା ହେବନି : ରିଜଜୁ



ନୂଆଦିଲ୍ଲୀ, ୬।୮ : ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଲୋକସଭାରେ ଆଲୋଚନା କରିବା ଲାଗି ବିରୋଧୀ ଦଳ ଅଡି ବସିଛନ୍ତି। ଫଳରେ ଗୃହକାର୍ଯ୍ୟ ଅଚଳ ହୋଇପଡିଛି । ତେବେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜଜୁ କହିଛନ୍ତି ଯେ ଯେଉଁ ମାମଲା କୋର୍ଟରେ ବିଚାରାଧୀନ ଥିବ ତାହା ଲୋକସଭାରେ ଆଲୋଚନା ହୋଇପାରିବ ନାହିଁ। ଏତଦ୍‌ଭିନ୍ନ ନିର୍ବାଚନ କମିଶନ ଏକ ସ୍ୱୟଂ ଶାସିତ ସଂସ୍ଥା ହୋଇଥିବାରୁ ସଂସଦରେ ଏ ସମ୍ପର୍କରେ ଆଲୋଚନା କରାଯାଇପାରିବ ନାହିଁ।

ସେ କହିଛନ୍ତି ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ସଂସଦର ବ୍ୟବସ୍ଥା ଅନୁଯାୟୀ ଯେକୌଣସି ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍‌କୁ ନେଇ ସଂସଦ ଅଧିବେଶନର ଆରମ୍ଭ ଦିନରୁ ଗୃହ କାର୍ଯ୍ୟ ଅଚଳ ହୋଇଛି। ତେବେ ଏହି ମାମଲା ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ଆଲୋଚନା ହୋଇପାରିବ ନାହିଁ। ଅତିତରେ ମଧ୍ୟ ଗୃହରେ ନିର୍ବାଚନ କମିଶନଙ୍କ ପ୍ରସଙ୍ଗରେ ଆଲୋଚନା ହୋଇନାହିଁ। ଏହାଛଡା ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଥିବାରୁ ସାଂସଦମାନେ ବିତର୍କରେ ଅଂଶ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ଇତି ମଧ୍ୟରେ ବିରୋଧୀ ଦଳ ନେତାମାନେ (୯ ପୃଷ୍ଠାରେ)

# ସହରାଞ୍ଚଳରେ ଓଡ଼ିଆ ନାମ ଫଳକ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୮ (ସବ୍ୟୁ) : ସମସ୍ତ ସହରାଞ୍ଚଳ ଯଥା ମହାନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷା ଲିପିର ସାଇନ୍‌ବୋର୍ଡ ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି । ଯଦି କୌଣସି ଅନୁଷ୍ଠାନ ଏହାକୁ ଅନୁପାଳନ ନ କରନ୍ତି ତେବେ ସଂଶୋଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଟଙ୍କା ଲେଖାଏଁ ଜରିମାନା ଲାଗୁ ହେବ । ଅନୁପାଳନ କରୁନଥିବା ପ୍ରତିଷ୍ଠାନଗୁଡ଼ିକୁ ପ୍ରଥମେ ବିଜ୍ଞପ୍ତି ଜାରି କରାଯାଇ ସଂଶୋଧନ ଲାଗି ୫୫ ଦିନର ସମୟ ଦିଆଯିବ । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହି ମର୍ମରେ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଆୟୁକ୍ତ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି ।

### ଉଲ୍ଲଙ୍ଘନ କଲେ ଦୈନିକ ୫୦୦ ଟଙ୍କା ଜୋରିମାନା

ଏଥିରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶାର ସମୃଦ୍ଧ, ସାଂସ୍କୃତିକ ଓ ଭାଷାଗତ ଐତିହ୍ୟକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ରହିଛି । ଏହାକୁ ଅନୁସରଣ କରି ସାଧାରଣ ଜନତାଙ୍କ ସୁବିଧା ପାଇଁ ଓଡ଼ିଆ ଭାଷା ଲିପିର ବ୍ୟବହାର ସୁନିଶ୍ଚିତ କରିବା ଅତ୍ୟନ୍ତ ଫଳପ୍ରଦ ହେବ । ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ନିଶ୍ଚିତ ଭାବେ ସେମାନଙ୍କ ସାଇନ୍‌ବୋର୍ଡର ମୋଟ୍ କ୍ଷେତ୍ରଫଳର ଅନନ୍ୟ ୬୦% ଭାଗରେ ଓଡ଼ିଆ ଭାଷାଲିପି ବ୍ୟବହାର କରିବେ। ଏହା ରାଜ୍ୟ ଭାଷାର ଦୃଶ୍ୟମାନ୍ୟତା ବୃଦ୍ଧି କରିବା ସହ ଜନସାଧାରଣଙ୍କ ପାଇଁ ସୁବିଦାଜନକ (୯ ପୃଷ୍ଠାରେ)

# ରାଜ୍ୟର ୬୦% ପିଲାଙ୍କ ପାଖରେ ନାହିଁ ଆଧାର କାର୍ଡ଼

## ଜନ୍ମ ପରେ ଆଧାର ପଞ୍ଜୀକରଣ କରିବାକୁ ସିଏସ୍‌ଙ୍କ ନିର୍ଦ୍ଦେଶ

## ୨୨ ଜିଲ୍ଲାରେ ୫୦ ପ୍ରତିଶତରୁ କମ୍ ପିଲା କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର(ସବ୍ୟୁ): ସମସ୍ତ କାର୍ଯ୍ୟରେ ଏବେ ଆଧାର କାର୍ଡ ନିହାତି ଆବଶ୍ୟକ ହୋଇପଡ଼ିଛି । ମେଡ଼ିକାଲ ଗଲେ ବି ଏଣିକି କିଛି କ୍ଷେତ୍ରରେ ଆଧାର କାର୍ଡ ଆବଶ୍ୟକ ହେଉଛି । କେବଳ ବଡ଼ ଲୋକ ନୁହଁନ୍ତି କୁନି ପିଲାଙ୍କର ବି ଆଧାର ଜରୁରୀ । ଆଉ ଏଭଳି ପରିସ୍ଥିତିରେ ଆଧାର ପଞ୍ଜୀକରଣରେ ଅନିୟମିତତା ନେଇ ଜଣାପଡ଼ିଛି । ୦-୫ ବର୍ଷ ବୟସ ବର୍ଗରେ ଆଧାର ସାଚୁରେସନ୍ କମ୍ ଥିବାରୁ ବର୍ତ୍ତମାନ ମାତ୍ର ୩୯.୨ ପ୍ରତିଶତ ରହିଛି । ସେ ବିଷୟରେ ଚିନ୍ତା ପକଟ କରି ମୁଖ୍ୟ ସଚିବ(ସିଏସ୍) ଅଧିକାରୀମାନଙ୍କୁ ଜନ୍ମ ସମୟରେ ଆଧାର ପଞ୍ଜୀକରଣ ସୁନିଶ୍ଚିତ କରି କଭରେଜ୍ ତୀବ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତ ।

କଠୋର ଆଧାର ପଞ୍ଜୀକରଣ ପ୍ରକ୍ରିୟା ସେ%୦, ଓଡ଼ିଶାରେ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ୬୦ ପ୍ରତିଶତ ଏବଂ ୫-୧୮ ବର୍ଷ ବୟସ ପିଲାଙ୍କ ୯ ପ୍ରତିଶତ ପିଲାଙ୍କ ପାଖରେ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଦ୍ୱାରା ଜାରି କରାଯାଇଥିବା ସ୍ୱତନ୍ତ୍ର ପରିଚୟ ପତ୍ର ଆଧାର ନମ୍ବର ନାହିଁ । ହାଇଦ୍ରାବାଦସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରୟୁଆଇଡିଏଆଇ ଉପ-ମହାନିର୍ଦ୍ଦେଶକଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୦-୫ ବର୍ଷ ବୟସର ୩୨,୪୮,୬୩୨ ଜନସଂଖ୍ୟାର ୧୨,୭୩,୨୧୧ ପିଲା ଏବଂ ୫-୧୮ ବର୍ଷ ବୟସର ୧,୦୧,୮୪,୦୨୧ ବ୍ୟକ୍ତିଙ୍କ ମଧ୍ୟରୁ ୯୨,୬୨,୨୦୭ ପିଲାଙ୍କ ପାଇଁ ଆଧାର ସୃଷ୍ଟି କରାଯାଇଛି ।



ତଥାପି ରାଜ୍ୟର ଆକଳନ କରାଯାଇଥିବା ୪.୬୮ କୋଟି ଜନସଂଖ୍ୟା ମଧ୍ୟରୁ ମେ' ୩୧ ସୁଦ୍ଧା ୪.୬୮ କୋଟି ଲୋକଙ୍କ ପାଇଁ ଆଧାର ଜେନେରେସନ୍ ସମାପ୍ତ ହୋଇଛି । ପଞ୍ଜୀକରଣରେ ୧୮ ବର୍ଷରୁ ଅଧିକ ବୟସ ସୀମା ଅତିକ୍ରମ କରିଛି । କାରଣ ୩.୩୪ କୋଟି ଲୋକଙ୍କ ବଦଳରେ ୩.୬୨ କୋଟି ଲୋକଙ୍କ ପାଇଁ ଆଧାର ଜେନେରେଟ୍ କରାଯାଇଛି । ୦-୫ ବର୍ଷ ବୟସ ପିଲାଙ୍କ ପାଇଁ ଜିଲ୍ଲାଓ୍ୱାରୀ ଆଧାର ସାଚୁରେସନ୍ ମାନଚିତ୍ର ଅନୁଯାୟୀ, ୨୨ଟି ଜିଲ୍ଲାରେ ଏହି ବୟସ ପିଲାଙ୍କ ପାଇଁ ପଞ୍ଜୀକରଣ ୫୦ ପ୍ରତିଶତରୁ କମ୍ ଅଛି ।

ଅଧିକାରୀ କହିଛନ୍ତି ଯେ ଏହା ନିଷ୍ପତ୍ତି ନିଆଯାଇଛି ଯେ ଓଡିଶା ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥାର ପ୍ରକ୍ରିୟା ପ୍ରବାହକୁ ଆରବିଡି ଆଇନ ଅନୁଯାୟୀ ସଂଶୋଧନ କରାଯିବ । ଯାହା ଦ୍ୱାରା ମା'ଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରିବା ପୂର୍ବରୁ ଜନ୍ମ ପ୍ରମାଣପତ୍ର ପ୍ରଦାନ ନିଶ୍ଚିତ କରାଯିବ । ଜନ୍ମ ପ୍ରମାଣପତ୍ର ସହିତ ତୁରନ୍ତ ଆଧାର ପଞ୍ଜୀକରଣ କରାଯାଇପାରିବ । ସେହିପରି ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ ଦୁଇଟି ପର୍ଯ୍ୟାୟରେ କରାଯିବ ।

## ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

# ଅନ୍‌ଲାଇନ୍‌ରେ ପଞ୍ଜୀକରଣ ହେଲା ହଜାରେ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ସୋମବାର ଅର୍ଥାତ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଅନଲାଇନ ସ୍ଲଟ ବୁକିଂ ଆଜି ଶେଷ ହୋଇଛି ।

ଜନଶୁଣାଣି ପାଇଁ ବୁଧବାର ନିର୍ଦ୍ଧାରିତ ପୂର୍ବାହ୍ନ ୧୧ଟାରୁ ଜଣାଶୁଣାଣି ପୋର୍ଟାଲ ଖୋଲାଯାଇଥିଲା ଏବଂ ଅପରାହ୍ଣ ସୁଦ୍ଧା ସମସ୍ତ ୧୦୦୦ଟି ସ୍ଲଟ ବୁକିଂ ହୋଇସାରିଥିବା ଜଣାଯାଇଛି ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଗଷ୍ଟ ୧୧ ତାରିଖ ପୂର୍ବାହ୍ନ ୧୧ଟାରୁ ଭୁବନେଶ୍ୱରରୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

ଅନ୍‌ଲାଇନ୍ ପଞ୍ଜୀକରଣ କରିଥିବା ଜନସାଧାରଣ ସେମାନଙ୍କର ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଦୁଇଦିନ ପରେ ରକ୍ଷାବନ୍ଧନ

# ମୁଣ୍ଡବିନ୍ଧା ସାଜୁଛି ଲିଙ୍କ୍ ଫେଲ୍ ସମସ୍ୟା

### ପୋଷ୍ଟ ଅଫିସରେ ପ୍ରବଳ ଭିଡ଼

ଭୁବନେଶ୍ୱର(ସବ୍ୟୁ): ଶନିବାର ଅର୍ଥାତ ଦୁଇଦିନ ପରେ ରାକ୍ଷୀ ପୂର୍ଣ୍ଣିମା । ରାକ୍ଷୀକୁ ଏବେ ଡାକ ଅଡୁଆ । ରକ୍ଷାବନ୍ଧନ ପାଇଁ ପୋଷ୍ଟ ଅଫିସରେ ପ୍ରବଳ ଭିଡ଼ ବେଳେ ଗ୍ରାହକଙ୍କ ମୁଣ୍ଡବିନ୍ଧା ସାଜୁଛି ଲିଙ୍କ୍ ଫେଲ୍ ସମସ୍ୟା । ପିଏମଜିଠୁ ନେଇ ରାଜ୍ୟର ଅଧିକାଂଶ ପୋଷ୍ଟ ଅଫିସରେ ଅଚଳାବସ୍ଥା ଦେଖାଦେଇଥିବା ବେଳେ ଭାଇ ପାଖକୁ ଭଉଣୀ ରାକ୍ଷୀ ପଠାଇବାକୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଛିଡ଼ା ହେବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏଭଳି ବିକଳ ସ୍ଥିତିକୁ ଦେଖି ରାକ୍ଷୀ ପଠାଇବାକୁ ନାହିଁ ନଥିବା ଚାର୍ଜ କରୁଛନ୍ତି କୋରିୟର ସଂସ୍ଥା ।

ସବୁ ପୋଷ୍ଟ ଅଫିସରେ ଲମ୍ବା ଲମ୍ବା ଲାଇନ । ଗରମ ଗୁଲୁଗୁଳିରେ ଦୀର୍ଘ ସମୟ ଧରି ଛିଡା ହେବାକୁ ପଡୁଛି । ପୁଣି କାଉଣ୍ଟର ପାଖରେ ପହଞ୍ଚିଲେ କର୍ମଚାରୀ ଥରକେ ୨ଟା ରାକ୍ଷୀ ନେବାକୁ କହୁଛନ୍ତି । ଗତ ୩ ଦିନ ହେବ ଭୁବନେଶ୍ୱର ପିଏମଜିରେ ଥିବା ମୁଖ୍ୟ ପୋଷ୍ଟ ଅଫିସରେ ଦେଖିବାକୁ ମିଳିଛି ଏଭଳି ଅବସ୍ଥା । କେବଳ ପିଏମଜି ନୁହଁ, ଲିଙ୍କ୍ ଫେଲ୍ ସମସ୍ୟା ଯୋଗୁଁ ରାଜଧାନୀର ସବୁ ପୋଷ୍ଟ ଅଫିସରେ ସମାନ ସ୍ଥିତି । କାମ ହୋଇ ପାରୁ ନଥିବାରୁ ସେଠାରେ ଥିବା କର୍ମଚାରୀମାନେ ଗ୍ରାହକଙ୍କୁ ମୁଖ୍ୟ ପୋଷ୍ଟ ଅଫିସକୁ ପଠାଇ ଦେଉଛନ୍ତି । ଆଉ ଏଥିପାଇଁ ପିଏମଜିରେ ଦେଖିବାକୁ ମିଳିଛି ଲମ୍ବା ଲାଇନ୍ ।

## ପଟ୍ଟାମୁଣ୍ଡାଇରେ ଛାତ୍ରୀ ଜିଅନ୍ତା ଜଳିଯିବା ଘଟଣା

# ସରକାରଙ୍କ ଦାୟିତ୍ୱହୀନତା ଓ ନିଷ୍କ୍ରିୟତା ପାଇଁ ଜଳୁଛି ଛାତ୍ରୀଙ୍କ ଜୀବନ : ବିଜେଡି

ଭୁବନେଶ୍ୱର,(ସବ୍ୟୁ) : ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା, ବଲଙ୍ଗା ନାବାଳିକାଙ୍କୁ ପୋଡ଼ି ମାରିଦେବା ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ, ବୁଧବାର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା ପଞ୍ଚାୟତରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କିରୋସିନ ଢାଳି ହୋଇ ଆତ୍ମାହୂତି ଦେବା ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଛି । ଘଟଣାରେ ସରକାରଙ୍କ ନିଷ୍କ୍ରିୟତା ଓ ପୋଲିସ୍ ବିଭାଗର ଦାୟିତ୍ୱହୀନତାକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ମୁଖପାତ୍ର ଶ୍ରୀମତୀ ଇପ୍ସୀତା ସାହୁ ଓ ସୋଫିଆ ଆଲାମ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପୋଲିସର ନିଷ୍କ୍ରିୟତା ଓ ଦୁର୍ବଳ ଶାସନ ପାଇଁ ପୁଣି ଜଣେ ଛାତ୍ରୀଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇଛି ବିଜେପି ସରକାର । ଆଉ କେତେ ଜଣ ଜଳିଲେ, ଏ ସରକାର ଚେତିବେ ବୋଲି ବିଜେଡି ପ୍ରଶ୍ନ କରିଛି । ବିଜେପି ସରକାରକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶାରେ ନାରୀ ନିର୍ଯାତନା ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ପୀଡ଼ିତା ଛାତ୍ରୀ ଜନୈକ ଯୁବକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଲା ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ଅଭିଯୋଗକୁ ପୋଲିସ୍ ଗ୍ରହଣ ନ କରି, ଯେଉଁ ନମ୍ବରରୁ ତୁମକୁ ଫୋନ୍ କଲ୍ କିମ୍ବା ମେସେଜ୍ ଆସୁଛି, ସେ ନମ୍ବରକୁ ବ୍ଲକ କରି ନିରାପଦରେ ରହିବା ପାଇଁ ପରାମର୍ଶ ଦେଇଥିଲେ, ଏହା ପୋଲିସ୍‌ର କର୍ତ୍ତବ୍ୟ ପାଳନରେ ଚରମ ଅବହେଳା ନୁହେଁ କି ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଥିଲେ । ଯଦି ପୋଲିସ୍ ପୀଡ଼ିତାଙ୍କ ଏତଲାକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତାହେଲେ ଆଜି ଆଉ ଜଣେ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ବଞ୍ଚିଯାଇ ଥାଆନ୍ତା ବୋଲି ସେ କହିଛନ୍ତି ।

# ୪.୯୯ ଲକ୍ଷ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚାକିରି କରାଇଦେବା ବାହାନାରେ ଲିପୁନ କୁମାର ଜୟସିଂ ନାମକ ଜଣେ ଯୁବକଙ୍କ ଠାରୁ ୪.୯୯ ଲକ୍ଷ ଟଙ୍କା ଠକି ନେଇଥିବା ଆଲୋକ ଭୋଳ (୪୨) କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି ।

ଏତଲାକାରୀ ଲିପୁନ ଅଭିଯୁକ୍ତ ଆଲୋକ ଭୋଳ ସହ ଦୀର୍ଘ ୧୨ବର୍ଷ ହେବ ଜଣାଶୁଣା ଥିଲା । ୨/୩ମାସ ତଳେ ଆଲୋକକୁ ଲିପୁନ ଚାକିରି ସମ୍ପର୍କରେ କହିଥିଲା । ସେ ଏମ୍ସରେ ଚାକିରି କରୁଥିବାରୁ ସେଠାରେ ଚାକିରି କରାଇ ଦେବାକୁ କହି ଲିପୁନ ଠାରୁ ଫୋନ୍ ପେ'ମାଧ୍ୟମରେ ୪.୯୯ ଲକ୍ଷ ଟଙ୍କା ନେବା ପରେ ଚାକିରି କଥା ଆଲୋକ ବୁଝିଲାନାହିଁ । ବରଂ ଲିପୁନ ଫୋନ୍ ନମ୍ବରକୁ ବ୍ଲକ୍ କରିଦେଲା । ଅନ୍ୟ ଏକ ନମ୍ବରରୁ ଯୋଗାଯୋଗ କରିବା ପରେ ଆଲୋକ କହିଥିଲା ଯେ, ଏମ୍ସର କର୍ମଚାରୀ ରଶ୍ମିରଞ୍ଜନ ମହାନ୍ତିଙ୍କୁ ଟଙ୍କା ପଠାଇଛି । ଲିପୁନ ଏହା ଶୁଣିବା ପରେ ଆଲୋକକୁ ଟଙ୍କା ଫେରାଇ ସମ୍ପର୍କରେ ବାରମ୍ବାର କହିବାରୁ ସେ ଗାଳିଗୁଲଜ କରିଥିଲା । ଉପାୟଶୂନ୍ୟ ହୋଇ ଲିପୁନ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲା । ଅଭିଯୋଗ ଆଧାରରେ ପୋଲିସ ଆଲୋକକୁ ଗିରଫ କରିବା ପରେ ସେ ଟଙ୍କା ଖର୍ଚ୍ଚ କରିଦେଇଥିବା ପୋଲିସରେ କହିଛି । ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବାଣୀବିହାରରେ ଉତ୍ତେଜନା, ପୋଲିସ ମୁତୟନ

### ଭିସି ଅଫିସ୍ ସାମ୍ନାରେ ଧାରଣା

### ଅଣଛାତ୍ରଙ୍କୁ ନେଇ ଥାନାରେ ଏତଲା

ଭୁବନେଶ୍ୱର, (ସବ୍ୟୁ) : ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ପରେ ବାଣୀବିହାରରେ ଉତ୍ତେଜନା ଲାଗି ରହିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଭିସି ଅଫିସ୍ ସାମ୍ନାରେ ଧାରଣା ସାଙ୍ଗକୁ ଦୁଇଗୋଷ୍ଠୀ ପକ୍ଷରୁ ସହିଦନଗର ଥାନାରେ ଏତଲା ହୋଇଛି । ଏତଲାରେ ଗଣ୍ଡଗୋଳ ସମୟରେ ଅଣଛାତ୍ର ଥିବା ଦର୍ଶାଯାଇଛି ।

କେବଳ ବାଣୀବିହାର ନୁହେଁ, ଆଗକୁ ଛାତ୍ର ସଂସଦ ନିର୍ବାଚନକୁ ଲକ୍ଷ୍ୟରେ ରଖି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଛକାପଂଝା ଲାଗି ରହିଛି । କେତେବେଳେ ମୁହାଁମୁହିଁ ହେଲେଣି ତ ଆଉ କେତେବେଳେ ହାତାହାତି ହେଉଥିବା ଅଭିଯୋଗ ହେଉଛି । ସେହିପରି ବାଣୀବିହାରରେ ମଙ୍ଗଳବାର ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇ ହାତାହାତି ହେବାରୁ ଦୁଇଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସେହି ଘଟଣାକୁ ନେଇ ସହିଦନଗର ଥାନାରେ ଏତଲା ହେବା ପରେ ପୋଲିସ ତଦନ୍ତ କରୁଛି । ଅଣଛାତ୍ରଙ୍କୁ କେନ୍ଦ୍ର କରି ଭିସି ଅଫିସ୍ ସାମ୍ନାରେ ଗୋଟିଏ ଗୋଷ୍ଠୀ ଛାତ୍ର ଧାରଣାରେ ବସିଥିଲେ । ମଙ୍ଗଳବାର ଠାରୁ ବାଣୀବିହାରରେ ଉତ୍ତେଜନା ଲାଗି ରହିଥିବାରୁ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ସତର୍କ ନଜର ରଖିବା ସହ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି ।

ପୋଲିସ କହିବାନୁଯାୟୀ ବୁଧବାର ଗୋଟିଏ ଛାତ୍ର ଗୋଷ୍ଠୀ ଧାରଣାରେ ବସିବା ସହ ଭିସିଙ୍କୁ ଭେଟି ତାଙ୍କ ଅଭିଯୋଗ ଜଣାଇଛନ୍ତି । ଆହତ ଦୁଇ ଛାତ୍ରଙ୍କ ଅବସ୍ଥା ଭଲ ଅଛି । ଦୁଇ ଛାତ୍ରଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବା ପରେ ତାହା ପଞ୍ଜୀକରଣ କରାଯାଇଛି । ଅଭିଯୋଗ ଅନୁଯାୟୀ ତଦନ୍ତ ହେଉଥିଲେ ମଧ୍ୟ କ୍ୟାମ୍ପସ୍‌ରେ ପୋଲିସ ପଇଁତରା ମାରୁଛନ୍ତି ।

# ପେନସନ ଦାବିରେ ଦାବିପତ୍ର ଦେଲା ୬୬୨ ବର୍ଗ କଲେଜ ସଂଘ

ଖୋର୍ଦ୍ଧା, (ସବ୍ୟୁ) : ୬୬୨ ବର୍ଗ କଲେଜ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ତରଫରୁ ପେନସନ ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଶହ ଶହ ଅଧ୍ୟାପକ, କର୍ମଚାରୀ ସ୍ଥାନୀୟ ଗୀତା ଭବନ ଠାରୁ ଏକ ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୩୦ ବର୍ଷ ରୁ ଉର୍ଦ୍ଧ୍ୱର୍ କାଳ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କଲାପରେ ଅବସର ସମୟରେ ଖାଲି ହାତରେ ବିଦାୟ ନେଉଛନ୍ତି । ନା ଅଛି ଗ୍ରାଚ୍ୟୁଇଟି, ପେନସନ ନା କୌଣସି ଅବସରକାଳୀନ ସୁବିଧା । ଅବସର ପରେ ଶହ ଶହ କର୍ମଚାରୀ ହା ହୁତାସରେ କାଳାତିପାତ କରୁଛନ୍ତି । ସେମାନଙ୍କ ପାଇଁ କୌଣସି ଅବସରକାଳୀନ ସୁବିଧା ସରକାର ଏ ପର୍ଯ୍ୟନ୍ତ ଘୋଷଣା କଲେନାହିଁ । ବହୁ ଆନ୍ଦୋଳନ ପରେ ବିଗତ ସରକାର ଏକ ମୁଣ୍ଡାମୁଣ୍ଡି ପ୍ରାପ୍ୟ ୧୦ଲକ୍ଷ ଟଙ୍କା ଦେବେ ବୋଲି ୨୦୨୪ ମସିହା ମାର୍ଚ୍ଚ ମାସରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ । ନୂଆ ସରକାର ଆସିବା ପରେ ମଧ୍ୟ କିଛି ପଦକ୍ଷେପ ନେଇନାହାଁନ୍ତି । ଏହି ବର୍ଗର କଲେଜରୁ ଏତେ ସଂଖ୍ୟାରେ କର୍ମଚାରୀ ଅବସର ନେଉଛନ୍ତି ଯେ ଆଗାମୀ ୨୦୨୭ ମସିହା ସୁଦ୍ଧା ପ୍ରାୟ ୯୦ ଭାଗ କର୍ମଚାରୀ ଅବସର ନେଇଯିବ । ଚାକିରୀ ସର୍ତ୍ତାବଳୀ ସହ ପେନସନ ଘୋଷଣା କଲେ ଏହି ପଦବୀ ଗୁଡିକ ସ୍ଥାୟୀ ହେବ ସହିତ ଛାତ୍ରଛାତ୍ରୀ ଓ ଅନୁଷ୍ଠାନ ମାନଙ୍କର ଭବିଷ୍ୟତ ରକ୍ଷା ହୋଇପାରନ୍ତା । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଜିଲ୍ଲା ସଭାପତି ଡ. ତପନ କୁମାର ଜେନା, ରାଜ୍ୟ ସାଧାରଣ ସମ୍ପାଦକ ସତାପ ଉଦିନ ଅହମଦ ।



# ଆପୋଲୋ ହସ୍ପିଟାଲରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଭୁବନେଶ୍ୱର, (ସବ୍ୟୁ) : ମା' କ୍ଷୀରର ବିକଳ୍ପ ନାହିଁ । ଏହା ଅମୃତ ସମାନ । ଶିଶୁର ମାନସିକ ଶାରୀରିକ ବିକାଶରେ ଦିଗରେ ଏହା ସହାୟ ହେବା ସହିତ ତାକୁ ନିରୋଗ ରଖିଥାଏ । ବୁଧବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଆପୋଲୋ ହସପିଟାଲ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ହସ୍‌ପିଟାଲ ପରିସରରେ ଆୟୋଜିତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡ. ରଣଜିତ୍ ଯୋଶୀ, ଡା. ପ୍ରଭୀନ ପହୀ, ଡା. ମେଘମାଳା ସାଧୁଖାନ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ଶ୍ରୀମାନ ନାରାୟଣ ମିଶ୍ର, ଡା. ରଣଜିତ୍ ଯୋଶୀ ପ୍ରମୁଖ ଯୋଗଦେଇ ଶିଶୁକୁ ଅତିକମ୍‌ରେ ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ଅନ୍ୟ କୌଣସି ଖାଦ୍ୟ ନଦେଇ କେବଳ ମା' କ୍ଷୀର ଦେଲେ ତାର ସାମଗ୍ରିକ ବିକାଶ ଘଟିବା ସହିତ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ । ତେଣୁ ସବୁ ମା' ମାନେ ସେମାନଙ୍କ ଶିଶୁକୁ ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ଉଚିତ । ଯଦ୍ୱାରା ମା' ମାନଙ୍କର ସ୍ତନ କର୍କଟ ହେବା ସମ୍ଭାବନା କମିବା ସହିତ ଶିଶୁର ପୂର୍ଣ୍ଣ ବିକାଶ ଘଟିଥାଏ । ଏହି କାର୍ଯ୍ୟକ୍ରମରେ ଆପୋଲୋ ହସପିଟାଲର ବହୁ ଡାକ୍ତର, ନର୍ସ, ମହିଳାକର୍ମଚାରୀ ଯୋଗଦେଇ ଶିଶୁ ବିଶେଷଜ୍ଞମାନଙ୍କ ପରାମର୍ଶ ଶୁଣିଥିଲେ ।




# ଓକିଲଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ସୁରକ୍ଷା ଆଇନ୍ ଦାବି

ପୁରୀ: ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଓକିଲ ସଂଘର ସଭାପତି ସୁଶିଲ ଗଡ଼ନାୟକଙ୍କୁ ଦୃର୍ବୃତ୍ତ ମାନେ କରିଥିବା ମରଣାନ୍ତକ ଆକ୍ରମଣକୁ ପୁରୀ ଓକିଲ ସଂଘ ନିନ୍ଦା କରା ଯାଇଛି । ସୁଶିଲଙ୍କୁ ଆକ୍ରମଣ କରି ଥିବା ଦୃର୍ବୃତ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ସହ ସରକାର ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ବାର ଆସୋସିଏସନ୍ ପକ୍ଷରୁ ଦାବୀ ହୋଇଛି । ଶ୍ରୀ ଗଡ଼ନାୟକଙ୍କ ପେଟରେ ପିଠିରେ ଛୁରା ଭୁଷି ତାଙ୍କୁ ମାରି ଦେବା ପାଇଁ ଯୋଜନା ପୂର୍ବକ ଆକ୍ରମଣ କରା ଯାଇଛି । ଆହତ ସୁଶିଲଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏନେଇ ବୁଧବାର ପୁରୀ ଓକିଲ ସଂଘ ପକ୍ଷରୁ ଏକ ସଧାରଣ ସଭା ବୈଠକ ଅନୁଷ୍ଠିତ ହୋଇ ଥିଲା । ସଭାପତି ପ୍ରେମାନନ୍ଦ୍ ମହାନ୍ତିଙ୍କ ଅଧକ୍ଷତାରେ ବୈଠକ ବସି ଥିଲା । ସଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି ଯେ ଜଣେ ଆଇନଜୀବୀ ଓକିଲାତି ପେଶା କରିବା ବେଳେ ପ୍ରତିପକ୍ଷଙ୍କ ରୋଷର ଶୀକାର ହୁଏ, କିନ୍ତୁ ସାମାଜିକ ସ୍ତରରେ ତାର ସୁରକ୍ଷା ପାଇଁ ଆଇନ ନାହିଁ ।

# ରୋଟାରୀ ଇ କ୍ଲବ୍ ମହୋଦଧି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ରୋଟାରୀ ଇ କ୍ଲବ୍ ମହୋଦଧି, ଭୁବନେଶ୍ୱର ଓ ଏଗ୍ରିକୋ ୮୨ ବ୍ୟାଚ ( କୃଷି ମହାବିଦ୍ୟାଳୟ, ଓୟୁଏଟି) ଆନୁକୁଲ୍ୟରେ ବୁଧବାର କୁଜିମହଲ ଗୋଶାଳା (ଚନ୍ଦକା) ପରିସରରେ ବନ ମହୋତ୍ସବ ତଥା ଫଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା । ଏଥିରେ ୧୨ ଟି ଆମ୍ବ ଗଛ ଚାରା ସହିତ ୫ ଗୋଟି ପଣସ ଗଛଚାରା ରୋପଣ କରାଯାଇଛି । ରୋଟାରୀ ଇ କ୍ଲବ୍ ମହୋଦଧି ଓ ଏଗ୍ରିକୋ ୮୨ ବ୍ୟାଚ ତରଫରୁ ୨୯ ଜନ ସଦସ୍ୟ ଯୋଗ ଦେଇଥିଲେ । ଏହି କାର୍ଯକ୍ରମକୁ ରୋଟରିଆନ୍ ପ୍ରମଥ ଚନ୍ଦ୍ର ନାୟକ, ସମ୍ପାଦକ ପରିଚାଳନା କରିଥିଲେ, ରୋଟରିଆନ୍ ରମେଶ ଚନ୍ଦ୍ର ସାହାଣୀ ଉପ ସଭାପତି, ରୋଟାରୀଆନ୍ ସଂଗ୍ରାମ କେଶରୀ ପଟ୍ଟନାୟକ ପୂର୍ବତନ ସଭାପତି, ରୋଟାରୀଆନ୍ ନିରଞ୍ଜନ ସାହୁ ଯୋଗ ଦେଇଥିଲେ ଏବଂ ସୁରେନ୍ଦ୍ର କୁମାର ଦାସ ଓ ଶ୍ରୀନିବାସ ମାନସିଂହ ସହଯୋଗ କରିଥିଲେ ।



# କେନ୍ଦ୍ରାପଡ଼ା ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ସରକାରଙ୍କୁ କଂଗ୍ରେସର ଚେତାବନୀ

ଭୁବେନଶ୍ୱର ,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ଗ୍ରାମପଞ୍ଚାୟତର କାଠିଆପଡ଼ା ଗ୍ରାମରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି । ପୁରୁଷ ବନ୍ଧୁଙ୍କ ଅମାନବୀୟ ନିର୍ଯାତନା ବିରୋଧରେ ଅଭିଯୋଗ ସେ%୦ ପୋଲିସେ କାର୍ଯ୍ୟାନୁଷ୍ଠାନ ନ କରିବାରୁ ଜଣେ ୩ ଶେଷ ବର୍ଷ ଛାତ୍ରୀ ଚରମ ନିଷ୍ପତି ନେଇ ଆତ୍ମାହୁତି ଦେବା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି । ଉକ୍ତ ଘଟଣାକୁ ନେଇ ପିସିସି କୋଷାଧକ୍ଷ ତଥା କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର କଂଗ୍ରେସ ଯୁବନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ ଗଭୀର ଦୁଃଖ ପ୍ରକାଶ କରିବା ସହ ସରକାରଙ୍କ ନିକଟରେ ଛାତ୍ରୀଙ୍କ ନ୍ୟାୟ ଦାବି କରିଛନ୍ତି । ସେ କହିଛନ୍ତି ଉକ୍ତ ଘଟଣା ସରକାରୀ ବ୍ୟବସ୍ଥାର ଅବହେଳା ପାଇଁ ହୋଇଛି । ତେଣୁ ସରକାର ଏହି ଘଟଣାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଅବହେଳା କରିଥିବା ପୋଲିସ ଅଫିସରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ ସ୍ୱରୂପ ତାଙ୍କୁ ନିଲମ୍ବନ କରିବା ଏବଂ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାକୁ ସେ ଦାବି କରିଛନ୍ତି । ନଚେ ମୃତ ଛାତ୍ରୀଙ୍କ ନ୍ୟାୟ ପାଇଁ କେନ୍ଦ୍ରାପଡ଼ାରେ ଜୋରଦାର ଆନ୍ଦୋଳନ ହେବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ଇଂ ଦାଶ ।

# ନଗର କଂଗ୍ରେସର ସାଙ୍ଗଠନିକ ବୈଠକ

## ଡିଜି ଅଫିସ ଘେରାଉ ପାଇଁ ପ୍ରସ୍ତୁତି

କଟକ, (ସବ୍ୟୁ):କଟକ ନଗର କଂଗ୍ରେସ କମିଟିର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ସେଲଟର ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ସଂଗଠନକୁ ଜୋରଦାର ଓ କ୍ରିୟାଶୀଳ ସଂଗଠନରେ ପରିଣତ କରିବା ସହ ଯୁବ କଂଗ୍ରେସ, ମହିଳା କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନେ ଆଗାମୀ ଦିନରେ କଟକ ସହରରେ ଦୃଢ ଭାବେ କାର୍ଯ୍ୟ କରିବାକୁ ପାଇଁ ଶ୍ରୀ ମୋକିମ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଗାମୀ ଅଗଷ୍ଟ ୮ ତାରିଖରେ ବଲଙ୍ଗା ନାବାଳିକା ପୋଡି ଘଟଣାରେ ୩ ଦୃର୍ବୃତ୍ତଙ୍କ ଗିରଫ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ପୋଲିସ ଡିଜି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ କଟକ ସହରରୁ କିପରି ଅଧିକରୁ ଅଧିକ ଜନସାଧାରଣ ଯୋଗଦେବେ ସେଥିପାଇଁ ନେତୃତ୍ୱନ୍ଦମାନେ ଆଲୋଚନା କରିଥିଲେ । ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ଦଳୀୟ ସଂଗଠନ ଓ ଆଗାମୀ ପୌର ନିର୍ବାଚନରେ ମହିଳା ସାଥିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଜଣାଇବା ସହ ଡିଜି ଅଫିସ ସମ୍ମୁଖରେ ହେବାକୁ ଥିବା କାର୍ଯ୍ୟକ୍ରମ ସଫଳ କରିବାକୁ କହିଥିଲେ । ପୂର୍ବତନ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା କଟକ ସହରରେ ମହିଳା ସଂଗଠନ କିପରି ଆହୁରି ସୁଦୃଢ ହେବ ସେଥିପାଇଁ ସମସ୍ତ ମହିଳାମାନେ କାମ କରିବା ପାଇଁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ମଜୀଦ ଖାନ, ଅନିଲ ବେଉରା, କିଶୋର କୁମାର କର, କର୍ପୋରେଟର ତଥା କଟକ ମହାନଗର ନିଗମ ବିରୋଧୀ ଦଳ ନେତା ସନ୍ତୋଷ କୁମାର ଭୋଳ, କେ କାମେଶ୍ୱର ରାଓ, ବଟକୃଷ୍ଣ ସାହୁ, ଭାନୁ ସେନାପତି, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, କାଞ୍ଚନ ଦାସ, ଅନିତା ଦାସ, ସେକ ସମିମଉଲ୍ଲା, ରେଣୁବାଳା ଦାସ, ଅଜିତ ବେହେରା, ବରିଷ୍ଠ କଂଗ୍ରେସ ନେତା କାଶୀନାଥ ମଲ୍ଲିକ, ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।



# ଶିବୁ ସୋରେନଙ୍କ ବିୟୋଗରେ ଜେଏମଏମର ଶୋକସଭା

ବାରିପଦା, (ସବ୍ୟୁ) : ଜେଏମଏମର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରାକ୍ତନ ଝାଡଖଣ୍ଡ ରାଜ୍ୟ ମୁଖ୍ୟମନ୍ତ୍ରୀ ଦିଶମ ଗୁରୁ ଶିବୁ ସୋରେନଙ୍କର ଶୋକସଭା ବାରିପଦା ସହର ସଭାପତି ତରେନ ସେନାପତିଙ୍କ ନେତୃତ୍ୱରେ କରାଯାଇଛି । ଉପସ୍ଥିତ ଜେଏମଏମ ଦଳର ଆଗଧାଡିର କର୍ମୀ ସମେତ ସ୍ଥାନୀୟ ଜନସାଧାରଣ, ମାନ୍ୟଗନ୍ୟ ବ୍ୟକ୍ତି ଶୋକସଭାରେ ସାମିଲ ହେଇ ଦିଶମ ଗୁରୁ ଶିବୁ ସୋରେନଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ଗୁରୁଜୀ ଥିଲେ ଆଦିବାସୀ ସମାଜର ଭଗବାନ ଏବଂ ମସିହା ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳୀ ଝିଅ ତଥା ଗଣ୍ଡେୟା ବିଧାୟିକା କଳ୍ପନା ସୋରେନଙ୍କ ଶଶୁର ଏବଂ ଝାଡଖଣ୍ଡ ରାଜ୍ୟର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଓଡିଶା ରାଜ୍ୟ ଜେଏମଏମ ସଭାପତି ଅଞ୍ଜନୀ ସାରେନଙ୍କର ପିତା ଶିବୁ ସୋରେନ ଅଟନ୍ତି । ଗୁରୁଜୀଙ୍କର ମୟୂରଭଞ୍ଜ ପ୍ରୀତି କେତେ ଆମେ ଉଦାହରଣ ସ୍ୱରୂପ ନେଇପାରିବା । ସେ ବାରମ୍ବାର ମୟୂରଭଞ୍ଜ ଗସ୍ତ କରୁଥିଲେ ଏବଂ ମୟୂରଭଞ୍ଜରେ ବନ୍ଧୁ ବାନ୍ଧିଥିଲେ । ନିଜ ଝିଅ ଅଞ୍ଜନୀ ସୋରେନଙ୍କୁ ମୟୂରଭଞ୍ଜରେ ବିବାହ କରେଇ ଥିଲେ ଏବଂ ଦୁଇଜଣ ପୁତ୍ର ବଧୂ ରୂପେ ମୟୂରଭଞ୍ଜର ଝିଅ କଳ୍ପନା ସୋରେନ ଏବଂ ସୀତା ସୋରେନଙ୍କୁ ଗ୍ରହଣ କରିଥିଲେ । ଝାଡଖଣ୍ଡ ରାଜ୍ୟର ସୁଧଖୋର ମହାଜନ ମାନଙ୍କର ପାଇଁ ସେ କାଳଥିଲେ । ମହାଜନୀ ବ୍ୟବସ୍ଥାକୁ ହାଟେଇବା ପାଇଁ ଝାଡଖଣ୍ଡ ଆଦିବାସୀ ମାନଙ୍କୁ ଏକତ୍ରିତ କରି ଝାରଖଣ୍ଡର ସୁଧଖୋର ମହାଜନ ମାନଙ୍କର ବିରୋଧରେ ସ୍ୱରତ୍ତୋଳନ କରିଥିଲେ । ଯାହାଫଳରେ କି ମହାଜନ ମାନଙ୍କର ଭଡାଟିଆ ଗୁଣ୍ଡାମାନେ ଗୁରୁଜୀଙ୍କୁ ଅନେକ ଥର ହତ୍ୟା ଉଦ୍ୟମ ମଧ କରିଥିଲେ । ଗୁରୁଜୀଙ୍କ ର ପୈତୃକ ଗ୍ରାମ ନେମରା, ଗୋଲା ଏବଂ ଆଖପାଖ ଅଞ୍ଚଳରେ ସୁଧଖୋର ମାନଙ୍କର ବହୁତ ଆତଙ୍କ ଥିବାବେଳେ ସୁଧଖୋର ମାନେ ଗ୍ରାମବାସୀ ମାନଙ୍କୁ ଟଙ୍କା ଦେବା ସହ ପାଞ୍ଚଶହ ପ୍ରତିଶତ ସୁଧ ଆଦାୟ କରୁଥିଲେ ଏବଂ ଯେତେବେଳେ ଗ୍ରାମବାସୀ ମାନେ ଟଙ୍କା ଦେଇ ପାରୁନଥିଲେ ମହାଜନ ମାନେ ଚାଷ ଜମି ଗୁଡିକ ଜବଦସ୍ତ ଜମିକୁ ଏବଂ ଚାଷ ହେଇଥିବା ଧାନକୁ ଦଖଲ କରି ନେଉଥିଲେ । ଏଭଳିଆ ସ୍ଥିତିରେ ଗୁରୁଜୀ ଚିନ୍ତାକଲେ ଆଦିବାସୀମାନଙ୍କୁ ଏକତ୍ରିତ କରି ସୁଧଖୋର ମହାଜନଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ ଏବଂ ଆଦିବାସୀମାନଙ୍କୁ ଗୁରୁଜୀ ସୁଧଖୋର ମହାଜନଙ୍କ ଠାରୁ ମୁକ୍ତି ଦେଇଥିଲେ। ଫଳରେ କି ଲୋକ ମାନେ ଶିବୁ ସୋରେନଙ୍କ ଉପରେ ବିଶ୍ୱାସ, ଆସ୍ଥା ବଢ଼ି ଚାଲିଲା ଏବଂ ଜନସାଧାରଣ ଆଦିବାସୀ ମାନେ ଗୁରୁଜୀ, ମସିହା ବୋଲି ଆଖ୍ୟା ଦେଲେ ଓ ଭଗବାନ ବୋଲି ମାନିଲେ । ଏହାପରେ ଗୁରୁଜୀ ବିହାର ରାଜ୍ୟ ଠାରୁ ଅଲଗା କରି ଝାଡଖଣ୍ଡ ରାଜ୍ୟ ଗଠନ କରିଥିଲେ । ଝାଡଖଣ୍ଡ ରାଜ୍ୟରେ ମଧ ସେ ତିନିଥର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଥିଲେ । ଗୁରୁଜୀଙ୍କର ଜନ୍ମ ଜାନୁଆରୀ ୧୧ ୧୯୪୪ ମସିହାରେ ବିହାରର ହଜାରିବାଗ ଜିଲ୍ଲା ତଥା ବର୍ତ୍ତମାନର ରାମଗଡ଼ ଜିଲ୍ଲା ସ୍ଥିତ ନେମ୍ରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଜେଏମଏମର ପ୍ରତିଷ୍ଠାତା ଗୁରୁଜୀ ଶିବୁ ସୋରେନଙ୍କ ନୀତି ଆଦର୍ଶକୁ ପାଥେୟ କରି ଦଳର କର୍ମୀମାନେ ଆଗକୁ ଅଗ୍ରସର ହେବେ ବୋଲି ଜେଏମଏମର ଜିଲ୍ଲାସଭାପତି କୃଷ୍ଣଚନ୍ଦ୍ର ଦାସ ଉକ୍ତ ସଭାରେ ଯୋଗଦେଇ ବକ୍ତବ୍ୟରେ କହିଥିଲେ । ଏହି ସଭାରେ କେନ୍ଦ୍ରୀୟ କମିଟି ସଦସ୍ୟ ଦିବାକର ସୋରେନ, ରାଜ୍ୟପରିଷଦ ସଦସ୍ୟ ସନାତନ ମୁର୍ମୁ, ସୁଜିତ ବେହେରା, ଅଭିଷେକ ଦଣ୍ଡପାଟ ଓ ଜଗନ୍ନାଥ ସୋରେନ ପ୍ରମୁଖଙ୍କ ସହିତ ଶତାଧିକ ଶୁଭେଚ୍ଛୁ ଏବଂ କର୍ମୀ ଯୋଗ ଦେଇଥିଲେ ।



## ରାଜ୍ୟରେ ଛାତ୍ରୀ, ମହିଳା ଅସୁରକ୍ଷିତ

# ଯୁବ, ଛାତ୍ର ବିଜେଡି ପକ୍ଷରୁ ଏସପି କାର୍ଯ୍ୟାଳୟ ଠାରେ ବିକ୍ଷୋଭ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟରେ ସମସ୍ତ ବିଦ୍ୟାଳୟ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଶିଶୁ ଠାରୁ ଆରମ୍ଭ କରି ଛାତ୍ରୀ ଓ ମହିଳାଙ୍କ ପ୍ରତି ବଢୁଥିବା ବଳାତ୍କାର ଏବଂ ହତ୍ୟା ଜନିତ ଘଟଣା ଘଟୁଛି । ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀ ଆତ୍ମହତ୍ୟା, ମାଲକାନାଗିରି ଗଣ ଦୁଷ୍କର୍ମ, ନବରଙ୍ଗପୁର, କୋରାପୁଟ ଜିଲ୍ଲା ଭଳି ଅନେକ ଅଞ୍ଚଳରେ ସପ୍ତମ ଶ୍ରେଣୀ ଛାତ୍ରୀ ମାନଙ୍କୁ ବଳାତ୍କାର ଭଳି ଲଜ୍ଜା ଜନକ ସଙ୍ଗିନ ଘଟଣା ବୃଦ୍ଧି ପାଇଛି । ଏହି ସବୁ ଘଟଣାକୁ ନେଇ ରାଜ୍ୟରେ ଆଇଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆଜି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସମେତ ବିଜେଡି ଛାତ୍ର, ଯୁବ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟ ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡି ଥିବା ବେଳେ ରାଜ୍ୟ ସରକାର ଶିଶୁ ଛାତ୍ରୀ, ମହିଳା ସମେତ ସବୁ ଶ୍ରେଣୀର ମହିଳା ମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରିଥିଲେ । ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଧର୍ଷଣ, ଗୋଳନ୍ଥରା ଅଞ୍ଚଳରେ ନାବାଳିକା ଝିଅକୁ ଗଣଧର୍ଷଣ, ସାନଖେମୁଣ୍ଡି ଅଞ୍ଚଳର ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ସହିତ ରାଜ୍ୟରେ ଏହିଭଳି ଅନେକ ଘଟଣା ବୃଦ୍ଧି ପାଇଥିବା ବେଳେ ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଭଳି ଅନେକ ଘଟଣା ଘଟି ଚାଲିଛି । ଏହି ସବୁ ଘଟଣା ରେ ପ୍ରଶାସନିକ ଅବହେଳା ସାଙ୍ଗକୁ ସରକାରଙ୍କ ଅପାରଗତା ଯୋଗୁଁ ଆଜି ନାରୀ ସମାଜ ଅସୁରକ୍ଷିତ ହୋଇ ଯାଇଛି ବୋଲି ଅଭିଯୋଗ କରିଥିଲେ । ଗତ ଏକ ବର୍ଷ ଭିତରେ ରାଜ୍ୟରେ ଶାସନ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ଏହି କାର୍ଯ୍ୟକ୍ରମରେ ଅଜିତ ପଣ୍ଡା, ଶୋଭନ ନାୟକ, ଧିରେଶ ସାବତ, ନିଖିଳ ଚୈଛପୁରୀ, ପ୍ରମୋଦ ମହାରଣା, ସୂର୍ଯ୍ୟ କାନ୍ତ ସୁବୁଦ୍ଧି, ସମିର କୁମାର ମିଶ୍ର, ଦୁର୍ଗା ଲାଇକ, ଓମ ସେଠୀ, ସିମାଞ୍ଚଳ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




# ଉପଜିଲ୍ଲାପାଳଙ୍କୁ ଗଞ୍ଜାମ ଓକିଲ ସଙ୍ଘର ଦାବି

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଓକିଲ ସଂଘ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଥିଲେ । ବ୍ରହ୍ମପୁର ଉପଖଣ୍ଡ ସ୍ଥରୀୟ ପ୍ରଶାସନ ମାଜିଷ୍ଟ୍ରେଟ ମାନେ ମହକିଲ ମାନଙ୍କ ସତ୍ୟପାଠ ଗୁଡିକ ସବୁ ସମୟରେ କରୁନାହାନ୍ତି । ଫଳରେ ମହକିଲ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ପ୍ରତ୍ୟେକ ଦିନ ଅନ୍ୟୂନ ଜଣେ ମାଜିଷ୍ଟ୍ରେଟ ସତ୍ୟପାଠ କରିବା ପାଇଁ ମହଜୁଦ ରୁହନ୍ତୁ । ଜଣେ ବ୍ୟକ୍ତିର ଆଧାର କାର୍ଡରେ ଗୋଟିଏ ନାମ ଓ ଅନ୍ୟାନ୍ୟ ନିଜର ଦସ୍ତାବିଜ ଓ ନାମ ବର୍ଣ୍ଣନା ଭୁଲ ଥିଲେ ଉକ୍ତ ବ୍ୟକ୍ତି ଜଣକର ବୋଲି ସତ୍ୟପାଠ କରାଗଲେ ତାର କାମ ସବୁ ହେଇଯାଉଥିଲା । ବର୍ତ୍ତମାନ ମାଜିଷ୍ଟ୍ରେଟ ମାନେ ସତ୍ୟପାଠ ଆଉ କରୁ ନଥିବାରୁ ମହକିଲ ମାନେ ବହୁତ ହଇରାଣ ହେଉଛନ୍ତି । ତାକୁ ପୂର୍ବ ଭଳି କରାଯାଉଛି । ଅନୁସୂଚିତ ଓ ଜନଜାତି ମାନଙ୍କର ଜମି ବିକା ପାଇଁ ଏକ ଆଇନ ଅନୁଯାୟୀ ପ୍ରଶାସନର ଅନୁମତିର ଆବଶ୍ୟକ ରହିଛି । ତେଣୁ ମହକିଲ ମାନେ ଓ୍ୱାକଲାତନାମା ଦେଇ ଓକିଲ ନିଯୁକ୍ତି କରିଥାନ୍ତି । କିନ୍ତୁ ବିଭାଗୀୟ କିରାଣୀମାନେ ଏହା କରେଇଦେଉ ନାହାଁନ୍ତି ବୋଲି ଆଜି ସଭାପତି ମନୋଜ ପଟ୍ଟନାୟକ, ଉପ ସଭାପତି ତ୍ରିମୁଲ କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଓ ଅସିତ କୁମାର ସାବତଙ୍କ ସହିତ ବହୁ ଓକିଲ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ଥିଲେ ।

# ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ, ୩ ଗିରଫ

ଅନୁଗୁଳ,(ସବ୍ୟୁ): ଅନୁଗୁଳ ଜିଲ୍ଲା ବାଗଡ଼ିହି ଥାନା ଅଧିନ ବାରମଞ୍ଚା ଜଙ୍ଗଲରେ ଜଣେ ଯବତୀଙ୍କୁ ଗତ ଅଗଷ୍ଟ ୩ ତାରିଖରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା । ଏନେଇ ୫ ତାରିଖରେ ବାଗଡ଼ିହି ଥାନାରେ ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଥିଲା । ପୋଲିସ ମୁଖ୍ୟ ଅଭିଯୁକ୍ତ ରଞ୍ଜନ କୁମାର ମୁଖୀ ସମେତ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

# ଏକାଠି ହୋଇ ନାରୀଙ୍କୁ ସୁରକ୍ଷା ଦେବ ନାରୀ ନ୍ୟାୟବାହିନୀ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ଏବଂ ଅପରାଧୀଙ୍କୁ ଗିରଫ ନ କରିବା ଆଦି ବିଷୟକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ନାରୀ ନ୍ୟାୟ ବାହିନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ନାରୀ ନ୍ୟାୟ ବାହିନୀର ଆବାହିକା ପ୍ରଫେସର ଡ଼ ଗାୟତ୍ରୀ ବିଶ୍ୱାଳ କହିଛନ୍ତି ଯେ ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମା ଅତିକ୍ରମ କଲାଣି । ଏଥିପାଇଁ ଆମ ମଥା ଲଜାରେ ନଇଁ ଗଲାଣି ତଥାପି ସରକାର ଜାଗ୍ରତ ନ ହେବା ଆଶ୍ଚର୍ଯ୍ୟ କରୁଛି ।

ରାଜ୍ୟରେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ, ଅନେକ ଘଟଣା ଲୋକ ଲୋଚନକୁ ଆସୁନି, ଯାହା ଆସୁଛି ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହେଉଛି । ୪୪ ହଜାର ମହିଳା ଓ ଝିଅ ନିଖୋଜ ଅଛନ୍ତି ତାଙ୍କ ପତ୍ତା ମିଳୁନି । ଅପରାଧୀ ଖସି ଯାଉଛନ୍ତି ତେଣୁ ପୁଣି ଅପରାଧ କରିବାକୁ ସାହସ ମିଳୁଛି । ବାଲେଶ୍ୱର ଘଟଣାର ୨୬ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରକୃତ ଅପରାଧୀ କିଏ ଏ ପର୍ଯ୍ୟନ୍ତ ରହସ୍ୟ ଘେରରେ ।ବଲଙ୍ଗା ପୀଡିତା ଚାରିଥର ବୟାନ ଦେଇ ତିନି ଜଣ ଦୁର୍ବୃତ୍ତ ବାଇକରେ ଟେକିନେଇ କିରୋସିନାଳି ପୋଡ଼ିଥିଲେ ବୋଲି କହିଥିଲେ । ତେବେ ପୀଡ଼ିତାଙ୍କ ଦେହାନ୍ତ ପରେ ପୁଲିସ ଉକ୍ତ ଘଟଣାରେ କିଏ ସମ୍ପୃକ୍ତ ନ ଥିବା ପ୍ରକାଶ କରୁଛି, ଯାହା ଆଦୌ ଗ୍ରହଣୀୟ ନୁହେଁ । ଘଟଣା ଘଟିଥିବା ଅଞ୍ଚଳ ନିମାପଡା ହେଉଛି ଉପ ମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡାଙ୍କର । ଯିଏ କି ହେଉଛନ୍ତି ସେଠାର ବିଧାୟିକା । ପୁଣି ସେ ନିଜେ ଜଣେ ମହିଳା, ଅତି ଲଜ୍ୟାର ବିଷୟ ଏହି କି ଯେ ତଥାପି ବଲଙ୍ଗା ଅପରାଧୀ ମୁକ୍ତ ଆକାଶ ତଳେ ବୁଲୁଛି । ଶ୍ରମ ବିଭାଗ ତରଫରୁ କର୍ମଜୀବୀ ମହିଳାଙ୍କ ରାତ୍ର କାଳୀନ କାର୍ଯ୍ୟ କରିବାକୁ ନେଇ ଏକ ନିର୍ଦ୍ଦେଶାବଳୀ ଜାରୀ କରିଛି ଯାହାର ଗ୍ରହଣୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାର ଦିନରେ ନାରୀଙ୍କୁ ସୁରକ୍ଷା ଦେବାରେ ଅକ୍ଷମ ସେ ପୁଣି ରାତିରେ କଣ ସୁରକ୍ଷା ଦେବ ବୋଲି ଶ୍ରୀମତୀ ବିଶ୍ୱାଳ ଗଣ ମାଧ୍ୟମରେ ପ୍ରକାଶ କରିଛନ୍ତି । ନାରୀ ନ୍ୟାୟ ବାହିନୀ ଗ୍ରାମକୁ ଗ୍ରାମ ଯାଇ ମହିଳାଙ୍କୁ ସଚେତନ କରିବା ସହ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସହାୟତା ପ୍ରଦାନ କରିବା ଏବଂ ଅତ୍ୟାଚାରର ଶିକାର ହେଉଥିବା ମହିଳାଙ୍କ ନ୍ୟାୟ ପାଇଁ ଲଢେଇ କରିବା ହେଉଛି ନାରୀ ନ୍ୟାୟ ବାହିନୀର ଲକ୍ଷ ବୋଲି ଶ୍ରୀ ବିଶ୍ୱାଳ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ସେହିପରି ଆଜି ଏକ ୩ ଶେଷ ବର୍ଷ ନିଜ ଦେହରେ କିରୋସିନି ଢ଼ାଳି ପୋଡ଼ି ହୋଇ ମୃତ୍ୟୁ ବରଣ କରିଛି । ଯାହାକି ଓଡ଼ିଶା ପାଇଁ ପୁଣି ଲଜ୍ଜା । ପୋଲିସର ନିଷ୍କ୍ରିୟତା ପାଇଁ ଏଭଳି ଘଟଣା ଘଟୁଛି ବୋଲି ଶ୍ରୀମତୀ ବିଶ୍ୱାଳ ମତ ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମୀଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାରୀ ନ୍ୟାୟ ବାହିନୀର କୋର୍ କମିଟି ସଦସ୍ୟା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସୃଷ୍ଟି ସୋମେନ୍, ଶେଫାଳୀ ଶର୍ମା, ରଞ୍ଜୁକ୍ତା ବେହେରା, ସସ୍ମିତା ଘୋଷାଲ, ଜ୍ୟୋତ୍ସ୍ନା ବେହେରା ଓ ମଧୁମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




# କେନ୍ଦ୍ରାପଡ଼ା ଘଟଣାରେ ପିସିସି ଅନୁଧ୍ୟାନ କମିଟି ଘଟଣାସ୍ଥଳ ପରିଦର୍ଶନ କରିବ

ଭୁବନେଶ୍ୱର ,(ସବ୍ୟୁ): ରାଜ୍ୟରେ ନାରୀ ନିର୍ଯାତନା ଅଣାୟତ୍ତ ହୋଇଥିବା ବେଳେ ବୁଧବାର କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ଗ୍ରାମପଞ୍ଚାୟତର କାଠିଆପଡ଼ା ଗ୍ରାମରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି । ପୁରୁଷ ବନ୍ଧୁଙ୍କ ଅମାନବୀୟ ନିର୍ଯାତନା ବିରୋଧରେ ଅଭିଯୋଗ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ନ କରିବାରୁ ଜଣେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଚରମ ନିଷ୍ପତି ନେଇ ଆତ୍ମାହୁତି ଦେବା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି । ଏଥି ନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ୮ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି ।ଉକ୍ତ କମିଟିରେ ପିସିସି ଉପସଭାପତି ସସ୍ମିତା ବେହେରା ଅଧକ୍ଷା ରହିଥିବା ବେଳେ ପିସିସି ସମ୍ପାଦିକା ଡ. ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ପିସିସି ମୁଖପାତ୍ର ସୋନାଲି ସାହୁ, ଡ଼ ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ପିସିସି ପାନେଲିଷ୍ଟ ଅମ୍ରିତା ଦାସ ଓ ମଧୁସ୍ମିତା ଆଚାର୍ଯ୍ୟ ସଦସ୍ୟା ଭାବରେ ରହିଛନ୍ତି । ସେମାନେ ଆସନ୍ତାକାଲି ଅଗଷ୍ଟ ୭ ତାରିଖ, ଗୁରୁବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

# ଓକିଲଙ୍କ ଘରୁ ୩ ଲକ୍ଷ ଟଙ୍କା, ସୁନା ଚୋରି

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ବାର ଆସୋସିଏସନର ପୂର୍ବତନ ଉପସଭାପତି ତଥା ପୂର୍ବତନ ସରକାରୀ ଓକିଲ ହର୍ଷ ବର୍ଦ୍ଧନ ପଣ୍ଡାଙ୍କ କୁଲାଡ ବାସଭବନରୁ ମଙ୍ଗଳବାର ରାତିରେ ବଡ଼ ଧରଣର ଚୋରି ହୋଇଛି । ଦୁର୍ବୃତ୍ତମାନେ ତାଙ୍କ ଘରୁ ନଗଦ ୩ ଲକ୍ଷ ଟଙ୍କା, ପ୍ରାୟ ୧୦୦ ଗ୍ରାମ ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ଭଞ୍ଜନଗର ପୋଲିସ ବୁଧବାର ଏକ ମାମଲା ରୁଜୁ କରି ତଦନ୍ତ କରିଛି । ଗତକାଲି ରାତି ପ୍ରାୟ ୧୧ ଟା ସମୟରେ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ବେଡରୁମ ଆଲମିରା ଭାଙ୍ଗି ଲୁଟ କରିଥିଲେ ।

# ରରୁଆଁ ଥାନା ଏଏସ୍ଆଇ ପାଇଁ ବଢ଼ିଲା ଅଡୁଆ
## ବାଇକ୍ ଛଡ଼ାଇ ୨ହଜାର ଟଙ୍କା ଲାଞ୍ଚ, ଭିଡିଓ ଭାଇରାଲ

ବାରିପଦା, (ସବ୍ୟୁ) : ଦିନ ଦ୍ୱିପହରେ ଖୁଲମଖୁଲା ଲାଞ୍ଚ ନେଉଥିବା ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଏଏସଆଇଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ଭାବରେ ଭାଇରାଲ ହେବାରେ ଲାଗିଛି । ତେବେ ଏ ପୁଲିସ ବାବୁ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନାର ଏଏସଆଇ ମୀନକେତନ ପ୍ରଧାନ। ସୂଚନାଯୋଗ୍ୟ ଯେ, ଜଣେ ଲୋକଙ୍କ ବାଇକ୍ ଥାନାରୁ ଛାଡିବା ପାଇଁ ରରୁଆଁ ଥାନାର ଆସିଷ୍ଟାଣ୍ଟ ସବ୍‌ଇନ୍ସପେକଟର ଶ୍ରୀ ପ୍ରଧାନ ଲାଞ୍ଚ ନେଉଥିବାବେଳେ ଅନ୍ୟଜଣେ ଯୁବକ ଏହାକୁ ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ପୁଲିସ ବାବୁ ଜଣକ ମୋଟା ଅଙ୍କର ବେତନ ପାଉଥିବାବେଳେ ପୁଣି ଲାଞ୍ଚ ନେଉଥିବା ଭିଡିଓ ଯାହା ଏବେ ବହୁଳ ଭାବରେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି । ଏହି କଏଦ ଭିଡିଓରେ ପୋଲିସ ବାବୁ ଜଣକ ପଚାରୁଛନ୍ତି ଏହା ଚୋରି ଗାଡି ନୁହଁ ତ....? ପରେ ପୁଲିସ ବାବୁ ଜଣକ ଜଣେ ବ୍ୟକ୍ତିଙ୍କ ପାଖରୁ ଟଙ୍କା ନେଇ କିପରି ନିଜ ପକେଟ୍ ଗରମ କରୁଛନ୍ତି ତାହାର ଦୃଶ୍ୟ ଦେଖି ଏବେ ସମସ୍ତେ ଚକିତ ହୋଇ ପଡିରହିଛନ୍ତି। ଅନ୍ୟପକ୍ଷରେ ମୋହନ ସରକାର ସ୍ୱଚ୍ଛତା ଉପରେ ଅଧିକ ପ୍ରାଧାନ୍ୟ ଦେଉଥିବାବେଳେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏହି ଲାଞ୍ଚୁଆ ପୋଲିସ ଅଧିକାରୀଙ୍କ ବିରୋଧରେ କେଉଁ ପ୍ରକାରର ତଦନ୍ତ ହେଉଛି ବା କାର୍ଯ୍ୟାନୁଷ୍ଠାନ ନିଆଯାଉଅଛି ତାହା ସାଧାରଣରେ ଚର୍ଚ୍ଚା ହେଉଛି ।

# ଓକିଲଙ୍କୁ ଦୁର୍ବୃତ୍ତ ଓ ମନ୍ତ୍ରୀଙ୍କୁ ଅପରାଧୀଙ୍କ ମୁଖ୍ୟ କହିବା ବିଜେଡ଼ି ନେତାଙ୍କ ଦେବାଳିଆ ସ୍ଥିତିକୁ ଜଣାଉଛି : ବିଜେପି

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶାକୁ ପ୍ରତାରଣା ଦେଇଥିବା ବିଜୁ ଜନତା ଦଳ ସରକାର ଲୋକଙ୍କ ଦ୍ୱାରା ଗାଦିଚ୍ୟୁତ ହେବାପରେ କିଭଳି ଭାବରେ ରାଜ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ କୁତ୍ସିତ ରାଜନୀତି କରିବା ସହ ଔଷଧ ବିକଳରେ ତାଟିଆ କାମୁଡ଼ିବା ଭଳି ବ୍ୟବହାର କରୁଛି ତାହାକୁ ଲୋକଲୋଚନକୁ ଆଣିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ବ୍ରହ୍ମପୁର ହିଲପାଟଣା ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ବିଜେପି ନେତା ତଥା ବରିଷ୍ଠ ଆଇନଜିବୀ ପୀତବାସ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ଗତ ୨୯ ତାରିଖ ଦିନ ଗୋଳନ୍ଥରା ଚଟି ଛକ ନିକଟରେ ଘଟିଥିବା ଏକ ଦୁର୍ଘଟଣାକୁ ବିଜୁ ଜନତା ଦଳର ନେତା ଭୃଗୁ ବକ୍ସିପାତ୍ର ଓ ଲେଲିନ ମହାନ୍ତି ଯେଉଁପରି ଭାବରେ ତାକୁ ଅତିରଞ୍ଜିତ କରି ରାଜ୍ୟରେ ଆଇନ ଶୃଙ୍ଖଳା ଭୁଷୁଡି ପଡ଼ିଛି, ମନ୍ତ୍ରୀଙ୍କୁ ଏହି ଘଟଣାରେ ଟାଣି ଓଟାରି ସଂପୃକ୍ତ କରିବା ଓ ଦୁଇ ଯୁବ ଆଇନଜୀବୀଙ୍କୁ ଦୁର୍ବୃତ୍ତ ବୋଲି ଗତକାଲିର ସାମ୍ବାଦିକ ସମ୍ମିଳନୀରେ କହିବା ବିଜୁ ଜନତା ଦଳର ରାଜନୈତିକ ଦେବାଳିଆ ପଣକୁ ସ୍ପଷ୍ଟ ଇଙ୍ଗିତ କରୁଛି । ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ ଘଣ୍ଟ ସମୟରେ ଏକ କାର୍ ଅତି ଦ୍ରୁତଗତିରେ ଆଇନଜୀବୀ ଅଜିତ କରଙ୍କ ମା', ଯିଏ କି ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିଲେ ତାଙ୍କ ଉପରକୁ ମାଡ଼ି ଆସିବାରୁ ସେ ଉକ୍ତ କାର୍ ଧMIରେ ଛିଟିକି ପଡିଗଲେ । ଏହି ଘଟଣାକୁ ନେଇ ଆଇନଜୀବୀ ଅଜିତ କର ଓ ତାଙ୍କ ମା' ନନ୍ଦିନୀ କର ପ୍ରତିବାଦ କରିବାରୁ କାର୍‌ରେ ବସିଥିବା ଚାରି ଜଣ ବ୍ୟକ୍ତି ଓ ପଛରେ ଅନ୍ୟ ଏକ କାର୍‌ରେ ବସିଥିବା ଛଅ ଜଣ ମହିଳା ମିଶି ଆଇନଜୀବୀ ଅଜିତ କର ଓ ତାଙ୍କ ମା' ଙ୍କୁ ଆକ୍ରମଣ କରିଥିଲେ । ଯାହାକି ସ୍ଥାନୀୟ ଗୋଳନ୍ଥରା ଥାନାରେ ଏତଲା ମଧ ହୋଇଛି । ଘଟଣାର ପରବର୍ତ୍ତି ପର୍ଯ୍ୟାୟରେ ସ୍ଥାନୀୟ ଓ ରାସ୍ତାରେ ଯାଉଥିବା ଲୋକମାନେ ଏକାଠି ହୋଇ ଏହାର ପ୍ରତିବାଦ କରିଥିଲେ । ଫଳରେ ଜଣେ ଯୁବକ ଆହତ ହୋଇଥିବା ଥାନାରେ ମଧ ଅଭିଯୋଗ ହୋଇଛି । ତେବେ ଏହି ଘଟଣାକୁ ନେଇ ବିଜୁ ଜନତା ଦଳର ନେତା ମାନେ ଯେଉଁପରି ଶବ୍ଦ ଓ ଭଙ୍ଗୀ ପ୍ରଦର୍ଶନ କରୁଛନ୍ତି ତାହା ଓଡ଼ିଶା ଲୋକ ତଥା ଆମ ଜିଲ୍ଲାବାସୀ ଭଲ ଭାବରେ ଜାଣିଛନ୍ତି । ଅପରାଧୀଙ୍କୁ ଗତ ଚବିଶ ବର୍ଷ ଧରି ଯେଉଁ ମାନେ ସୁରକ୍ଷା ଦେଇଥିଲେ, ଗତ ନିର୍ବାଚନ ସମୟରେ ରକ୍ତମୁଖା ହୋଇ ବିଜେପି କର୍ମୀ ମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣା ଜିଲ୍ଲାବାସୀ ଭୁଲି ନାହାଁନ୍ତି । ଲୋଚାପଡ଼ା, ହୁଗୁଳାପଟା, କନିସି, ଗୋଳନ୍ଥରା ଗାଁ ମାନଙ୍କରେ ସଶସ୍ତ୍ର ବିଜେଡ଼ି ନେତା ଓ କର୍ମୀ ମାନଙ୍କର ଆକ୍ରମଣ ଘଟଣା ଗୋପାଳପୁରବାସୀ ତଥା ଜିଲ୍ଲାବାସୀ ମାନେ ରଖିଛନ୍ତି । ଏହି ପରୀପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀଙ୍କ ଉପରେ ଯେଉଁ କଟୁ ମନ୍ତବ୍ୟ ବିଜେଡ଼ି ନେତା ମାନେ ଦେଇଛନ୍ତି ତାକୁ ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ମନ୍ତ୍ରୀ ତାଙ୍କ ରାଜନୈତିକ ଜୀବନ ମଧ୍ୟରେ କେବେ ମଧ ଅପରାଧିଙ୍କୁ ପ୍ରଶୟ ଦେବାର ନଜିର ନାହିଁ । ସୂର୍ଯ୍ୟ ଯେପରି ସ୍ୱଚ୍ଛ ଓ ନିର୍ମଳ, ମନ୍ତ୍ରୀ ସେହିପରି ସ୍ୱଚ୍ଛ ନିର୍ମଳ । ରାଜ୍ୟରେ ମୋହନ ମାଝୀ ସରକାରଙ୍କ ଜନମୁଖି କାର୍ଯ୍ୟକୁ ସହ୍ୟ ନକରିପାରି ଓ ଗତ ନିର୍ବାଚନରେ ପରାଜୟର ଗ୍ଲାନିକୁ ଭୁଲି ନପାରି ବିଜୁ ଜନତା ଦଳର ନେତା ମାନେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବୋଲି ବରିଷ୍ଠ ନେତା ପୀତବାସ ପଣ୍ଡା କହିଛନ୍ତି । ଏହା ସହ କିଛି ଘଟଣାକୁ ଅତିରଞ୍ଜିତ କରି ସାଧାରଣ ଲୋକଙ୍କୁ ଭୁଆଁ ବୁଲେଇବାକୁ ବିଜେଡ଼ି ନେତା ଚେଷ୍ଟା କରୁଛନ୍ତି । ଏଥିରେ କେବେ ହେଲେ ସଫଳ ହେବେ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି । କୌଣସି ତଥ୍ୟ ଏବଂ ସତ୍ୟତା ନଥାଇ ବିଜୁ ଜନତା ଦଳର ନେତା ମାନେ ଗତକାଲି ସାମ୍ବାଦିକ ସମ୍ମଳନୀରେ କହିଲେ ଯେ ବ୍ରହ୍ମପୁରର ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଆକ୍ରମଣ ହୋଇଛି, ଯାହା ସମ୍ପୂର୍ଣ ମିଥ୍ୟା ଅଟେ । ଉଲ୍ଲେଖଯୋଗ୍ୟ ଯେ ଆହତ ଯୁବକ ଜଣଙ୍କ ଆଇନଜୀବି ନୁହଁନ୍ତି । ଏହିପରିକି ଗୋଳନ୍ଥରା ସ୍ଥିତ ବନ୍ଦେ ମାତରଂ ଭବନ ନିକଟରେ ଗଣ୍ଡଗୋଳ ହୋଇଥିବା ଘଟଣା ମଧ ସମ୍ପୂର୍ଣ୍ଣ ମିଥ୍ୟା ଅଟେ ଏବଂ ଗଞ୍ଜାମ ଓକିଲ ସଂଘ ଅଭିଯୁକ୍ତ ମାନଙ୍କ ପାଇଁ ନଲଢ଼ିବା କଥା । ଯେଉଁ ବିଜୁ ଜନତା ଦଳ ପକ୍ଷରୁ ପ୍ରେସ୍ ନୋଟରେ କୁହା ଯାଇଛି ସେଥିରେ ମଧ କୌଣସି ସତ୍ୟତା ନାହିଁ ବରଂ ଏହି ଘଟଣାରେ ଦୁଇ ଜଣ ଯୁବ ଆଇନଜୀବୀଙ୍କୁ ମିଥ୍ୟାରେ ସଂପୃକ୍ତି କରାଯାଇଛି । ବିଜୁ ଜନତା ଦଳ ତାଙ୍କ ନିଜର ଅନ୍ତକନ୍ଦଳ ଲୁଚାଇବାକୁ ଯାଇ ଏଭଳି ମିଥ୍ୟା ଆରୋପ କରୁଛି । ଏଣୁ ବିଜୁ ଜନତା ଦଳର ନେତା ମାନେ ସତ୍ୟକୁ କେତେ ବିଦ୍ରୁପ କଲେ ମଧ ଏଥିରେ ସଫଳ ହୋଇପାରିବେ ନାହିଁ ବୋଲି ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀକୁ' ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।




# ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ ସଂଘ ଉପ-ସଭାପତିଙ୍କ ପରଲୋକ



କଟକ, (ସ୍ୱପ୍ର) : ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ବରିଷ୍ଠ ଉପସଭାପତି ସୁଦର୍ଶନ ପ୍ରଧାନଙ୍କ ୬୬ବର୍ଷ ବୟସରେ ବାଲିସାହି ସ୍ଥିତ ବାସଭବନରେ ବୁଧୁବାର ପରଲୋକ ଘଟିଛି । ତାଙ୍କ ମୃତ ଖବର ପ୍ରଘଟ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଶେଷ ସମୟରେ ବଡଭାଇ ନିରଞ୍ଜନ ପ୍ରଧାନ, ସାନଭାଇ ନବଘନ ପ୍ରଧାନ, ପତ୍ନୀ ପୁଷ୍ପଲତା ପ୍ରଧାନ, ବଡପୁଅ ସ୍ୱରୁପ ରଞ୍ଜନ ପ୍ରଧାନ, ସାନପୁଅ ସ୍ମୃତିରଞ୍ଜନ ପ୍ରଧାନଙ୍କ ସମେତ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଖାନନଗର ସ୍ଥିତ ସ୍ୱର୍ଗଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗଧାମରେ ସଂଘର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଂଚି ସ୍ୱର୍ଗତ ପ୍ରଧାନଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଡପୁଅ ସ୍ୱରୁପ ପ୍ରଧାନ ମୁଖାଗ୍ନୀ ଦେଇଥିଲେ । ଶେଷକୃତ୍ୟ ସମ୍ପନ୍ନ ବେଳେ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତଃ ପ୍ରଧାନଙ୍କ ଶେଷ ଦର୍ଶନ କରିବା ସହିତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ଚାକିରୀ ସର୍ତ୍ତାବଳୀ, ପେନସନ ଦାବି

## ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ,କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ୬୬୨ ସଂଘର ଦାବି ପତ୍ର



ଢେଙ୍କାନାଳ,(ସବ୍ୟୁ): ଢ଼େଙ୍କାନାଳ ଜିଲ୍ଲାରେ ଥିବା ୬୬୨ ସଙ୍ଘ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବା ସହିତ ଚାକିରୀ ସର୍ତ୍ତବଳୀ ଏବଂ ପେନସନ ଦାବୀରେ ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ତଥା ଜିଲ୍ଲାରେ ୬୬୨ ବର୍ଗର କଲେଜ ଗୁଡିକ ଗ୍ରାମାଞ୍ଚଳରେ ୬୦ ଭାଗ ଶିକ୍ଷାପ୍ରଦାନ କରୁଛନ୍ତି। ଏହି ମହାବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଅଧ୍ୟାପକ,ଅଧ୍ୟାପିକା ଏବଂ କର୍ମଚାରୀମାନେ ଦୀର୍ଘ ୩୦ରୁ ୩୫ ବର୍ଷ ଚାକିରୀ କରିବା ପରେ ଅବସର ନେବା ପରେ ଟଙ୍କାଟିଏ ବି ପେନସନ ନାହିଁ। ଚାକିରୀ ସର୍ତ୍ତାବଳୀ ଏବଂ ପେନସନ ଦାବୀରେ ଏକ ବିଶାଳ ଶୋଭାଯାତ୍ରା କୋଟ ଛକଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଗୋଲକ ନାୟକ ଯୋଗଦେଇ ସରକାରଙ୍କୁ ସଚେତନ କରାଇବା ସହିତ ବର୍ତ୍ତମାନର ସରକାର ତୁରନ୍ତ ଦାବୀ ପୂରଣ କରିବାକୁ ନିବେଦନ କରିଛନ୍ତି। ବିନା ଟଙ୍କାରେ ୧୫ବର୍ଷ କାମ କରିବା ପରେ ସରକାର ଯେଉଁ ଦରମା ପ୍ରଦାନ କରୁଛନ୍ତି ତାହା ସହିତ ପେନସନ ପ୍ରଦାନ କରିବାକୁ ଦାବୀ କରିଛନ୍ତି।ସରକାର ଦାବୀ ପୂରଣ ନକଲେ ୧୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମଜିରେ କଲେଜ ବନ୍ଦ କରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସଭାପତି ସମୀର ସାହୁ, ପୂର୍ବତନ ସଭାପତି ବିଜୟ କୁମାର ପଟ୍ଟନାୟକ, ସମ୍ପାଦକ ପ୍ରଭାତ କୁମାର ସାମଲ,ଶିଶିର କୁମାର ରାଉତ,ଜିଲ୍ଲା ଉପସଭାପତି କବିତା ମହାନ୍ତି,ପ୍ରଦୀପ ମିଶ୍ର, ପୁଷ୍ପଲତା ରଥଙ୍କ ସହିତ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ।

## ସାକୋସିଂହା ଗ୍ରାମରେ ଭାଗବତ ପ୍ରତିଯୋଗିତା

ବଅଁରପାଳ ,(ସବ୍ୟୁ): ବଅଁରପାଳ ବ୍ଲକ ସାକୋସିଂହା ଗ୍ରାମର ବୋଲ୍ ବମ୍ କମିଟି ଓ ଅଗ୍ନୀରୂପା ପୁରାଣ ମହାମଞ୍ଚ ତାଳଚେର ମିଳିତ ଆନୁକୁଲ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ତଥା ତ୍ରୟୋଦଶ ଭାଗବତ ପ୍ରତିଯୋଗିତା ସାକୋଷିଂହା କାଶୀ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୮ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଭାଗବତ ପ୍ରତିଯୋଗିତା ରେ ବଡ଼ଯୋରଡ଼ା ପ୍ରଥମ, ମାନପୁର ଦ୍ୱିତୀୟ, ବ୍ରଜନାଥପୁର ତୃତୀୟ, ସାନକଞ୍ଜିନି ଚତୁର୍ଥ ଦଳ ଭାବରେ ବିଜେତା ହୋଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସ୍ୱତନ୍ତ୍ରାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ହରିହର ପାଣିଗ୍ରାହୀ, ଜ୍ଞାନଗୁରୁ ଭାବେ ଗାୟକ ବୃନ୍ଦାବନ ପଣ୍ଡା ଓ ଗବେଷିକା ସ୍ୱର୍ଣ୍ଣପ୍ରଭା ପ୍ରଧାନ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ କୁନୀ ପ୍ରବଚିକା ସାଇ ଜିଜ୍ଞାସା ବାରିକ ଭାଗବତ ପୁରାଣ ସମ୍ପର୍କିତ ଅଘାସୁର୍ ବଧ କାହାଣୀ ଉପସ୍ଥାପନ କରିଥିଲେ । ଛୋଟ ଛୋଟ ଶିଶୁ କଳାକାରମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୁରାଣ ମହାମଞ୍ଚ ର ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଭୁକ୍ତା ସଂଚାଳନ କରିଥିବା ବେଳେ ସୁଶୀଲ ପ୍ରଧାନ, ଲମ୍ବୋଦର ମହାପାତ୍ର, ମୀନାକ୍ଷୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ବିଚାରକ ମଣ୍ଡଳୀ ଭାବେ ଦିଲ୍ଲୀପ ଭୁକ୍ତା, ସରସ୍ୱତୀ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ସାହୁ, ଗାୟକ ବିଭୂତି ଭୂଷଣ ନାଥ, ତ୍ରିନାଥ ଗଡ଼ନାୟକ ଦାୟିତ୍ୱ ନିର୍ବାହ କରିଥିଲେ ।

## ଶିକ୍ଷକ ବିଦାୟକାଳୀନ ସମ୍ବର୍ଦ୍ଧନା

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ଉରୁକୁଳା ପଞ୍ଚାୟତ ର ଉରୁକୁଳା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଶୁକ୍ରବାର ଦିନ ଅବସରଗ୍ରହଣ କରିଛନ୍ତି । ଅବସରପ୍ରାପ୍ତ ଅଧ୍ୟାପକ ଲମ୍ବୋଦର ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁରୁଚି ସମ୍ପୂର୍ଣ୍ଣା ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ପୂର୍ବତନ ଶିକ୍ଷକ ପିତାମ୍ୱର ପ୍ରଧାନ , ଶ୍ରୀନିବାସ ଦେହୁରୀ , ସମିତି ସଭ୍ୟ ଧନେଶ୍ୱର ସାହୁ, ପୂର୍ବତନି ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଭୋଲାନାଥ ବେହେରା , ଅବସରପ୍ରାପ୍ତ ଶାନ୍ତି ବାହିନି ଶିବରାମ ବେହେରା , କାହ୍ନୁ ଚରଣ ସେଠୀ ଯୋଗ ଦେଇ ଅବସର ନେଇଥିବା ଶିକ୍ଷକ ପ୍ରଦୀପଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ । ସେହି ପରି ହଣ୍ଡପା ହାଇସ୍କୁଲ ର ସହକାରୀ ଶିକ୍ଷକ ବିପିନି ବିହାରୀ ସାମଲ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ବର୍ଷ ହେବ ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଥିବା ବେଳେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଶନିବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ମୟୀ ବେହେରାଙ୍କ ସଭାପତିତ୍ୱରେ ତାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି ।

# ପାଖେଇ ଆସୁଛି ରାକ୍ଷୀ

ଗଁଦିଆ ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ଗଁଦିଆରେ ରାକ୍ଷୀ ପାଇଁ ଗାଁ ଠାରୁ ପ୍ରତ୍ୟେକ ସ୍ଥାନରେ ରାକ୍ଷୀର ପସରା ଖୋଲିଛି। ପର୍ବ ଯେତିକି ପାଖେଇ ଆସୁଛି ଦୋକାନ ମାନଙ୍କରେ ସେତିକି ଭିଡ ଜମୁଛି। ଆଗକୁ ଆସୁଛି ରାକ୍ଷୀ ପୂର୍ଣ୍ଣିମା ।ପ୍ରଭୁ ବଳଦେବ ଜୀଉଙ୍କର ଜନ୍ମ ଦିନ ।ଶ୍ରାବଣ ପୂର୍ଣ୍ଣିମା ରେ ପାଳନ ହେଉଥିବା ରାକ୍ଷୀ ବନ୍ଧନ ଉତ୍ସବ ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ କରିଥାଏ । ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀ ଚନ୍ଦନ,ହଳଦୀ,ଦୀପ, ଅରୁଆ ଚାଉଳ ରଖି ପୂଜା ଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ତାର ଶୁଭ ମନାସି ଦୀର୍ଘାୟୁ କାମନା କରିଥାନ୍ତି। ଭାଇ ନିଜ ଭଉଣୀର ସୁଖ ଦୁଃଖରେ ସହ ଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ।ଏଇ ମାସର ୯ ତାରିଖରେ ସବୁଠି ଆନନ୍ଦ ଉଲ୍ଲାସ ସହ ପାଳିତ ହବ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉତ୍ସାବ । ରାକ୍ଷୀ ବନ୍ଧନ ଉତ୍ସାବକୁ ନେଇ ଗଁଦିଆ ଗ୍ରାମାଞ୍ଚଳ ଓ ସହର ଚଳଚଞ୍ଚଳ ହୋଇପଡ଼ିଥିଲା ବେଳେ ରାକ୍ଷୀ ବ୍ୟବସାୟ ଜୋର ଧରିଛି । ରାକ୍ଷୀ ପୂର୍ଣ୍ଣିମାକୁ ନେଇ ଗଁଦିଆ ଅଂଚଳ ବାସୀ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମାଳ ମାଳ ରାକ୍ଷୀ ଦୋକାନ ଦେଖିବାକୁ ମିଳୁଛି ।ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ବେଳେ ଏକ ଟଙ୍କାରୁ ଆରମ୍ଭ କରି ପାଞ୍ଚ ସହ ଟଙ୍କା ପର୍ଯ୍ୟନ୍ତ ରାକ୍ଷୀ ବିକ୍ରି ହେଉଛି।ବିଶେଷ କରି ବ୍ରେସଲେଟ ଶୈଳୀର ଷ୍ଟୋନ ରାକ୍ଷୀର ବିଶେଷ ଚାହିଦା ରହିଛି । ବଜାରରେ ରୁଦ୍ରାକ୍ଷ ରାକ୍ଷୀର ମଧ୍ୟ ବେଶ ଡିମାଣ୍ଡ ରହିଛି ।ଆମ ହିନ୍ଦୁ ଧର୍ମରେ ରୁଦ୍ରାକ୍ଷକୁ ଅତ୍ୟନ୍ତ ପବିତ୍ର ଓ ରକ୍ଷା କବଚ ବୋଲି ବିବେଚନା କରାଯାଏ । କଷ୍ଟମଜଡ଼ , ପାର୍ସୀନାଲିଜ ରାକ୍ଷୀରେ ମଧ୍ୟ ରୁଦ୍ରାକ୍ଷ ଗୁନ୍ଥା ହୋଇ ରହିଛି ।ଏହି ସବୁ ଦାମ ୩୦ ଟଙ୍କାରୁ ଆରମ୍ଭ କରି ଡିଜାଇନ ଅନୁସାରେ ମୂଲ୍ୟ ରହିଛି ।ଆଗଭଳି ଏବେ ମଧ୍ୟ ବଜାରରେ ଷ୍ଟୋନ,କ୍ରିଷ୍ଟାଲ,ଚେନ୍ କାର୍ଟୁନ ଓ ଫ୍ୟାନସି ରାକ୍ଷୀ ଉପଲବ୍ଧ ହେଉଛି ।ହେଲେ ଏବେ ଷ୍ଟୋନ ଓ କ୍ରିଷ୍ଟାଲ ରାକ୍ଷୀର ଚାହିଦା ବେଶୀ ରହିଛି । ଯାହାର ମୂଲ୍ୟ ୨୦ ଟଙ୍କା ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।. କୁନି କୁନି ପିଲାଙ୍କ ପାଇଁ ଛୋଟାଭୀମ, ମୋଟୁ ପତଲୁ, ସ୍ପାଇଡ଼ରମ୍ୟାନ, ଡୋରେମନ, ଆଂଗ୍ରୀ ବାର୍ଡ ଭଳି କାର୍ଟୁନ ରାକ୍ଷୀ ରହିଛି ।ଏହା ସହ ପ୍ରଜା ପତି ମୋବଇଲ ରାକ୍ଷୀ କାର୍ଟୁନ ରାକ୍ଷୀ ଆଦି ମିଳୁଛି ।ଏଗୁଡିକ ୧୦ ଟଙ୍କାରୁ ଆରମ୍ଭ କରି ୨୦୦ ପର୍ଯ୍ୟନ୍ତ ରହିଛି । ଏହାଛଡା ଅଳେଇଚ, ଲବଙ୍ଗ, ସିନ୍ଦୁର ଚନ୍ଦନ, ଚାଉଳ ମିଶ୍ରିତ ଆଦି ସଜା ହଉଥିବା ରାକ୍ଷୀ ଥାଳିର ଆଦର ରହିଛି ।ଏହାର ଦାମ ୨୦ ଟଙ୍କା ରୁ ଆରମ୍ଭ କରି ୨୦୦ ଟଙ୍କା ଭିତରେ ରହିଛି । କୋଲକତା, ଦିଲ୍ଲୀ, ମହାରାଷ୍ଟ୍ର ଓ କଟକ ରୁ ପ୍ରତି ବର୍ଷ ଏହି ରାକ୍ଷୀ ଗଁଦିଆ କୁ ଆସିଥାଏ । ଅନ୍ୟ ପକ୍ଷରେ ରାକ୍ଷୀ ବିକ୍ରି କରୁଥିବା ବ୍ୟବସାୟୀ ମାନେ ଏ ବର୍ଷ ରାକ୍ଷୀ ବିକ୍ରି କରି ଭଲ ଦି ପଇସା ରୋଜଗାର କରିବେ ବୋଲି ଆଶା ରଖିଛନ୍ତି ।

## ମଦ ଜବତ, ଜଣେ ଗିରଫ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ପୋଲିସ ଚେର ଖଣ୍ଡି ଗ୍ରାମରେ ଚଢଉ କରି କୁଞ୍ଜ ମହାକୁଡଙ୍କ ଠାରୁ ୭ ଲିଟର ଚୋରା ପାଉଚ ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରା ଯାଇଛି । ପୋଲିସ କହିଛି ଯେ କୁଞ୍ଜ ବେଆଇନ ଭାବରେ ତାଙ୍କ ଘରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ଠାକୁରଗଡ ପୋଲିସ ଖବର ପାଇ ତାଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲେ । ଏ ନେଇ ଠାକୁରଗଡ ପୋଲିସ ନମ୍ବର ୨୧୯/୨୫ ରେ ଏକ ମାମଲା ରୁଜୁ କରିଛି ।

## ଗ୍ରାମ୍ୟ ସମ୍ପାଦକଙ୍କୁ ହତ୍ୟା ଧମକ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଧୂଣ୍ଡି ଗ୍ରାମର ସମ୍ପାଦକ ପ୍ରମୋଦ କୁମାର ବିଶ୍ୱାଳ ଙ୍କୁ ସେହି ଗ୍ରାମର ଜଗବନ୍ଧୁ ପଲେଇ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ପ୍ରମୋଦ ହଣ୍ଡପା ଥାନାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କ୍ରମେ ପୋଲିସ ନମ୍ବର ୨୮୬/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ପ୍ରମୋଦ ଗ୍ରାମରେ ଥିବା ଏକ ଦୋକାନରେ ଠିକା ହୋଇଥିବା ବେଳେ ଜଗବନ୍ଧୁ ଆସି ତାଙ୍କୁ ତାଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା ପାଇଁ ଧମକ ଦେଉଥିବା ଅଭିଯୋଗ ହୋଇଛି ।

## ଆଠମଲ୍ଲିକ ଉପଖଣ୍ଡ ଔଷଧ ଦୋକାନ ମହାସଂଘ ବୈଠକ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଠାକୁରଗଡ ଅଞ୍ଚଳ ରେ ଗୁରୁବାର ଦିନ ଆଠମଲ୍ଲିକ ଔଷଧ ଦୋକାନ ମହାସଂଘ ର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରତାପ ରୁଦ୍ର ସାହୁଙ୍କ ସଭାପତି ରେ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଦୁଇ ଜଣ ଔଷଧ ବ୍ୟବସାୟୀଙ୍କ ବିୟୋଗ ରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ପରେ ବୈଠକରେ ଜିଲ୍ଲା ସମ୍ପାଦକ ନିର୍ମଳ ମିଶ୍ର , ବିପିନୀ କୁମାର ମହାପାତ୍ର , ଗିରିଜା ଶଙ୍କର ନନ୍ଦ , ବସନ୍ତ କୁମାର ନାଥ , ଭୀମସେନ ସାହୁ , ଯୋଗ ଦେଇ କିପରି ଔଷଧ ବ୍ୟବସାୟୀ ମାନେ ନିୟମ ଅନୁସାରେ ବ୍ୟବସାୟ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ଗ୍ରାମାଞ୍ଚଳ ରେ ବିନା ଲାଇସେନ୍ସ ରେ ବିକ୍ରି କରୁଥିବା ଔଷଧ ବ୍ୟବସାୟୀ ଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ କୁ ଅବଗତ କରାଇବା ପାଇଁ ନିଷ୍ପତି ହୋଇଛି । ଶତ୍ରୁଘ୍ନ ସାହୁ ଓ ରତି ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରତାପ ରୁଦ୍ର ସାହୁ , ରଞ୍ଜିତ ପ୍ରଧାନ , ସରୋଜ କୁମାର ପ୍ରଧାନ , ଅଶୋକ କୁମାର ସାହୁ , ବସନ୍ତ କୁମାର ସାହୁ , ଯୋଭେନ ଆର୍ଯ୍ୟଭଟ , ତପନ କୁମାର ପ୍ରଧାନ ପ୍ରମୁଖ ବ୍ୟବସାୟୀ ଅଂଶ ଗ୍ରହଣ କରିଥିଲେ ।

## ଗୋ ଚାଲାଣ:୧୪ ଗୋରୁ ସହିତ ୩ ଅଟକ

ଢେଙ୍କାନାଳ,(ସବ୍ୟୁ) ଢ଼େଙ୍କାନାଳ ଜିଲ୍ଲା ଦେଇ ବେଧଡକ ଭାବରେ ଗୋଚାଲାଣ ଚାଲିଛି। ଗୋ ଚାଲାଣକୁ ରୋକିବା ପାଇଁ ପୋଲିସ ବାରମ୍ବାର ଚଢାଉକରୁଥିବା ବେଳେ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଓସ୍ତପାଳ ନିକଟରେ ପୋଲିସ ୧୪ ଗୋରୁ ସହିତ ୩ ଜଣକୁ ଅଟକ ରଖିଥିବାର ଜଣାପଡିଛି । ଅନୁଗୁଳରୁ କଟକ ଅଭିମୁଖେ ଏକ ବୋଲେରୋ ପିକଅପରେ ଗୋରୁ ବୋଝେଇ କରି ଏକ ପିକ ଅପ ଭ୍ୟାନ ପୁରୁଣା କଟକ -ସମ୍ବଲପୁର ରାସ୍ତାଦେଇ କଟକ ଯାଉଥିଲା। ଗୋରୁ ଗାଡି ସମ୍ମୁଖରେ ଏକ ଡିଜାର କାର ମାର୍ଗଦର୍ଶନ କରୁଥିଲା। ଏହାକୁ ନେଇ ପୁଲିସର ସନ୍ଦେହ ଘେରରେ ଆସିଯାଇଥିଲା। ଢେଙ୍କାନାଳ ଜିଲ୍ଲା ଭାପୁର ଫାଣ୍ଡି ଓସ୍ତପାଳ ବ୍ରିଜ ନିକଟରେ ପୁଲିସ ସନ୍ଦେହ କରି ଗାଡିକୁ ଜବତ କରିଥିଲା। ଜବଦ ପରେ ଏକ ପିକଅପ ଗାଡ଼ିରେ ୧୪ଟି ଗୋରୁ ଥିବା ଜଣାପଡିଥିଲା। ବୋଲେରୋ ପିକ ଅପ ଗାଡି ଓଡି୦୫ବି ବି ୫୯୯୨ ଓ ଡିଜାର ଓଡି୦୨ସିକେ୯୫୩୯ ଗାଡିକୁ ଜବତ କରିବା ସହ ୩ ଜଣଙ୍କୁ ପୁଲିସ ଅଟକ ରଖିଛି। ଉଭୟ ଗାଡି କଟକ ଅଞ୍ଚଳର ହୋଇଥିବା ବେଳେ ଅନୁଗୁଳରୁ ଗୋରୁ ଚୋରି କରି କଟକ ନେଉଥିବା ପୁଲିସ ସୂଚନା ଦେଇଛି.।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଶ୍ରୀ ଓ.ପି ଜିନ୍ଦଲ(ବାଉଜୀ)ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ରକ୍ତଦାନ ଶିବିର



ଅନୁଗୁଳ,(ସବ୍ୟୁ) : ଓ.ପି. ଜିନ୍ଦଲ ଗୋଷ୍ଠୀର ପ୍ରତିଷ୍ଠାତା ଶ୍ରୀ ଓ.ପି ଜିନ୍ଦଲ (ବାଉଜୀ)ଙ୍କ ଐତିହ୍ୟ ଓ ଯୋଗାଦାନକୁ ସମ୍ମାନ ଜଣାଇ ତାଙ୍କ ୯୫ତମ ଜନ୍ମବାର୍ଷିକୀର ଗୋଟିଏ ଦିନ ପୂର୍ବରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିନ୍ଦଲ ଷ୍ଟିଲର କର୍ମଚାରୀ ଓ ଏହାର ଅଂଶୀଦାରମାନେ ବେଶ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

ଜିନ୍ଦଲ ଟାଉନସିପ ମଧ୍ୟରେ ଥିବା ହଷ୍ଟେଲ-୩ ପରିସରରେ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ । କାର୍ଯ୍ୟକ୍ରମରେ ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସତୀ, ମୁଖ୍ୟମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଓଡ଼ିଶା ରକ୍ତଭଣ୍ଡାର ଡିଡିଏଚ୍ ଅନୁଗୁଳ ଇନଚାର୍ଜ ଡାକ୍ତର ସତ୍ୟବ୍ରତ ପାଟ୍ଟଯୋଶୀ , ଅନୁଗୁଳ ସିଏସ୍ଆର ମୁଖ୍ୟ ଜୟନ୍ତ ମହାନ୍ତି, ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ମିତ୍ତଲ କହିଥିଲେ, ଅନୁଗୁଳର ଲୋକଙ୍କ ସେବା ପାଇଁ ଓଡ଼ିଶା ରକ୍ତଭଣ୍ଡାର ସହିତ ସହଭାଗୀ ହେବା ସୌଭାଗ୍ୟର କଥା । ମୁଁ ସର୍ବଦା ଆମର କର୍ମଚାରୀମାନଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରେ- ଏହା ସମାଜରେ ଯୋଗାଦାନ ଦେବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାୟ ମଧ୍ୟରୁ ଗୋଟିଏ । ଜିନ୍ଦଲ ଐତିହ୍ୟର ଅଂଶ ହେବା ପ୍ରକୃତରେ ଏକ ସମ୍ମାନର କଥା, କାରଣ ବାଉଜୀ ସର୍ବଦା ଆମକୁ ଯଥାସମ୍ଭବ ସମାଜର ସେବା କରିବାକୁ ପରାମର୍ଶ ଦେଇଥିଲେ ।

ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଓଡ଼ିଶା ରକ୍ତଭଣ୍ଡାର ଡିଜିଏଚ ଅନୁଗୁଳ ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ସର୍ବମୋଟ ୩୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଶ୍ରୀ ଓ.ପି. ଜିନ୍ଦଲ, ଜଣେ ସାଧାରଣ ଚାଷୀ ପୃଷ୍ଠଭୂମିରୁ ଆସି ମଧ୍ୟ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିଳ୍ପପତି ଏବଂ ଦାନଶୀଳ ବ୍ୟକ୍ତି ହୋଇପାରିଥିଲେ । ଏକ ଆତ୍ମନିର୍ଭରଶୀଳ ଭାରତ ଗଠନର ସ୍ୱପ୍ନ ସହିତ, ସେ ଓ.ପି. ଜିନ୍ଦଲ ଗୋଷ୍ଠୀର ପ୍ରତିଷ୍ଠା କରିଥିଲେ, ଯାହା ବର୍ତ୍ତମାନ ଦେଶର ପ୍ରମୁଖ ଶିଳ୍ପ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ । ଭାରତୀୟ ଇସ୍ପାତ ଶିଳ୍ପରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ, ତାଙ୍କୁ ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରତିଷ୍ଠିତ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେ ହରିୟାଣା ରାଜ୍ୟ ବିଧାନସଭାର ସଦସ୍ୟ, ସଂସଦ ସଦସ୍ୟ ଏବଂ ହରିୟାଣା ସରକାରଙ୍କ ଶକ୍ତି ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

## ନାଲକୋ ସହାୟତାରେ ଯକ୍ଷ୍ମା ରୋଗୀମାନଙ୍କ ପାଇଁ ପୋଷଣ ଯୋଜନା



ବଅଁରପାଳ, (ସବ୍ୟୁ) :ଅନୁଗୋଳ ଜିଲ୍ଲା ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଘର ଠାରେ ପ୍ରଧାନମନ୍ତ୍ରୀଙ୍କ ଯକ୍ଷ୍ମା ମୁକ୍ତ ଅଭିଯାନ ଅଧୀନରେ ନାଲକୋ ସହାୟତାରେ ନିକ୍ଷୟ ପୋଷଣ ଯୋଜନାର ଶୁଭାରମ୍ଭ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଯକ୍ଷ୍ମା ରୋଗୀ ମାନଙ୍କୁ ନିୟମିତ ଔଷଧ ସେବନ ସହିତ ପୁଷ୍ଟିକର ଆହାର ସେବନ କରିବା ଉପରେ ଗୁରତ୍ୱ ପ୍ରଦାନ କରି ଆଜି ନାଲକୋ ସହାୟତାରେ ବଅଁରପାଳ, କିଶୋର ନଗର ଏବଂ ଆଠମଲ୍ଲିକ ବ୍ଲକରେ ରହୁଥିବା ଯକ୍ଷ୍ମା ରୋଗୀମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ନାଲକୋର ନିକ୍ଷୟ ପୋଷଣ ଯୋଜନା ପାଇଁ ନେଇଥିବା ମହାନ ଉଦ୍ଦେଶ୍ୟର ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସମାଜର ଅବହେଳିତ, ନିଷ୍ପେସିତ ବର୍ଗଙ୍କ କଲ୍ୟାଣ ନିମନ୍ତେ ନାଲକୋରଏହିପରି ଅବଦାନ ନିରନ୍ତର ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ନାଲକୋ ମାନବ ସମ୍ବଳ ତଥା ପ୍ରଶାସନ ବିଭାଗର ସମୂହ ସାଧାରଣ ପ୍ରବନ୍ଧକ ସୁନୀଲ କୁମାର ମହାପାତ୍ର ଯୋଗଦେଇ ନାଲକୋ ତରଫରୁ ଯକ୍ଷ୍ମା ରୋଗୀ ମାନଙ୍କର ସ୍ୱାସ୍ଥ୍ୟରେ ଉତ୍ତମ ସୁଧାର ଆଣିବା ପାଇଁ ସବୁ ସମୟରେ ସଂକଳ୍ପବଦ୍ଧ । ତେଣୁ ଯକ୍ଷ୍ମା ରୋଗୀମାନେ ନିୟମିତ ଔଷଧ ସେବନ ସହିତ ନାଲକୋ ତରଫରୁ ପ୍ରଦାନ କରାଯାଉଥିବା ପୋଷଣ ଖାଦ୍ୟ ଝୁଡ଼ିରେ ଦିଆଯାଉଥିବା ପୋଷଣଯୁକ୍ତ ଖାଦ୍ୟ ସେବନ କଲେ ଶୀଘ୍ର ଆରୋଗ୍ୟ ଲାଭ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ସହକାରୀ ଜିଲ୍ଲା ସାର୍ବଜନୀକ ଚିକିତ୍ସା, ଯକ୍ଷ୍ମା ଅଧିକାରୀ ଡାକ୍ତର କୃଷ୍ଣଚନ୍ଦ୍ର ପାଳ, ବ୍ଲକ ସାର୍ବଜନୀନ ଚିକିତ୍ସା ଅଧିକାରୀ ଘନଶ୍ୟାମ ବେହେରା, ନାଲକୋ ଡାକ୍ତରଖାନାର ସହକାରୀ ସାଧାରଣ ପ୍ରବନ୍ଧକ ଡାକ୍ତର ଚିନ୍ମୟ କୁମାର ବାରିକ, ରାଜ୍ୟ ଯକ୍ଷ୍ମା ସଂଯୋଜକ, ଶିବ ପ୍ରସାଦ ଓଝା ପ୍ରମୁଖ ଉପସ୍ଥିତ ରହି ପ୍ରସଙ୍ଗ ଭିତ୍ତିକ ଆଲୋଚନା ସହିତ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ପୁରୁଣାଗଡ ସାର୍ବଜନୀନ ଚିକିତ୍ସା କେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

ଏହି ଅବସରରେ ବନ୍ତଳା ପଞ୍ଚାୟତରେ ବସବାସ କରୁଥିବା ୧୦୦ ଜଣ ଯକ୍ଷ୍ମା ରୋଗୀ ଏବଂ ସେମାନଙ୍କର ପରିବାରମାନଙ୍କ ନିମନ୍ତେ ୪୦୦ ଖାଦ୍ୟ ଝୁଡ଼ିକୁ ବିଧାୟକ ଏବଂ ଅନ୍ୟାନ୍ୟ ଅତିଥି ମାନେ ବଣ୍ଟନ କରିଥିଲେ । ଅନୁଗୋଳ ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ, ରୋଜାଲିନ ସାହୁ, ଅନୁଗୋଳ ବ୍ଲକ ହିସାବ ରକ୍ଷକ, ଦେବାଶିଷ ମିଶ୍ର, ଆଶା, ଅଙ୍ଗନୱାଡ଼ି କର୍ମକର୍ତ୍ତା, ନାଲକୋ ଫାଉଣ୍ଡେସନର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟି.ବି ଆଲର୍ଟ ଇଣ୍ଡିଆର ରାଜ୍ୟ ସଂଯୋଜକ ଦୀପକ ମିଶ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ପନ୍ଦନର ସଦସ୍ୟା ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,(ସବ୍ୟୁ) :ଢ଼େଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜିଲ୍ଲା ଯୁବ ରେଡକ୍ରସର ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସର ଜିଲ୍ଲା ସଭାପତି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଅଧିକ ଯୁବ ରେଡକ୍ରସର ପରାମର୍ଶଦାତା ଏବଂ ଅଧ୍ୟକ୍ଷ ବୃନ୍ଦ ଯୋଗଦେଇଥିଲେ। ଏହି ବୈଠକରେ ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ରଞ୍ଜିତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କୁ ଅଧିକ ମାନବବାଦୀ ହେବା ପାଇଁ ପରାମର୍ଶଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ କଲେଜରୁ ଆସିଥିବା ଅଧ୍ୟକ୍ଷ ଏବଂ ଉପଦେଷ୍ଟାମାନେ ଶ୍ରୀପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରେଡକ୍ରସ ଜିଲ୍ଲା ଉପସଭାପତି ବିରଞ୍ଚିନାରାୟଣପାଣି,ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଦେବାଶିଷ ମହାନ୍ତି,ପଦାର୍ଥ ବିଜ୍ଞାନ ମୁଖ୍ୟ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବରାଳ ସମ୍ମାନୀୟଅତିଥିଭାବରେ ଯୋଗଦେଇଥିଲେ।ଯୁବ ରେଡକ୍ରସର ସେବା କାର୍ଯ୍ୟକୁ ପ୍ରଚାର ଏବଂ ପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ତଥା ଯୁବ ରେଡକ୍ରସର ସଭାପତି ନିଶା ଦୁରୁପଯୋଗ ଏବଂ ନିଶା ସେବନର ଅପବ୍ୟବହାର ଠାରୁ ଯୁବ ପିଢ଼ୀ ମାନଙ୍କୁ ଦୂରେଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଆବାହକ ଡକ୍ଟର ଭୁପେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସଂଯୋଜିକା ଲିନାଗନ୍ତାୟତ,ଗତ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁଷ୍ପାଞ୍ଜଳୀ ମହାପାତ୍ର ଏବଂ ଚିନ୍ମୟୀସାହୁ ସହଯୋଗକରିଥିଲେ।

## ଜ୍ଞାନ, ବିଜ୍ଞାନ ମେଳା

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସର ରେ ବୁଧବାର ଦିନ ଜ୍ଞାନ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ମେଳାକୁ ଅବସରପ୍ରାପ୍ତ ଶିକ୍ଷକ ସନାତନ ସାହୁ ଉଦଘାଟନ କରିଥିଲେ । ମେଳା ରେ ୭୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ଗଣିତ ପ୍ରକଳ୍ପ , ବିଜ୍ଞାନ ପ୍ରକଳ୍ପ , ପତ୍ର ବାଚକ , ପ୍ରୟୋଗ ପ୍ରକଳ୍ପ , ମୃତ୍ତି ପ୍ରକଳ୍ପ , କଥା କଥନ , ଆସୁ ଭାଷଣ ରେ ଛାତ୍ରୀ ଛାତ୍ର ମାନେ ଅଂଶ ଗ୍ରହଣ କରିଥିଲେ । ଉଦଯାପାନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଡାକ୍ତର ଅଲେଖ କୁମାର ପ୍ରଧାନ ଯୋଗ ଦେଇ କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରଷ୍କାର ବଣ୍ଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ନିତ୍ୟାନଦ ବାରିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ବିଜ୍ଞାନ ପ୍ରମୁଖ ଜୟଶ୍ରୀ ପ୍ରଧାନ ପରିଚାଳନା କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବଡହୁଲା ହାଇସ୍କୁଲର ବିଜ୍ଞାନ ଶିକ୍ଷୟତ୍ରୀ ଲିଲୀ ପ୍ରଧାନ , ପ୍ରଭଞ୍ଜନୀ ପ୍ରଧାନ ବିଚାରକ ଭାବରେ ଯୋଗ ଦେଇଥିଲେ ।

## ପିକ ଅଫ୍ ଭ୍ୟାନ ଧକ୍କା ରେ ଜଣେ ଗୁରୁତର

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ସାନହୁଲା ନିକଟରେ ମଙ୍ଗଳବାର ଦିନ ଏକ ଭ୍ୟାନ ଧକ୍କା ରେ ସାନହୁଲା ଗ୍ରାମର ତପନ ସ୍ୱାଇଁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥା ରେ ଉଦ୍ଧାର କରି ଚିକିତ୍ସା ପାଇଁ ଆଠମଲ୍ଲିକ ମେଡିକାଲ ରେ ଭର୍ତ୍ତି କରାଯାଇଛି । ପୋଲିସ କହିଛି ଯେ ତପନ ରାସ୍ତା କଡରେ ଛିଡା ହୋଇଥିବା ବେଳେ ଆଠମଲ୍ଲିକରୁ ବଇଣ୍ଡା ଅଭିମୁଖେ ଯାଉଥିବା ଏକ ପିକ ଅଫ ଭ୍ୟାନ ନମ୍ବର (ଓଆର ୧୯ କେ ୮୫୦୧ ) ତାଙ୍କୁ ଧକ୍କା ଦେଇଥିଲା । ଏ ନେଇ ତପନଙ୍କର ବାପା କୃଷ୍ଣ ଚନ୍ଦ୍ର ସ୍ୱାଇଁ ଠାକୁରଗଡ ଥାନା ଅଭିଯୋଗ କରିବା ପରେ ପୋଲିସ ନମ୍ବର ୨୨୦/୨୫ ରେ ଏକ ମାମଲା ରୁଜୁ କରିଛି ।

## ବିଭିନ୍ନ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ତାଳଚେର,(ସବ୍ୟୁ) : ଆଜି ଅଲଓଡ଼ିଶା ମାନବଧିକାର ସଭାପତି ଡ଼ଃ ଦେବେନ୍ଦ୍ର ସିଂହ ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ତାଳଚେର ପୌରପରିଷଦ ୱାର୍ଡ଼ ନଂ-୧୬ ଗୋପିନାଥପୁର ଡ୍ରେନ ଉପରେ ସ୍ଲାପ, ପରିମଳ ବ୍ୟବସ୍ଥା, ନଦୀପଠାରେ ଆବଶ୍ୟକ ସୋପାନ ଓ ମହିଳାମାନେ ପୋଷାକ ପରିବର୍ତନ ଗୃହ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ତତ୍ ସହିତ ତାଳଚେର ବିରାଦରପଡ଼ାରେ ଭଡ଼ାଘରେ ଚାଲୁଥିବା ବୃଦ୍ଧାଶ୍ରମ ପାଇଁ ସରକାରୀ ଜମି ଓ ଗୃହ ଯୋଗାଇ ଦେବା, ସେହିଭଳି ତାଳଚେର ଉପଖଣ୍ଡ ଅଧିନରେ ଥିବା ବିଜିଗୋଳ, ଦଣ୍ଡସିଂହା, ଗଦାଶୀଳା ଏବଂ ବଡ଼ତ୍ରିବିଡ଼ା ଗ୍ରାମର ରାସ୍ତା, ଡ୍ରେନ, ଆଲୋକ ବ୍ୟବସ୍ଥା, ମୋବାଇଲ ଟାୱାର୍ ସ୍ଥାପନ କରିବା, ରାସ୍ତାର ଉଭୟପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ, ଦଣ୍ଡସିଂହା ଗ୍ରାମ ରାସ୍ତା ନିର୍ମାଣ, ଲୋଭୋଲଟେଜ୍ ସମସ୍ୟା, ଗଦାଶିଳା ପଂଚାୟତ ସାହି ଠାରୁ ହରିଜନ ସାହି ପର୍ଯ୍ୟନ୍ତ ରାସ୍ତା ଏବଂ ଡ୍ରେନ ନିର୍ମାଣ ଇତ୍ୟାଦିକୁ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ରାଜ୍ୟରେ ବିଜେଡ଼ି ସରକାର ୨୪ବର୍ଷ ଓ ବିଜେପିକୁ ଏବବର୍ଷ ପୂରଣ ହୋଇଥିଲେ ମଧ୍ୟ ଏବଂ ସିଏସଆର ପାଣ୍ଠି, ଜିଲ୍ଲା ଖଣିଜପାଣ୍ଠି ମହଜୁଦ ଥିଲେ ମଧ୍ୟ ଲୋକଙ୍କ ମୌଳିକ ଅଧିକାର କିପରି ଭାବେ ନେତାମାନେ ଏହା ଭୁଲି ଯାଉଛନ୍ତି ତାକୁ ନେଇ ଅଂଚଳବାସୀ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଉପଜିଲ୍ଲାପାଳ ଏଦିଗରେ ଧ୍ୟାନ ଦେବାକୁ ଶ୍ରୀ ସିଂହ ନିବେଦନ କରିଛନ୍ତି।

## ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ଭୂତକୋଠିରେ ପରିଣତ !

ତାଳଚେର,(ସବ୍ୟୁ) : କୋଇଲା ନଗରୀ ତାଳଚେର ଅଂଚଳରେ ଦିନକୁ ଦିନ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଳଚେର ସହରର ଦେଉଳବେଡ଼ାରେ ଜଣେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ନିଯୁକ୍ତି ଦେଇ କାର୍ଯ୍ୟାଳୟ ଖୋଲା ଯାଇଥିଲା। ପରବର୍ତୀ ସମୟରେ ଏହା ଉପଯୋଗୀ ନହେବାରୁ କଣ୍ଡାଳ ପଂଚାୟତ ଅନ୍ତର୍ଗତ ତାଳବେଡ଼ା ଛକ ନିକଟରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାର୍ଯ୍ୟାଳୟ ନିର୍ମାଣ କରାଗଲା। ସେଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରହିବା ସହ କାର୍ଯ୍ୟାଳୟ ମଧ୍ୟ ବେଶ କିଛିଦିନ ଚାଲିଲା। ମାତ୍ର ଏପରି କ'ଣ ହେଲା ଯେ, ସେହି ଅଧିକାରୀଙ୍କ ଅବସର ଅବା ଅନ୍ୟତ୍ର ବଦଳି ହେବାପରେ ଆଉ ଏଠାରେ କାହାକୁ ନିଯୁକ୍ତି ଗଲାନାହିଁ। ଶିଳ୍ପନଗରୀ ତାଳଚେରରେ ରାହାଯାନୀ, ସ୍ନାଚିଙ୍ଗ, ଡ୍ରଗ୍ସ ନିଶା କାରବାର, ରାସ୍ତା ଦୁର୍ଘଟଣା, ଖଣି ଗୁଡିକରୁ କୋଇଲା, କୋବିଲ୍, ଡ଼ିଜେଲ, ଯନ୍ତ୍ରାଂଶ ଚୋରୀ ଏବଂ ଅସାମାଜିକ କାର୍ଯ୍ୟାକଳାପ ବ୍ୟାପକ ବୃଦ୍ଧି ପାଉଥିବା ତାଳଚେରକୁ କାହିଁକି ଅଣଦେଖା କରାଯାଉଛି ତାକୁ ନେଇ ବୁଦ୍ଧିଜିବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ୨୦୨୧ ମସିହାରେ ଡ଼ିଆଜି ଡ଼ଃ ସାର୍ଥକ ଷଡ଼ଙ୍ଗୀ ଓ ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ଏହାର ଶୁଭଉଦଘାଟନ କରିଥିଲେ। ଏଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରହିବାପରେ କିଛିକାଂଶରେ ତାଳଚେରରେ ସୁଧାର ଆସିଥିବା କୁହାଯାଉଛି। ତେଣୁ ବଡ଼ ଦୁଃଖ ପରିତାପର ବିଷୟ ଏଠାରେ ଉକ୍ତ କାର୍ଯ୍ୟାଳୟଟି ଭୂତକୋଠିରେ ପରିଣତ ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ନିଯୁକ୍ତି ଦିଆଗଲା ନାହିଁ। ଏଠାରୁ ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ଯାଉଥିଲେ ମଧ୍ୟ ଆଜି ତାଳଚେର ସବୁକ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ ପରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସୁଧାର ଆସୁନଥିବା ଦୁଃଖର ବଷୟ ହୋଇଛି ।

## ବୈଠକ ବୈଠକରେ ସରୁଛି ଫାଇଲେରିଆ ସଚେତନତା




ଢେଙ୍କାନାଳ ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫାଇଲେରିଆ ନିରାକରଣକୁ ସଫଳ କରିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଣମାଧ୍ୟମକୁ ଫାଇଲେରିଆ ରୋଗ ବିଷୟ ଏବଂ ଏହାର ଭୟାବହତା ଦିଗରେ ସଚେତନ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ସମସ୍ତ ଗଣ ମାଧ୍ୟମକୁ ସହଯୋଗ ଲୋଡିଥିଲେ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଔଷଧ ବଣ୍ଟାଯିବା ସହିତ ସେବନକୁ ପ୍ରାଧାନ୍ୟ ଦିଆଯିବ। ଏହି କ । ର୍ଯ ୍ୟ କ ୍ର ମ ପରଜଙ୍ଗ,ବେଲଟିକିରୀ,ଖଜୁରିଆକଟା, ମଠକରଗୋଳା,ହିନ୍ଦୋଳ ଏନ୍ଏସି, କାମାକ୍ଷାନଗର ଏନଏସି, ପୌରାଞ୍ଚଳରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ସହଯୋଗ ଏବଂ ଭାଗିଦାରିତା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲ,କଲେଜ,ଅନୁଷ୍ଠାନ,ଗ୍ରାମ ଗୁଡିକ ଅନ୍ତର୍ଭୁକ୍ତ କରାଯାଇଛି।

# ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ



ବେତନଟୀ ,(ସବ୍ୟୁ) ପରିବାରର ଅଭାବ ଅନଟନକୁ ଦୂର କରିବା ଆଶାରେ ବୈଶିଙ୍ଗା ଥାନା ଅଧୀନ ବୈଦିପୁର ଗ୍ରାମର ପୁଅ ବାବୁରାମ ବାଙ୍ଗାଲୋର ଦାଦନ ଖଟିବାକୁ ଯାଇଥିବା ବେଳେ ଶବ ହୋଇ ଘରକୁ ଫେରିଲେ। ପ୍ରାପ୍ତ ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ମେର୍ଦା ପଞ୍ଚାୟତର ବର୍ଣ୍ଣଳୋ ଉପକଣ୍ଠ ବୈଦିପୁର ଗ୍ରାମର ସ୍ୱର୍ଗତଃ ଦାମୋଦର ସିଂଙ୍କ ୩୨ ବର୍ଷିୟ ପୁଅ ବାବୁରାମ ସିଂ ଅଭାବ ରୋଜଗାର କରିବା ଆଶାରେ ଗତ ୨୫ ତାରିଖ ଦିନ ବାଙ୍ଗାଲୋର ଯାଇଥିଲେ । ପୂର୍ବରୁ ବାଙ୍ଗାଲୋର ଠାରେ ରହୁଥିବା ନିଜ ସମ୍ପର୍କୀୟଙ୍କ ଏକ ଭଡା ଘରେ ରହି ବିଭିନ୍ନ କମ୍ପାନୀରେ କାମ ଖୋଜୁଥିଲେ। କିଛି ଦିନ ପରେ ୪ ତାରିଖ ଦିନ ସେ ହଠାତ୍ ଦୁର୍ବଳ ଅନୁଭବ କରିବାରୁ ସମ୍ପର୍କୀୟ ମାନେ ନିକଟସ୍ଥ ବୈଦେହୀ ନାମକ ହସ୍ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ବାବୁରାମଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ସମସ୍ତ ସମ୍ପର୍କୀୟ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଏହି ସମୟରେ ବାବୁରାମଙ୍କ ମର ଶରୀରକୁ ଘରକୁ ଆଣିବାରେ ଅକ୍ଷମ ଥିବା ସମ୍ପର୍କୀୟ ମାନେ ବାଙ୍ଗାଲୋରରେ ଥିବା ମା ତାରିଣୀ ଓଡିଆ ସେବା ଟ୍ରଷ୍ଟ ସହାୟତାରେ ବିମାନ ଯୋଗେ ତାଙ୍କ ମରଶରୀରକୁ ମଙ୍ଗଳବାର ଅପରାହ୍ନରେ ବୈଦିପୁର ଗ୍ରାମର ପହଞ୍ଚାଇଥିଲେ । ମୃତଦେହ ପହଞ୍ଚିବା ପରେ ରୋଜଗାରିଆ ପୁଅକୁ ହରାଇ ବୃଦ୍ଧା ମା ଭାଙ୍ଗି ପଡିଥିବା ବେଳେ ମୃତକଙ୍କ ସ୍ତ୍ରୀ ଓ ୨ ବର୍ଷର କୁନିଝିଅ ଦୁଃଖରେ ଭାଙ୍ଗି ପଡି ଛନ୍ତି । ମା ରୋଜଗାରିଆ ପୁଅକୁ ହରାଇ ବେସାହାରା ହୋଇ ପଡିଥିବା ବେଳେ ୨ ବର୍ଷିଆ କୁନି ଝିଅ ଉପରୁ ବାପର ଛତ୍ରଛାୟା ସମ୍ପୂର୍ଣ୍ଣ ଉଠି ଯାଇଥିବାର ଘଟଣା ସାରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

# ୬୬୨ ବର୍ଗ ମହାବିଦ୍ୟାଳୟ ସଂଘର ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା



କେନ୍ଦୁଝର, (ସ୍ୱପ୍ର/ସବ୍ୟୁ) : ବୁଧବାର କେନ୍ଦୁଝର ଜିଲ୍ଲା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ ସମ୍ମୁଖରେ ଧାରଣା ଦେଇ ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟର ପ୍ରାୟ ୭୦ ଭାଗ ବିଦ୍ୟାର୍ଥୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିଆସୁଛନ୍ତି । ମାତ୍ର ପରିତାପର ବିଷୟ ଯେ ବିଭିନ୍ନ ସମୟରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ଅବହେଳା କରି ଆସୁଛନ୍ତି । ପେନସନ ଓ ଚାକିରୀ ସର୍ତ୍ତାବଳୀ ବିହୀନ ଏହି କର୍ମଚାରୀମାନେ ୩୦/୩୫ ବର୍ଷ ସେବା କରି ଖାଲି ହାତରେ ଅବସର ଗ୍ରହଣ କରୁଛନ୍ତି । ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କ ମୁଖ୍ୟ ଦାବୀ ହେଉଛି ସମସ୍ତ ଚାକିରୀ ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବା । ଗତ ସରକାର ଏମାନଙ୍କ ଦାବୀକୁ ବିଚାର କରି ବାରମ୍ବାର ସମାଧାନର ପ୍ରତିଶ୍ରୁତି ଦେଇ ପ୍ରବଞ୍ଚନା କରିଥିଲେ । ବର୍ତ୍ତମାନର ସରକାରଙ୍କୁ ମଧ୍ୟ ଏକ ବର୍ଷ ଧରି ସଂଘ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ କରି ରାଜ୍ୟ ସଂଗଠନର ଆହ୍ୱାନକ୍ରମେ କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନରେନ୍ଦ୍ର ଶତପଥୀ, ସଂଗ୍ରାମ କେଶରୀ ବେହେରା,ଅଶୋକ କୁମାର ସାହୁ,ପ୍ରକାଶ କୁମାର ଆଚାର୍ଯ୍ୟ, ମହାନ୍ତ,ଭୁବନେଶ୍ୱର ମହାନ୍ତ,ସ୍ମୃତି ବାନାର୍ଜୀ,ନିରୁପମା ଦାସ,ଏଲିନା ନାୟକ,ଅନାମ ସାମନ୍ତରାୟ,ପରେଶ ଧର,ସନ୍ତୋଷ କୁମାର ସେଠୀ ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ଦେଇଥିଲେ ।

# ଭୋଗରାଇରେ ରାଜ୍ୟ ଖାଦ୍ୟ କମିଶନର ସଦସ୍ୟ

ଭୋଗରାଇ, (ସବ୍ୟୁ): ରାଜ୍ୟ ଖାଦ୍ୟ କମିଶନର ଏକ ଉଚ୍ଚ ସ୍ତରୀୟ କମିଟିର ସଦସ୍ୟ ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗସ୍ତକରି ଫେରିଛନ୍ତି ।ଓଡିଶା ଖାଦ୍ୟ କମିଶନର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ସଂଯୁକ୍ତା ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ଟିମ ନିଧୁବଣି ଅଙ୍ଗନବାଡ଼ି,ଜଳସୋହରିଆ ମିନି ଅଙ୍ଗନବାଡ଼ି,ଝକଝକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାଜିତପୁର -ଏ,ବାଜିତପୁର-ବି ଅଙ୍ଗନବାଡ଼ି କେନ୍ଦ୍ର,ବନ୍ଧାପଦ୍ମପୁର ଅଙ୍ଗନବାଡ଼ି, ବିନ୍ଧାପଦ୍ମପୁର ପ୍ରାଥମିକ ବିଦ୍ୟାଳୟ,ମା ମଙ୍ଗଳା କୟିର ଏସ ଏଚ ଜି,କୁଚିଲାଡାଙ୍ଗ ପ୍ରାଥମିକ,ତରାପୁର ହାଇସ୍କୁଲ,ଅଙ୍ଗନବାଡି, ଜୟରାମପୁର ନୋଡାଲ ହାଇସ୍କୁଲ,ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଅଧୀନରେ ଥିବା ଅନୁସୂଚିତ ଜନଜାତି ଛାତ୍ରୀନିବାସ ଅନୁଧ୍ୟାନ କରିଥିଲେ। ଏଥି ସହିତ ଭୋଗରାଇ ବ୍ଲକରେ ଉଚ୍ଚ ଅଧିକାରୀମାନେ ଖାଦ୍ୟ ସୁରକ୍ଷା ସମ୍ପର୍କିତ ସମସ୍ତ ତଥ୍ୟ ବ୍ଲକ ଭିଡିଓ କନଫରେନ୍ସ ହଲରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଖାଦ୍ୟର ବଣ୍ଟନ ଓ ମାନ ନିର୍ଦ୍ଧାରଣ ସୁଚାରୁରୂପେ କାର୍ଯ୍ୟ ହେଉଛିକି ନାହିଁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ସ୍ୱଛତା, ଛତୁଆ ବଣ୍ଟନ ସହ ଖାଦ୍ୟ ସୁରକ୍ଷା ସମ୍ପର୍କିତ ସମସ୍ୟା ସମ୍ପର୍କିତ ବୁଝି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବେବୋଲି ଉଚ୍ଚ ସ୍ତରୀୟ ଟିମ ପ୍ରକାଶ କରିଥିଲେ ।ଏହି କମିଟିରେ, ଜିଲା ଯୋଗାଣଧିକାରୀ ନରସିଂହ ପଣ୍ଡା, ଜିଲା ଶିକ୍ଷାଧିକାରୀ ପ୍ରତିନିଧି ଯୋଜ୍ଞ ଶ୍ୱର ଜେନା, ବ୍ଲକ ଯୋଗାଣ ଧିକାରୀ ସମେଶ୍ୱର ବେହେରା, ସିଡିପିଓ ପବିତ୍ରା ହାଜିରା, ବନଲତା ମହାନ୍ତି ପ୍ରମୁଖ ସାମିଲ ଥିଲେ ।ଅପର ପକ୍ଷରେ ଉତ୍ତର ଭୋଗରାଇର ମା ସ୍ୱୟଂ ସହାୟକ ଗୋଷ୍ଠୀର ନିମ୍ନ ମାନର ଛତୁଆ ବଣ୍ଟନ ଅଭିଯୋଗକୁ କମିଶନର ସଦସ୍ୟ ଗୁରୁତ୍ୱ ଦେଇ ଉକ୍ତ ସେଣ୍ଟରରେ ତଦନ୍ତ କରାଯିବବୋଲି ସୂଚନା ଦେଇଥିଲେ।

# ଏଆର୍‌ସିଏସ୍‌ଙ୍କ ଶନିବାର ବଦଳି, ମଙ୍ଗଳବାର ବାତିଲ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ପଦବୀରେ ଅବସ୍ଥାପିତ ଥିବା ଅଜୟ କୁମାର ବେହେରାଙ୍କୁ ଗତ ୨ ତାରିଖ ଶନିବାର ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖଯା ୧୬୦୩ ଅନୁଯାୟୀ ଦାଇତ୍ୱରୁ ଅନ୍ତର କଲେ। ସରସଦା ପରିଚାଳନା ବୋର୍ଡ ପ୍ରସ୍ତାବ ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଗଲା ବୋଲି ସଂପୃକ୍ତ ଆଦେଶରେ କାରଣ ଦର୍ଶାଗଲା। ସରସଦା ପାକ୍ସର ଆକାଉଣ୍ଟାଣ୍ଟବିରଞ୍ଚି ନାରାୟଣ ରାଉତଙ୍କୁ ନୂତନ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଏଥିରେ ଆଦେଶ ହୋଇଥିଲା। ସୋମବାର ବିରଞ୍ଚି ନାରାୟଣ ରାଉତ କାର୍ଯ୍ୟରେ ଯୋଗଦେଲେ। ମାତ୍ର ଏଭଳି ଆଦେଶ ବେଆଇନ ଦର୍ଶାଇ ଗିରିଶ ସାମଲ, ସୁରେଶ ସାମଲ, ରାମଚନ୍ଦ୍ର ସେନାପତି, ବାବାଜି ଜେନା, ନିହାର ଦାସ ପ୍ରମୁଖ ପ୍ରତିବାଦ କରିଥିବା ଜଣାଯାଇଛି। ପରିଚାଳନା ପରିଷଦ ବୈଠକ ଗଠନ ଆରମ୍ଭରୁ ଅନୁଷ୍ଠିତ ହୋଇନଥିବା ବେଳେ ସମ୍ପାଦକ ବଦଳି ପାଇଁ ପ୍ରସ୍ତାବ କିପରି ଗଲା ତାହାକୁ ନେଇ ଆପତ୍ତି ହୋଇଥିଲା ବୋଲି ଏ.ଆର.ସି.ଏସ. ସୂଚନା ଦେଇଥିଲେ। ଏହି ଆଧାରରେ ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୨୨ ଅନୁଯାୟୀ ପୂର୍ବ ଆଦେଶକୁ ମଙ୍ଗଳବାର ବାତିଲ କରାଯାଇଥିବା ଜଣାଯାଇଛି।

# ଠାକୁରମୁଣ୍ଡା ଲ୍ୟାମ୍ପସରେ ଓମଫେଡ ପାର୍ଲର ଉଦ୍‌ଘାଟିତ

ଠାକୁରମୁଣ୍ଡା ,(ସବ୍ୟୁ):ଠାକୁରମୁଣ୍ଡା ଲ୍ୟାମ୍ପସରେ ଉଦଘାଟିତ ହୋଇଯାଇଛି ଓମଫେଡ ପାର୍ଲର । ମୁଖ୍ୟ ଅତିଥି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଲ୍ୟାମ୍ପ ସଭାପତି ଗଣନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ତହସିଲଦାର ସମ୍ବିତ କୁମାର କର, ଡିଆରସିଏସ ମୟୁରଭଞ୍ଜ ଅଶୋକ କୁମାର ପାଣି, ଓମଫେଡ, କେନ୍ଦୁଝର ପ୍ଲାଣ୍ଟ ମ୍ୟାନେଜର ନିଶିତ କୁମାର ମହାରଣା, ଏଆରସିଏସ କରଞ୍ଜିଆ,ବସନ୍ତ କୁମାର ନାୟକ, ମାର୍କେଟିଙ୍ଗ ଇନଚାର୍ଜ ଡି ପି ରାଉତ, ଶଶିକାନ୍ତ ସୱାଇଁ ପ୍ରମୁଖ ଯୋଗଦେଇ ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଠାକୁରମୁଣ୍ଡା ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶିକା ପାର୍ବତୀ ମହାନ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଗୀତାରାଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସସ୍ମିତା ମାର୍ଣ୍ଡି, ତପସ୍ୱିନୀ ମହାନ୍ତ, ରୀନାରାଣୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ତିନି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ଗନ୍ଧାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ ତଥା ପୂର୍ବରୁ କାର୍ଯ୍ୟକରିଥିବା ୩ ଶିକ୍ଷୟତ୍ରୀଶିକ୍ଷକଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଡଃ ଭଗବାନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି,ବାସୁଦେବପୁର ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବାନ ରାଉତ ମୁଖ୍ୟବକ୍ତା, ମହତୀପୁର କ୍ଲଷ୍ଟର ସିଆରସିସି ଦିଲ୍ଲୀପ କୁମାର ସାହୁ ଓ ପ୍ରଶାନ୍ତ କୁମାର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟତ୍ରୀଶିକ୍ଷକଙ୍କ ଛାତ୍ର ସୁଲଭ ଗୁଣ ତାଙ୍କୁ ପିଲାଙ୍କ ମାନଙ୍କ ହୃଦୟରେ ବାନ୍ଧି ରଖିବ ବୋଲି କହିଥିଲେ । ଶେଷରେ ଅବସରଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାମଲ ତଥା ଅନ୍ୟତ୍ର ବଦଳୀ ହୋଇଥିବା ଶିକ୍ଷୟତ୍ରୀ ବୀଣାପାଣି ଦାସ ଓ ଶିକ୍ଷକ ପ୍ରଫୁଲ୍ଲ ରାଉତଙ୍କୁ କମିଟି ତରଫରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷୟତ୍ରୀ ସଞ୍ଜୁଲତା ରାଉତ ଧନ୍ୟବାଦ ଅର୍ପଣ ଓ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଚାଳନା କମିଟି ସଦସଯ,ସମସ୍ତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ପୋଲିସ ଡିଜିଙ୍କୁ ଯୁବ ଛାତ୍ର ବିଜେଡିର ସ୍ମାରକପତ୍ର



ବାଲେଶ୍ୱର,(ସବ୍ୟୁ): ରାଜ୍ୟରେ ଛାତ୍ରୀ ଏବଂ ନାରୀଙ୍କ ଉପରେ ଦୁଷ୍କର୍ମ, ନିର୍ଯାତନା ଏବଂ ଅତ୍ୟାଚାର ବଢ଼ି ଚାଲିଥିବା ବେଳେ ସରକାର ନୀରବ ଦ୍ରଷ୍ଟା ସାଜି ଚୁପ ରହିବା ପ୍ରତିବାଦରେବୁଧବାର ଦିନ ବାଲେଶ୍ୱର ବିଜୁ ଯୁବ ଛାତ୍ର ଜନତା ଦଳ ଏକ ଶୋଭାଯାତ୍ରାରେ ଯାଇ ତରଫରୁ ସ୍ମାରକ ପତ୍ର ବାଲେଶ୍ୱର ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। । ଏହି ଶୋଭାଯାତ୍ରାରେ ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ଯୁବ ସଭାପତି ତାପସ ପରିଡା, ରାଜଯ ଯୁବ କାର୍ଯଯକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜଯ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ରାଜଯ ଛାତ୍ର ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ରାଜଯ ଛାତ୍ର ସାଧାରଣ ସମ୍ପାଦକ ଶୁଭମ ସାଇ ମହାପାତ୍ର, ରାଜଯ ଯୁବ ସମ୍ପାଦିକା ଜୟନ୍ତୀ ଦତ୍ତ, ରାଜଯ ଛାତ୍ର ସାଧାରଣ ସମ୍ପାଦକ ସିମନ ସାମଲ, ଜିଲ୍ଲା ଛାତ୍ର ନେତା ସୁଶୀଲ ପଣ୍ଡା ,ଟାଉନ ଛାତ୍ର କାର୍ଯଯକାରୀ ସଭାପତି ଚିନ୍ମୟ ମହାନ୍ତି, ଫକୀରମୋହନ କଲେଜ ଛାତ୍ର ନେତା ସ୍ୱସ୍ତିକ ସାମନ୍ତ, ଛାତ୍ର ନେତା ଜଗଦୀଶ ଆଚାର୍ଯଯ, ଶୁଭମ ନାୟକ, ଜୀବନ ସଂଗ୍ରାମ ମିଶ୍ର, ଗଜେନ୍ଦ୍ର ନାୟକ, ହରିଶ ଜେନା, ସେକ ବୁରହାନ, ଓଁକାର ନାୟକ, ହର୍ଷ ଖଣ୍ଡେଲଓ୍ୱାଲ, ଜାକାବ ସିଂ ଙ୍କ ସହ ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ଭିଜିଲାନ୍ସ ହାତରେ ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟ ରେକର୍ଡ଼ କିପର



କେନ୍ଦୁଝର, (ସ୍ୱପ୍ର/ସବ୍ୟୁ):ବୁଧବାର ଅପରାହ୍ନ ଗୋଟାଏ ସମୟରେ କେନ୍ଦୁଝର ଭୂ ବନ୍ଦୋବସ୍ତ ବା ସେଟେଲମେଣ୍ଟ କାର୍ଯ୍ୟାଳୟରେ ସହକାରୀ ରେକର୍ଡ ରକ୍ଷକ ହାଡିବନ୍ଧୁ ବେହେରାଙ୍କୁ ଓଡିଶା ଭିଜିଲାନ୍ସ ଗିରଫ କରିଛି ।ସେ ଅଭିଯୋଗକାରୀଙ୍କ ଠାରୁ ୩ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ତାଙ୍କୁ ଧରିଥିବା କୁହାଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଚିନାମଳି ପଶି ଗ୍ରାମର ସୁଶୀଲ ମହାନ୍ତ ତାଙ୍କ ପୈତୃକ ଜାଗାକୁ ତାଙ୍କ ବଡଭାଇଙ୍କ ପୁଅ ଏକନାମୀ ପଟ୍ଟା କରିବା ପରେ ସୁଶୀଲଙ୍କର କୌଣସି ସତ୍ତ୍ୱ ନ ରହିବାରୁ ସେ ତାଙ୍କର ବିବାଦୀୟ ପୈତୃକ ଜମି ସମ୍ବନ୍ଧରେ ପ୍ରମାଣିତ କପି ପ୍ରଦାନ କରିବା ପାଇଁ ଜୁଲାଇ ୪ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୁବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସୁଶୀଲ ମହାନ୍ତ ଜଣେ ଜଣେ ଗରିବ ଚାଷୀ ହୋଇଥିବା ବେଳେ ସେ ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ମାଧ୍ୟମରେ ଆବେଦନ କରିଥିଲେ।, ଅଭିଯୁକ୍ତ ହାଡିବନ୍ଧୁ ବେହେରାଙ୍କୁ ଉପରୋକ୍ତ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ଅନୁରୋଧ କରୁଥିଲେ। କିନ୍ତୁ, ଶ୍ରୀ ବେହେରା ଅଭିଯୋଗକାରୀଙ୍କଠାରୁ କାଗଜପତ୍ର ଯୋଗାଇବା ପାଇଁ ପ୍ରଥମେ ୩ହଜାର ୪ଶହ ଓ ପରେ ୩ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଏବଂ ଦାବି କରାଯାଇଥିବା ଲାଞ୍ଚ ନଦେଲେ କପି ଦେବାକୁ ମନା କରିଦେଇଥିଲେ।ଅନ୍ୟ କୌଣସି ବିକଳ୍ପ ନ ପାଇ, ଅଭିଯୋଗକାରୀ ତାଙ୍କ ହଇରାଣ ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହା ପରେ, ଭିଜିଲାନ୍ସ ଅଧିକାରୀମାନେ ବୁଧବାର ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଅଭିଯୁକ୍ତ ଶ୍ରୀ ବେହେରାଙ୍କ କବଜାରୁ ସମ୍ପୂର୍ଣ୍ଣ ଲାଞ୍ଚ ରାଶି ଉଦ୍ଧାର କରାଯାଇ ଜବତ କରାଯାଇଛି ବୋଲି ଭିଜିଲାନ୍ସ ଡ଼ିଏସପି ପ୍ରକାଶ କରିଛନ୍ତି। ଶ୍ରୀ ବେହେରାଙ୍କ ସହିତ ଜଡିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସ ଚାଲିଛି।ଏ ସମ୍ପର୍କରେ, ବାଲେଶ୍ୱର ଭିଜିଲାନ୍ସ ମାମଲା ନଂ.୦୮/୨୦୨୫, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ଅଭିଯୁକ୍ତ ଶ୍ରୀ ବେହେରା, ବିରୁଦ୍ଧରେ ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ବୁଲଙ୍କୁ ଅଶ୍ରୁଳ ବିଦାୟ ଦେଲେ ପଞ୍ଚାୟତବାସୀ



ଅସୁରାଳି,(ସବ୍ୟୁ): ବିଜେଡ଼ି ବରିଷ୍ଠ ନେତା ଗୋବିନ୍ଦପୁର ସରପଞ୍ଚ ସୁବାସ(ବୁଲୁ) ଚନ୍ଦ୍ର ମହାକୁଡ଼(୬୫)ଙ୍କର ଶେଷକୃତ୍ୟ ବୁଧବାରଦିନ ଜନ୍ମମାଟି ଧାମନଗର ବ୍ଲକର କୋରୁଆ ଗ୍ରାମରେ ସମ୍ପନ୍ନ ହୋଇଛି। ଶୋକାକୁଳ ପରିବେଶ ମଧ୍ୟରେ ଶହ ଶହ ଜନତା ବୁଲୁଙ୍କୁ ବିଦାୟ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବୁଲୁ ନିଜ କୋରୁଆସ୍ଥିତ ବାସଭବନରେ ହୃଦଘାତର ଶିକାର ହୋଇଥିବାବେଳେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋବିନ୍ଦପୁର ପଞ୍ଚାୟତରୁ ୪ ଥର ସରପଞ୍ଚ ନିର୍ବାଚିତ ହୋଇଥିବା ବୁଲୁଙ୍କ ପାର୍ଥିବ ଶରୀରକୁ ବୁଧବାର ଦିନ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯିବା ପରେ ଗୋବିନ୍ଦପୁର, କୋରୁଆ, ମଙ୍ଗଳପୁର, ଅଜମତପୁର,କଷଟି,ବରଗଡ଼ା, ମଙ୍ଗଳାପଦା, ଇଚ୍ଛାପୁର ଆଦି ଗ୍ରାମକୁ ଶୋଭାଯାତ୍ରାରେ ନିଆଯାଇ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବୁଧବାର ଅପରାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ପୁତୁରା ଦେବାଶିଷ ମୁଖାଗ୍ନି ଦେଇଥିଲେ। ବିଜେଡିର ପ୍ରାକ୍ତନ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ସାହୁ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ,ପୂର୍ବ ସଭାପତି ଉମେଶ ମହାନ୍ତି,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଚୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସାରଦା ପ୍ରସନ୍ନ ସାହୁଙ୍କ ସମେତ ଅନେକ ସରପଞ୍ଚ,ସମିତି ସଭ୍ୟ, ଶିକ୍ଷାବିତ, ସାହିତିଯକ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଜମିରେ ଚାଷୀଙ୍କ ମୃତ୍ୟୁ

ତିହିଡି,(ସବ୍ୟୁ) : ତିହିଡି ବ୍ଲକ ଅନ୍ତର୍ଗତ ତାଳପଦା ଗାଁର ଜଣେ ଚାଷୀ ନିଜ ବିଲରେ ଚାଷ କାମ କରୁଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ଚାଷୀଙ୍କ ନାମ ହେଉଛି ଭାଗିରଥି ମାଝୀ(୬୨) । ପ୍ରକାଶ ଯେ, ବୁଧବାର ଦିନି ଭାଗିରଥି ସକାଳେ ଧାନ ତଳି ଉପାଡିବାକୁ ବିଲକୁ ଯାଇଥିଲେ । ତେବେ ସେଠାରେ ଧାନ ତଳି ଉପାଡୁଥିବା ବେଳେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା । ଅପରାହ୍ନ ପ୍ରାୟ ୩ଟା ବେଳେ ପରିବାର ଲୋକେ ଏ ସମ୍ପର୍କରେ ଖବର ପାଇ ବିଲରୁ ତାଙ୍କୁ ଉଦ୍ଧାର କରି ତିହିଡି ଡାକ୍ତରଖାନା ଆଣି ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତିହିଡି ପୋଲିସ ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ପଠାଇଥିବା ଜଣାଯାଇଛି ।

# ପଞ୍ଚାୟତକୁ ମିଳୁନି ହରିଶ୍ଚନ୍ଦ୍ର ସହାୟତା ଅର୍ଥ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ବିଭାଗର କୁପରିଚାଳନା ପାଇଁ ଯୋଜନା ରୂପାୟନରେ ଅନିଶ୍ଚିତତା ଦେଖାଦେଇଛି। ମୃତ ବ୍ୟକ୍ତିଙ୍କ ସଂସ୍କାର ପାଇଁ ତତ୍କାଳ ଆର୍ଥୀକ ସହାୟତା ଭାବେ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ ହୋଇଆସୁଛି। ଏହି ଯୋଜନା ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ପଞ୍ଚାୟତ ପରିସର ଯେ କୌଣସି ଗ୍ରାମର ବ୍ୟକ୍ତି ମୃତ୍ୟୁବରଣ କଲେ ସଂସ୍କାର ଜନିତ (ହରିଶ୍ଚନ୍ଦ୍ର ଯୋଜନା)ଆର୍ଥୀକ ସହାୟତା ପାଇଁ ସଂପୃକ୍ତ ପରିବାର ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରସ୍ଥ ହେଉଛନ୍ତି। ସରପଞ୍ଚ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବାରୁ ଏହି ଯୋଜନାରେ ଅର୍ଥ ଥାଉ କି ନଥାଉ ୩ ହଜାର ଟଙ୍କା ସହାୟତା ଦେବାକୁ ବାଧ ହେଉଛନ୍ତି। ସରପଞ୍ଚଙ୍କ ବ୍ୟକ୍ତିଗତ ଅର୍ଥ ପ୍ରଦାନ ଦ୍ୱାରା ଲୋକେ ଉପକୃତ ହେଉଥିବାରୁ ଏତ୍‌ନେଇ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ମାତ୍ର ବିଚରା ସରପଞ୍ଚ ଧାର ଉଧାର କରି ହାତରୁ ଟଙ୍କା ଗଣି ନୟାନ୍ତ ହେଉଥିବା ବେଳେ ଯୋଜନା ଅର୍ଥ ବ୍ଲକରେ ଥାଇ କି ବି ପଞ୍ଚାୟତକୁ ଆସିପାରୁ ନାହିଁ। ଏଭଳି ଅଭିଯୋଗ ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ ଆଣିଛନ୍ତି। ଗତ ୫ ମାସ ଧରି ପଞ୍ଚାୟତର ୨୫ ମୃତକଙ୍କୁ ୭୫ ହଜାର ଟଙ୍କା ପୈଠ କରିସାରିଛନ୍ତି। ବ୍ଲକରେ ଯୋଜନା ଅର୍ଥ ପଡିରହିଛି। ସେହି ଅର୍ଥରୁ ବ୍ଲକ ଜମାଖାତାକୁ ସୁଧ ଆସୁଛି। ମାତ୍ର ପଞ୍ଚାୟତକୁ ଯୋଜନା ଅର୍ଥ ପ୍ରଦାନ କରାଯାଉ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଜଣାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବ୍ଲକ ଡାଟାଏଣ୍ଟ୍ରି ବିଭାଗର ତ୍ରୁଟି ଯୋଗୁଁ ଯୋଜନା ଅର୍ଥ ପଞ୍ଚାୟତକୁ ପଠାଯାଇ ପାରୁ ନାହିଁ ବୋଲି ବିଡିଓ ମତରଖିଛନ୍ତି। ଏହି ତ୍ରୁଟି ସୁଧରାଯାଇ ଅର୍ଥ ତୁରନ୍ତ ପଠାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବଜ୍ରାଘାତରେ ମହିଳା ମୃତ

କରଞ୍ଜିଆ,(ସବ୍ୟୁ): କରଞ୍ଜିଆ ଏନଏସି ୱାର୍ଡ ନମ୍ବର ୧୨ ନୁଆସାହିର ମହିଳା ଇରାବତୀ ନାୟକଙ୍କ ବୁଧବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ବଜ୍ରାଘାତରେ ମୃତ୍ୟୁ ଘଟିଛି। ଅବିବାହିତ ଇରାବତୀ (୩୬) ବିଲକୁ ଘାସ କାଟିବାକୁ ଯାଇଥିବା ବେଳେ ବର୍ଷା ଓ ବଜ୍ରାପାତ ହେବାରୁ ସେଠାରେ ସେ ପଡ଼ିଯାଇଥିଲେ। ଖବର ପାଇ ଘର ଲୋକେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାଳୟରେ କରଞ୍ଜିଆ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପରିବାର ଲୋକେ ଶବକୁ ବ୍ୟବଚ୍ଛେଦ ପାଇଁ ଅନିଚ୍ଛା ପ୍ରକାଶ କରି ବ୍ୟବଚ୍ଛେଦ ନକରି ନେଇ ଯାଇଥିଲେ। କରଞ୍ଜିଆ ତହସିଲ ପକ୍ଷରୁ ଚିକିତ୍ସାଳୟକୁ ମୃତ ବିଷୟରେ ରିପୋର୍ଟ ମଗାଯାଇଛି।

# ୫ଲକ୍ଷ ରାକ୍ଷୀ ବଣ୍ଟନ କଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ

ବାଲେଶ୍ୱର,(ସବ୍ୟୁ): ପବିତ୍ର ରକ୍ଷା ବନ୍ଧନ ପାଇଁ ସାଂସଦଙ୍କ ପ୍ରେରଣା ରେ ରକ୍ଷା ବନ୍ଧନ- ୨୦୨୫ ପାଇଁ ବାଲେଶ୍ୱର, ବାଲିଆପାଳ, ନୀଳଗିରି,ଔପଦା,ଖନ୍ତାପଡ଼ାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି । ଆଜି ନୀଳଗିରି ସରସ୍ୱତୀ ଶିଶୁ ମନ୍ଦିର କ୍ୟାମ୍ପସରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତରଫରୁ ରକ୍ଷା ବନ୍ଧନ - ୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ଏହି ବୈଠକରେ ବିଧାୟକ ସନ୍ତୋଷ ଖଟୁଆ,ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ସାଂସଦ ପ୍ରତିନିଧି କରୁଣାକର ପଣ୍ଡା,ନୀଳଗିରି ନଗର ଚେୟାରମ୍ୟାନ ମହେନ୍ଦ୍ର ନାଥ ବେହେରା,ଚନ୍ଦ୍ରଶେଖର ନନ୍ଦ,ମନୋରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ,ପ୍ରଫୁଲ୍ଲ ଦଳେଇ,ବଳରାମ ବିଶ୍ୱାଳ, ରବୀନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତି ବର୍ଷ ପରି ନୀଳଗିରିରେ ସାଂସଦଙ୍କ ପ୍ରେରଣାରେ ଏହି ବର୍ଷ ମଧ୍ୟ ରକ୍ଷା ବନ୍ଧନ ଉତ୍ସାହର ସହ ବିଜେପିର କାର୍ଯ୍ୟକର୍ତ୍ତା ମାନେ ଗାଁ,ସ୍କୁଲ,ଡାକ୍ତର ଖାନା,ମନ୍ଦିର ଇତ୍ୟାଦି ଜାଗାରେ ରାକ୍ଷୀ ଗୀତଗାନ କରି ମିଠା ଖୁଆଇ ପାଳନ କରିବେ । ସାଂସଦ ଓ ବିଧାୟକ ମଧ୍ୟ ବିଭିନ୍ନ ଜାଗାରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି ବର୍ଷ ସାଂସଦ ବାଲେଶ୍ୱର ଜିଲ୍ଲାରେ ୫ ଲକ୍ଷ ରାକ୍ଷୀ ବଣ୍ଟନ କରିଛନ୍ତି । ସାଂସଦ ଆଜିର ସାମ୍ପ୍ରତିକ ପରିସ୍ଥିତିରେ ନିଜ ନିଜ ଭିତରେ ଥିବା ବାଦ ବିବାଦ ଅବସାନ ଘଟାଇ ଜାତୀୟ ଏକତାର ମନୋଭାବ ରଖି ପବିତ୍ର ରକ୍ଷା ବନ୍ଧନ କାର୍ଯଯକ୍ରମକୁ ପାଳନ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି ।

# ରାଇକମା ଆଶ୍ରମ ବିଦ୍ୟାଳୟର ମା' ନାମରେ ଗଛଟିଏ କାର୍ଯ୍ୟକ୍ରମ

ବେତନଟୀ ,(ସବ୍ୟୁ) :ବୈଶିଙ୍ଗା ବଜାର ଉପକଣ୍ଠ କେନ୍ଦୁଆ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ରାଇକମା ଆଶ୍ରମ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ପବିତ୍ର ବେଲଚାରା ରୋପଣ କରାଯାଇ ମା' ନାମରେ ଗଛଟିଏ କାର୍ଯ୍ୟକ୍ରମର ଯଥାର୍ଥତା ପ୍ରତିପାଦନ କରାଯାଇଛି । ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଇକୋ କ୍ଲବର ନଡାଲ ଶିକ୍ଷକ ସୁବାସିନୀ ପରିଡାଙ୍କ ଉଦ୍ୟମରେ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ତରଫରୁ ପୂର୍ବ ବର୍ଷ ମଧ୍ୟ ଏହି ମନ୍ଦିର ପରିସରରେ ମଧ୍ୟ ବୃକ୍ଷରୋପଣ କରାଯାଇଥିଲା। ଏହି ସମୟରେ ଶିକ୍ଷିକା ସରସତୀ ଜେନା, ପ୍ରତିମା ପରିଡା, ଅନୁଚର ମଣ୍ଟୁ ମାର୍ଣ୍ଡି, ଛାତ୍ର ବିଜୟ ବେହେରା, ରବୀନ୍ଦ୍ର ହାଁସଦା, କ୍ରିଷ୍ଣା ସିଂ ଓ ସୁରେଶ ସିଂ ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ ୯ ସ୍ଥାନୀୟ ସଦସ୍ୟଭାବେ ବାବୁଲି ଜେନା , ବାବୁଲା ବାବୁ,ବିଶଜିତ ବାବୁ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

# ଦୁଇ ଲକ୍ଷ ଟଙ୍କାର ଘରୋଇ ବୈଦ୍ୟୁତିକ ଉପକରଣ ନଷ୍ଟ, କ୍ଷତିପୂରଣ ଦାବି

ବନ୍ତ,(ସବ୍ୟୁ): ଭଦ୍ରକ ଜିଲ୍ଲା ବନ୍ତ ବିଦ୍ୟୁତ୍ ସେକ୍ସନ ଅଧିନ ନିଲୋକ ଫିଉଜ୍ ସେଣ୍ଟର ଦାୟୀତ୍ୱରେ ଥିବା ଲାଇନ୍ ମ୍ୟାନ୍‌ଙ୍କ ଅବହେଳା ଯୋଗୁ ବେଗନା, ବାଲିଗଡିଆ ଓ ସାହାଡାପଲ୍ଲୀ ଗ୍ରାମରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଘରୋଇ ବୈଦ୍ୟୁତିକ ଉପକରଣ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବନ୍ତ ବିଦ୍ୟୁତ୍ ସେକ୍ସନ ଅଧିନ ବେଗନା ସବ୍‌ଷ୍ଟେସନ ଅଧିନରେ ବେଗନା, ବାଲିଗଡିଆ ଓ ସାହାଡାପଲ୍ଲୀ ଗ୍ରାମର ଶତାଧିକ ଉପଭୋକ୍ତା ରହିଛନ୍ତି । ଉକ୍ତ ସବ୍ ଷ୍ଟେସନ ଠାରୁ ବାଲିଗଡିଆ ଗ୍ରାମର ଦୂରତା ୧ କିମିରୁ ଅଧିକ ହୋଇଥିବାରୁ ଉପଭୋକ୍ତାମାନେ ଲୋଭୋଲଟେଜ୍ ବିଦ୍ୟୁତ୍ ପାଇଆସୁଛନ୍ତି । ଗତ ୨ ମାସ ତଳେ ଉକ୍ତ ସବ୍ ଷ୍ଟେସନର ଟ୍ରାନ୍ସଫର୍ମର ନିଉଟାଲ ବୁସ୍‌ଟି ଖରାପ ହୋଇଯିବାରୁ ସ୍ପାର୍କିଂ କରି ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ ଦେଖାଯାଇଥିଲା । ଏନେଇ ଉପଭୋକ୍ତା ମାନେ ନିଲୋକ ଫିଉଜ ସେଣ୍ଟର ଦାୟୀତ୍ୱରେ ଥିବା ଲାଇନ ମ୍ୟାନଙ୍କୁ ବାରମ୍ବାର ଜଣାଇଥିଲେ । ମାତ୍ର ସମ୍ପୃକ୍ତ ଲାଇନ୍ ମ୍ୟାନ୍ କୌଣସି ପଦକ୍ଷେପ ନେଇନଥିଲେ । ଫଳରେ ବିଦ୍ୟୁତ୍ ଭୋଲଟେଜ୍ କମ ବେଶି ହୋଇ ୬ଟି ଫ୍ରିଜ୍, ୪୦ରୁ ଅଧିକ ଫ୍ୟାନ୍, ୨ଟି ଗ୍ରାଇଣ୍ଡର, ବହୁତ ମୋବାଇଲ ଫୋନ୍ ସମେତ ବହୁ ବୈଦ୍ୟୁତିକ ଉପକରଣ ପୋଡି ନଷ୍ଟ ହୋଇଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ । ଏସମ୍ପର୍କରେ ଉପଭୋକ୍ତାମାନେ ସହକାରୀ କାର୍ଯ୍ୟ ନିର୍ବାହୀ ପରିଚାଳକ ବନ୍ତ ଓ ଏସଡିଓ ଭଦ୍ରକଙ୍କୁ ଅବଗତ କରିଥିଲେ । ଏଥିସହ ବହୁ ସମୟରେ ବିଦ୍ୟୁତ୍ ସମସ୍ୟା ନେଇ ସମ୍ପୃକ୍ତ ଲାଇନ୍ ମ୍ୟାନଙ୍କୁ ଫୋନ କଲେ ସେ ଫୋନ ନ ଧରିବା ଏବଂ ଫୋନ ଧରିଲେ ଖରାପ ବ୍ୟବହାର କରୁଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି ।ସମ୍ପୃକ୍ତ ଲାଇନ୍ ମ୍ୟାନଙ୍କ ଅବହେଳା ଯୋଗୁ ଲକ୍ଷାଧିକ ଟଙ୍କାର ନଷ୍ଟ ହୋଇଥିବା ବୈଦ୍ୟୁତିକ ଉପକରଣ ବାବଦ କ୍ଷତିପୂରଣ ଦେବା ସହିତ ତାଙ୍କୁ ଏଠାରୁ ତୁରନ୍ତ ବଦଳି କରି ନୂଆ ଲାଇନ ମ୍ୟନ ନିଯୁକ୍ତ କରିବା ନେଇ ମଣିଭଦ୍ର ବିଶ୍ୱାଳ, ଗୋପିନାଥ ପଣ୍ଡା, ସୂର୍ଯ୍ୟମଣି ବିଶ୍ୱାଳ, ଅଭିମନ୍ୟୁ ଜେନା, ଦାଶରଥି ଗାହାଣ, ବିଶ୍ୱନାଥ ବିଶ୍ୱାଳ, ବଳରାମ ଜେନାଙ୍କ ସମେତ ବହୁ ଉପଭୋକ୍ତା ବାଲେଶ୍ୱରସ୍ଥିତ ଟିପିଏନଓଡିଏଲ ସିଇଓ, ଭଦ୍ରକ ଏସ.ଇ(ବିଦ୍ୟୁତ୍), ଭଦ୍ରକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍), ଏସ.ଡିଓ ବରପଦା ଏବଂ ସହକାରୀ କାର୍ଯ୍ୟ ନିର୍ବାହୀ ପରିଚାଳକ ବନ୍ତଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ନାଟକ କମ୍ବଳ ପ୍ରଦର୍ଶନ



ବାଲେଶ୍ୱର,(ସବ୍ୟୁ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ପ୍ରେକ୍ଷାଳୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ନାଟକ କମ୍ବଳ ମଞ୍ଚସ୍ଥ ହୋଇଯାଇଛି।। କମ୍ବଳକୁ ଏହି ନାଟକରେ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ସଂପର୍କର ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଏକଦା ଫକୀରମୋହନଙ୍କ ଗୃହକୁ ଗଙ୍ଗାଧର ମେହେର ଆସିଥିବା ସମୟରେ ତାଙ୍କର କମ୍ବଳଟିକୁ ବାଲେଶ୍ୱରରେ ଛାଡ଼ିଦେଇ ଯାଇଥିଲେ। ଶହେବର୍ଷ ପରେ ଭାଷା ଓ ସଂପର୍କର ପ୍ରତୀକ ସେହି କମ୍ବଳକୁ ଧରି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର କର୍ମକର୍ତ୍ତାମାନେ ବରପାଲିକୁ ଯାତ୍ରା କରୁଛନ୍ତି। ଏହି ବିଷୟବସ୍ତୁକୁ ନେଇ ଅତି ସୁନ୍ଦର ଭାବରେ ନାଟକଟିକୁ ରଚନା କରାଯାଇଛି। ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ନିରଂଜନ ରାଉତ ଓ ଏଥିରେ ସଙ୍ଗୀତ ପରିବେଷଣ କରିଥିଲେ କଲ୍ୟାଣୀ ନନ୍ଦ। ଅଭିନୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରଭାକର ସାହୁ, ପଣ୍ଡିତ ସଂଜୟ କୁମାର ପଣ୍ଡା, ଜୁମରନାଥ ପାତ୍ର ଓ ପ୍ରଫୁଲ୍ଲ କୁମାର ଦାସ ସେମାନଙ୍କର ନିଖୁଣ କଳା ପ୍ରଦର୍ଶନ କରିଥିଲେ। ପ୍ରଚ୍ଛଦପଟ ସଙ୍ଗୀତରେ ମଞ୍ଚଉପରେ ମଙ୍ଗଳସୂଚକ ନୃତ୍ୟ ପରିବେଷଣ କରିଥିଲେ ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ଶାନ୍ତିଲତା ପଣ୍ଡା, ମମତା ଦାସ, ତୃପ୍ତିରାଣୀ ପାତ୍ର, କୃଷ୍ଣା ପ୍ରଧାନ ଓ ବାସନ୍ତୀ ଦେ। ପ୍ରଥମେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶରତ କୁମାର ମହାପାତ୍ର, ତପନ ରାୟ, ଦୀପକ ବୋଷ, ଡ. ଶିରୀଶଚନ୍ଦ୍ର ଜେନା, ଡ. ରମାକାନ୍ତ ନାୟକ, ଡ. ରତ୍ନାକର ସିଂହ, ପ୍ରସନ୍ନ କୁମାର ଦାସ, ଜ୍ୟୋସ୍ନା ରାୟ, ଗୀତାଞ୍ଜଳି ଶତପଥୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାଞ୍ଜଳି ଦେଇ ଆଶିଷ କାମନା କରିଥିଲେ। ନାଟକଟି ସମସ୍ତଙ୍କଦ୍ୱାରା ଉପଭୋଗ୍ୟ ହୋଇଥିଲା।

# ଖବର ପ୍ରକାଶ ପରେ ଫଲ୍ସ ବିଲ ଲୁଟେରା ଫେରାଇଲେ ଅର୍ଥ

ବାସୁଦେବପୁର ,(ସବ୍ୟୁ) : ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମର ଅଯୋଗ୍ୟ ହିତାଧିକାରୀଙ୍କ ଆବାସ ଯୋଜନାର ଘରକୁ ଦେଖାଇ କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ କରିଥିବା ସମଗ୍ର ବାସୁଦେବପୁର ବ୍ଲକର ଚର୍ଚ୍ଚାର ବିଷୟ ହୋଇଛି । ଅଯୋଗ୍ୟ ହିତାଧିକାରୀଙ୍କ ଆବାସ ଘର ଦେଖାଇ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ଫଲ୍ସ ବିଲ ପରେ ପିଇଓ ସର୍ବଶ୍ରୀ ପଟ୍ଟନାୟକ ମାଧ୍ୟମରେ ଲୁଟିନେଲେ ୧ ଲକ୍ଷ ୧୩ ହଜାର ୪ଶହ ଟଙ୍କା । ଅରଣ୍ଡୁଆ ପଞ୍ଚାୟତର କମ୍ୟୁନିଟି ସେଣ୍ଟର ନାମରେ ଫଲ୍ସ ବିଲ ଲୁଟେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ଖବର ପ୍ରକାଶ ସମୟରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ବିଡିଓ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତରେ ପଠାଇ ଥିଲେ । ଏଠାରେ କଥା ଉଠୁଛି

**ସମୟର ପ୍ରଭାବ...**

ପାଇବା ପରେ କାର୍ଯାନୁଷ୍ଠାନ ନିଶ୍ଚିତ ଜାଣିପାରି ଲୁଟେରା ବ୍ଲକର ଅର୍ଥ ଡିପୋଜିଟ କରିଛନ୍ତି । ତମ୍ବାଖଣ୍ଡି ଗ୍ରାମର କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ ଘଟଣା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ । ଯାହା କେବଳ ବିଭାଗୀୟ ଅଧିକାରୀଙ୍କ ନାମରେ ସିଏଫସି କାର୍ଯ୍ୟଦେଶ ରହିଛି । କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନଙ୍କ ୨୦୨୪-୨୫ ମସିହାର ଅର୍ଥ ସିଧାସଳଖ ପଞ୍ଚାୟତକୁ ଆସିଥାଏ । ପଞ୍ଚାୟତ ସମିତିର ହସ୍ତକ୍ଷେପ ନଥାଏ । ତେଣୁ ଖୋଦ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ଜାଗା ନଦେଖି, ଲେ ଆଉଟ ନଦେଇ, ସ୍ପଷ୍ଟକୁ ଥରେ ବି ନଆସି ଫଲ୍ସ ବିଲ କରିଛନ୍ତି । ଏମିତି ଆଉ କେଉଁ ପଞ୍ଚାୟତର କରିଛନ୍ତି କି .. । ତାହା ତଦନ୍ତ ସାପେକ୍ଷ ଅଟେ । କେନ୍ଦ୍ର ସରକାରଙ୍କ ଅନୁମୋଦନ ଅର୍ଥ ବ୍ଲକର କୌଣସି ଏକାଉଣ୍ଟରେ ଡିପୋଜିଟ ହୋଇ ପାରିବ ନାହିଁ । ଯେଉଁମାନେ ଅର୍ଥ ଡିପୋଜିଟ କଲେ ସରକାରୀ ଅର୍ଥ ଲୁଟ କରିଥିଲେ ବୋଲି ସ୍ୱୀକାର କଲେ । ବିଡିଓ କାହିଁକି ତାଙ୍କ ବିରୋଧରେ କ୍ରିମିନାଲ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ । କନିଷ୍ଠ ଯନ୍ତ୍ରୀଙ୍କ ସମସ୍ତ କାମ ତଦନ୍ତ କଲେ ଆଉ କେତେ ଫଲ୍ସବିଲ ଲୋକ ଲୋଚନକୁ ଆସିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହେଉଛି । ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନହେଲେ ବ୍ଲକ ଘେରାଉ ସହିତ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଧମକ ଦେଇଛନ୍ତି । ବାସୁଦେବପୁର ବ୍ଲକର ଦୁର୍ନିତିର ଗନ୍ତାଘର । ଏଠି ସବୁ ସମୟରୁ ପ୍ରଶାସନ ଦୁର୍ନିତି ଗ୍ରସ୍ତ କର୍ମଚାରୀଙ୍କ ସୁରକ୍ଷା କବଚ ସାଜିଥାନ୍ତି । ଆଳୁ ଖୋଳିଲେ ମହାଦେବ ବାହାରିବ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୦୯)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**କାର୍ଯ୍ୟମିତ୍ୟେବ ଯତ୍କର୍ମ ନିୟତଂ କ୍ରିୟତେର୍ଦ୍ଧୁନ ।**
**ସଙ୍ଗଂ ତ୍ୟକ୍ତ୍ୱା ଫଳଞ୍ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥ ୯ ॥**

(ସାତ୍ତ୍ୱିକ ତ୍ୟାଗମାହ)-ହେ ଅର୍ଜୁନ ! ସଙ୍ଗଂ (ଆସକ୍ତି) ଫଳଂ ଚ ଏବ ତ୍ୟକ୍ତ୍ୱା, କାର୍ଯ୍ୟଂ (କର୍ତ୍ତବ୍ୟଂ) ଏବ ଇତି (ମତ୍ୱା), ଯତ୍ ନିୟତଂ (ଅବଶ୍ୟକର୍ତ୍ତବ୍ୟତୟା ବିହିତଂ, ନିତ୍ୟଂ) କର୍ମ କ୍ରିୟତେ ସଃ ତ୍ୟାଗଃ ସାତ୍ତ୍ୱିକଃ ମତଃ ॥ ୯ ॥

# ଓଡ଼ିଶାରେ ଜାତୀୟ ହସ୍ତତନ୍ତ ଦିବସ

ଚଳିତ ଅଗଷ୍ଟ ୭ ତାରିଖରୁ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ଭୁବନେଶ୍ୱରର ଜନତା ମଇଦାନରେ ସପ୍ତାହେ ବ୍ୟାପି ହସ୍ତତନ୍ତ ଓ ହସ୍ତଶିଳ୍ପର ଏକ ବିରାଟ ପ୍ରଦର୍ଶନୀ ହେଉଥିବା ଆନନ୍ଦର କଥା । ଏଥିରେ ଓଡ଼ିଶା ସମେତ ପ୍ରାୟ ୮ଟି ରାଜ୍ୟର ବୁଣାକାରମାନେ ସେମାନଙ୍କର ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ କରିବେ । ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ଓ ଏକତା ( ଏକଜ୍‌ବିସେନ କମ୍ ନଲେଜ ସେଆରିଂ ଫର୍ ଟେକ୍ସଟାଇଲ ଏଡ୍‌ଭେନଷ୍ଟଜ) ମଧ୍ୟ ପାଳନ କରାଯାଉଛି । ସମଗ୍ର ଓଡ଼ିଶାର ପ୍ରାୟ ୧୫୦୦ରୁ ଅଧିକ ବୁଣାକାର ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି । ପ୍ରତିବର୍ଷ ଜନତା ମଇଦାନରେ ଏପରି ପ୍ରଦର୍ଶନୀ ଜନସାଧାରଣଙ୍କୁ ଆକୃଷ୍ଟ କରି ଆସୁଛି ଏବଂ କୋଟି କୋଟି ଟଙ୍କାର କାରବାର ମଧ୍ୟ ବିକ୍ରୀବଟାରୁ ହୋଇଥାଏ ।

ଓଡ଼ିଶାକୁ ବିକଶିତ ଓଡ଼ିଶାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ପୂରଣ କରିବା ଲାଗି ରାଜ୍ୟର ମୋହନ ମାଝୀଙ୍କ ସରକାର ତତ୍ପରତା ପ୍ରକାଶ କରୁଥିବା ପରିଲକ୍ଷିତ ହୋଇଛି ।

ଚଳିତ ବର୍ଷ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ ୨୦୨୫ର ବିଷୟବସ୍ତୁ ରଖାଯାଇଛି 'Know Your Weaves Campaign 2025'(ଆପଣଙ୍କର ବୁଣା ପ୍ରଣାଳୀ ଜାଣନ୍ତୁ ଅଭିଯାନ ୨୦୨୫) ଅବଶ୍ୟ ନୂଆଦିଲ୍ଲୀର ଜାତୀୟ କ୍ରାଫଟସ୍ ମ୍ୟୁଜିଅମ୍ ଓ ହସ୍ତକଳା ଏକାଡେମୀ ଠାରେ ଗତ ଅଗଷ୍ଟ ୧(୨୦୨୫) ରୁ ଏହି ଅଭିଯାନ ଉଦ୍‌ଘାଟିତ ହୋଇ ସପ୍ତାହେ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ସ୍ଥିର ହୋଇଥିଲା । ଅଗଷ୍ଟ ୭ରେ ସେଠାରେ ଜାତୀୟ ହସ୍ତତନ୍ତ ଦିବସ ମଧ୍ୟ ପାଳନ କରାଯାଉଛି । ଗତ ଅଗଷ୍ଟ ପହିଲାରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟର ଶାସନ ସଚିବ ଶ୍ରୀମତୀ ନୀଲମ ଶାମି ରାଓ ଏହି ସାତଦିନିଆ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଯେ ଆମ ଦେଶରେ ହସ୍ତତନ୍ତର ଯେଉଁ ସମୃଦ୍ଧ ଓ ବହୁମୁଖୀ ପରମ୍ପରା ରହିଛି, ସେ ବିଷୟରେ ସଚେତନତା ସୃଷ୍ଟି ହେଉଛି ଏହି ବିଷୟବସ୍ତୁର ଉଦ୍ଦେଶ୍ୟ ।

ବିକଶିତ ଭାରତ ସମେତ ବିକଶିତ ଓଡ଼ିଶା ଲାଗି ରାଜ୍ୟ ସରକାର ଯେଉଁ ଭିଜନ ବା ଭବିଷ୍ୟ ଦୃଷ୍ଟି ରଖିଛନ୍ତି । ସେଥିରେ ଉଲ୍ଲେଖ କରାଯାଇଛି ଯେ ହସ୍ତତନ୍ତ କ୍ଷେତ୍ରରେ ଏଣ୍ଡିପୋକ ନ ମାରି ସମ୍ବେଦନାର ସହ ପ୍ରସ୍ତୁତ 'କରୁଣା ସିଲ୍‌କ' ଆଜି ଓଡ଼ିଶାର ଟସର ଶିଳ୍ପକୁ ନୂତନ ଦିଗନ୍ତ ପ୍ରଦାନ କରିଛି । ... ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା କନକ୍ଲେଭ-୨୦୨୫ ସମ୍ମେଳନରେ, ୭,୭୬୨ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ ପାଇଛି । ୩୬ଟି ବସ୍ତ୍ର ଉଦ୍ୟୋଗରେ ପ୍ରାୟ ୮୮ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ଓ ୭ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାକୁ ଯାଉଛି । ଏହା ବ୍ୟତୀତ ହସ୍ତତନ୍ତ କ୍ଷେତ୍ରରେ ଓଡ଼ିଶାର ହସ୍ତତନ୍ତକୁ ଜି.ଆଇ. ଟ୍ୟାଗ ମାନ୍ୟତା ପ୍ରଦାନ ପାଇଁ ଭାରତ ସରକାରଙ୍କ ଟେକ୍ସଟାଇଲ କମିଟି, ସିଡ୍‌ବି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ରେଶମ ଚାଷରେ ମୋଡେଲ ଇକୋ ରେସ୍ କଞ୍ଜର୍ଭେସନ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସିଲ୍‌କ ବୋର୍ଡ ମଧ୍ୟରେ ବୁଝାମଣା ମଧ୍ୟ ହେଉଛି ।

ଓଡ଼ିଶାର ହସ୍ତତନ୍ତ ଡିଜାଇନ କରାଯାଇଥିବା ଇକ୍‌ତା ( ସମ୍ବଲପୁରୀ), ବୋମକାଇ, ଖଣ୍ଡୁଆ, କୋଟପାଡ ଓ ଟସର ପ୍ରଭୃତି କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ ଆଦୃତ ହୋଇଛି । ଓଡ଼ିଶାର ପ୍ରଦର୍ଶନୀକୁ ଉତ୍କୃଷ୍ଟମାନରୁ ଏବଂ ଆକର୍ଷଣୀୟ କଲମକାରୀ (ଆନ୍ଧ୍ରପ୍ରଦେଶ), ଭେଙ୍କଟଗିରି (ଆନ୍ଧ୍ରପ୍ରଦେଶ), ଉପାଡା ଜାମଦାନୀ (ଆନ୍ଧ୍ରର ପୂର୍ବ ଗୋଦାବରୀ ଜିଲ୍ଲାର) ଭାଗଲପୁରୀ ସିଲ୍‌କ (ବିହାର), କୋସା (ଛତିଶଗଡ଼ ), ପାଟନା ପାଟୋଲା (ଗୁଜରାଟ), ଜାମଓ୍ୱାର (ଜାମ୍ମୁ ଓ କାଶ୍ମୀର), ସମ୍ବଲପୁରୀ (ଓଡ଼ିଶା), କୋଟପାଡ଼ (କୋରାପୁଟ ଜିଲ୍ଲା, ଓଡ଼ିଶା), ତନ୍ତ (ପଶ୍ଚିମବଙ୍ଗ), ଜାମଦାନୀ (ପଶ୍ଚିମବଙ୍ଗ), ନୀଳାମ୍ବରୀ (ପଶ୍ଚିମବଙ୍ଗ) ପ୍ରଭୃତି ଶାଢ଼ୀ ଆସି ପ୍ରଦର୍ଶିତ ହେବ ବୋଲି ଆଶା କରାଯାଉଛି ।

ଏହି ହସ୍ତତନ୍ତ ଦିବସ ପାଳନର ସର୍ବ ସଫଳତା ଆମେ କାମନା କରୁଛୁଁ ।

## ଭକ୍ତିମାର୍ଗ

**ଭକ୍ତିମାର୍ଗ ଅତୀବ ପିଚ୍ଛିଳ, ଯଦି ଏହି ମାର୍ଗରେ ଚାଲିଲାବେଳେ ଦଣ୍ଡ ମିଳେ ତେବେ ଜାଣିବ କୋଦଣ୍ଡ ପ୍ରାପ୍ତିର ସମୟ ଉପନୀତ ହେଲା, ଯଦି ଅସହ୍ୟ କଷ୍ଟବୋଧ ହେଲା ତେବେ ଜାଣିବ କୃଷ୍ଣପ୍ରାପ୍ତିର ସମୟ ଆସିଗଲା, ମୃତ୍ୟୁ ମିଳିଲା ତେବେ ଜାଣିବ ମୃତ୍ୟୁଞ୍ଜୟୀ ହେବାର ସୌଭାଗ୍ୟ ପ୍ରାପ୍ତି କରିବାର ସମୟ ଆସିଗଲା, ଯଦି ଶୂନ୍ୟ ହୋଇଗଲ ତେବେ ଜାଣିବ ତୁମ ଭିତରେ ପୂର୍ଣ୍ଣବ୍ରହ୍ମର ପ୍ରକାଶ ଘଟିଲା ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଜଗତସିଂହପୁର ଡାଏରି-୫

# ଦୁର୍ନୀତିପ୍ରତି ମୋର ଦୃଷ୍ଟିଭଙ୍ଗୀ



**ସଂଗ୍ରାମ ମହାପାତ୍ର**

ଶାସ୍ତ୍ରରେ ଅଛି, 'ଶ୍ରେୟାଂସି ବହୁବିଘ୍ନାନି' । ଅର୍ଥାତ କୌଣସି ଭଲ ବା ମଙ୍ଗଳ କାର୍ଯ୍ୟରେ ବ୍ରତୀ ହେଲେ ବହୁ ବିଘ୍ନ ଉପସ୍ଥିତ ହୁଏ । ବିଘ୍ନ ଦେଖି ଭୟ କରିବା ମନୁଷ୍ୟତ୍ୱ ନୁହେଁ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ପ୍ରବୃତ୍ତିଂଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ' । ଅର୍ଥାତ୍ ଯେଉଁ ମଣିଷ ପ୍ରବୃତ୍ତି ଓ ନିବୃତ୍ତି ମଧ୍ୟରେ ପାର୍ଥକ୍ୟ ବୁଝିପାରେ ନାହିଁ, ସେ ସ୍ୱେଚ୍ଛାଚାରୀ ଓ ଅସୁର ପ୍ରକୃତିର ଅଟେ । ଦୁର୍ନୀତି ହେଉଛି ନିବୃତ୍ତି । ଅଥଚ ବର୍ତ୍ତମାନ ସରକାରୀ କଳରେ ଥିବା କିଛି ଅଧିକାରୀ ଏହାକୁ ପ୍ରବୃତ୍ତି କରିଦେଇଥିବାର ଫଳ ଆମେ ପ୍ରତ୍ୟେକ ଦିନ ବୈଦ୍ୟୁତିକ ଗଣମାଧ୍ୟମରେ ଦେଖୁଚେ । ଏ ସବୁ ଦୃଶ୍ୟ ଉତ୍ପୀଡ଼ିକ, ଚିନ୍ତାଜନକ ଓ ଘୃଣ୍ୟ । ଯେଉଁମାନେ ସରକାରୀ ଚାକିରି ପାଆନ୍ତି, ସେମାନେ ତ ନିଶ୍ଚୟ ବିଦ୍ୟାଧ୍ୟୟନ ପୂର୍ବକ ଡ଼ିଗ୍ରୀଧାରଣ କରି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି । ଶାସ୍ତ୍ର କହେ. 'ଯା ବିଦ୍ୟା ଯା ତୁ ଦର୍ଶତେଶ୍ୱରା' । ଅର୍ଥାତ୍ ଯେ ଈଶ୍ୱରଙ୍କୁ ଦେଖାଏ, ସେ ବିଦ୍ୟା । ଦୁର୍ନୀତିଗ୍ରସ୍ତ ଚାକିରିଆଟିଏ କ'ଣ ପ୍ରକୃତରେ ବିଦ୍ୟା ଲାଭ କରିଛି ! ବରଂ ସେ ଅବିଦ୍ୟାର ଅଧିକାରୀ । କ୍ଷମତାରେ ଥିବା ମଣିଷର ପଛେ ପଛେ ଦୁର୍ନୀତି ତ ଛାଇ ଭଳି ଗୋଡ଼େଇଥାଏ । କିଏ କେତେ ଆତ୍ମସଂଯମ କରିପାରିଲା ତାହା ତା'ର ଜ୍ଞାନ ଉପରେ ନିର୍ଭର କରେ । କ୍ଷମତାସୀନ ଅଧିକାରୀ ସେ ଅମଲା, ଯନ୍ତ୍ରୀ, ଡାକ୍ତର ଅଥବା ଯେକୌଣସି କର୍ମଚାରୀ ହେଉ, ଯଦି ସଂଯମକୁ ଆପଣାର କରି ବିବେକ ସାହାଯ୍ୟରେ ସରକାରୀ ଦାୟିତ୍ୱଟି ନିଭାଏ ତେବେ ସେ ଆଦୃତ ହେବା ସହ ଆତ୍ମସନ୍ତୋଷ ମଧ୍ୟ ଲାଭ କରିବ । ଅସାଧୁ ଉପାୟରେ ଅର୍ଥ ଆହରଣ କରିବା ଏକ ଚରମ ଉଚ୍ଛୃଙ୍ଖଳତା, ଯାହା କର୍ମଚାରୀକୁ ପ୍ରକାରାନ୍ତରେ ବିପଥଗାମୀ କରିଥାଏ । ଅର୍ଥର ଆସକ୍ତି ଏକ ଇନ୍ଦ୍ରଜାଲ ସଦୃଶ । ସେଥିରୁ ସର୍ବଦା ନିବୃତ୍ତ ରହିବାକୁ ହେବ । ଯାହା ଆବଶ୍ୟକ ତାହା ତ ଦରମାରେ ହୋଇଥାଏ, ଗୁଜୁରାଣ ମେଣ୍ଟିଯାଏ, ବାଧାବିଘ୍ନ ତ ଜୀବନରେ ଆସିବ । ଘରେ ମନୋମାଳିନ୍ୟ ହେବ,ଅସହାୟ ଲାଗିବ, ମାନସିକ ଅବସାଦ ଘାରିବ, କିନ୍ତୁ ଏହା ହେଉଛି ପରୀକ୍ଷା, ଯେ ଉତ୍ତୀର୍ଣ୍ଣ ହେଲା ସେ ଗ୍ରହଣୀୟ, ଯେ ଅକୃତକାର୍ଯ୍ୟ ହେଲା ସେ ଇନ୍ଦ୍ରଜାଲରେ ଫସେ । ସାମୟିକ ପାଇଁ ଖୁସି ଲାଗେ, ଐଶ୍ୱର୍ଯ୍ୟଶାଳୀ ହୁଏ, କିନ୍ତୁ ଫକୀର ମୋହନ ଲେଖିଛନ୍ତି, 'ଅଧର୍ମ ବିତ୍ତ, ବଢ଼େ ବହୁତ, ଗଲା ବେଳେ ଯାଏ ମୂଳ ସହିତ ।' ଶେଷରେ ଦୁର୍ନୀତିଗ୍ରସ୍ତ ବାବୁ କି ବାବୁଆଣୀ ମୁହଁ ଲୁଚେଇ କାରାଗାରକୁ ଯାଆନ୍ତି । 'ନେଇ ଆଣି ଥୋଇ ଜାଣିଲେ ଚୋରିବିଦ୍ୟା ଭଲ' ଉକ୍ତିକୁ ଦକ୍ଷତାର ସହ କାର୍ଯ୍ୟକାରୀ କରିଥିବା ସରକାରୀ ବାବୁଟି ସେଦିନ ଲୋକଚକ୍ଷୁରେ ନିନ୍ଦିତ ହୁଏ । କଥା ହେଲା ଏପରି ଗର୍ହିତ କାର୍ଯ୍ୟ ବର୍ଷ ବର୍ଷ ଧରି କରିବାରେ ସରକାରୀ କର୍ମଚାରୀ ପଶ୍ଚାତପଦ ହୁଏ ନାହିଁ ! ଏଥିପାଇଁ ସାମାଜିକ ଜୀବନ ଦୁର୍ଗତି ଆଡ଼କୁ ଠେଲି ହୋଇଥାଏ । ଆମର ତ ଦୁର୍ନୀତି ନିବାରଣ ଆଇନ ଅଛି ଓ ବିଭାଗ ମଧ୍ୟ ସେ ଦିଗରେ ତତ୍ପର । ମାତ୍ର ଦୁର୍ନୀତି, କଳାଧନ ତା'ର ରାଜୁତି ପ୍ରସାର କରି ବ୍ୟବସ୍ଥାକୁ କଳୁଷିତ କରୁଛି । ଏହାର କାରଣ ପୂର୍ବରୁ ଲେଖିଛି । କ୍ଷମତା ପଛରେ ଦୁର୍ନୀତି ଛାଇ ଭଳି ଗୋଡାଇଥାଏ । କ୍ଷମତା ଲୋଭରୁ ନିବୃତ୍ତ ନହେଲେ ଛାଇ ହୋଇଯାଏ ଦୁର୍ଗତିର ମୂଳ ଆଧାର । ସେଥିପାଇଁ ଜଣେ ଦାର୍ଶନିକ କହିଛନ୍ତି, ଜଣେ ବ୍ୟକ୍ତିର ଚରିତ୍ର ଜାଣିବାକୁ ହେଲେ ତାକୁ କ୍ଷମତା ଗାଦିରେ ବସେଇଦିଅ । ଏଥିପାଇଁଆମର ଆବଶ୍ୟକ ଏକ ନୈତିକ ବାୟୁମଣ୍ଡଳ (moral ecosystem)ଓ ଜାଗ୍ରତ ଜନମତ ।

ସରକାରୀ କର୍ମଚାରୀମାନଙ୍କୁ ଏକ ସ୍ତରଭିତ୍ତିକ ପ୍ରଶାସନିକ ପଦ୍ଧତି ଭିତରେ କାର୍ଯ୍ୟ କରିବାକୁ ପଡ଼େ । ଯଦି ସଚ୍ଚୋଟ ଅଧିକାରୀଟି କାହା ପାଖରୁ ଦୁର୍ବ୍ୟବହାର ପାଇଲା ବା ତା'ର ସୁପରାମର୍ଶଟି ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଗ୍ରାହ୍ୟ ହେଲା, ତେବେ ତା'ର ଆଗ୍ରହ ରହେନାହିଁ ଓ ମନୋବଳ ଦୁର୍ବଳ ହୁଏ । ଯଦି ଏପରି ଭାବରେ ନୀତିନିଷ୍ଠ କର୍ମଚାରୀଙ୍କୁ ବାରମ୍ବାର ଅବହେଳା କରାଯାଏ, ତେବେ ପ୍ରଶାସନରେ ହତାଶା ଓ ବିଶୃଙ୍ଖଳା ଦେଖାଯାଏ । ସରକାରୀ ଅର୍ଥର ଅପଚୟ ଘଟେ । ଥରେ ଜଣେ ବିଦ୍ୱାନ ଲେଖିଥିଲେ, ଦୁର୍ନୀତି ନିବାରଣର ପ୍ରଧାନ ଅସ୍ତ୍ର ହେଉଛି ନୈତିକତା । ସ୍ତରରେ ଉନ୍ନତି ବିଧାନ । ସାଧାରଣ ଜୀବନରେ ନୈତିକତା ପାଳନ କରିବାକୁ ହେଲେ କେତେକ ଆଚାର ସଂହିତା ନିଜେ ପାଳନ କରିବାକୁ ପଡ଼େ । ଖାଲି ଆଇନର ଗଣ୍ଡି ଭିତରେ 'ଦୁର୍ନୀତି ନିବାରଣ' ଯଥେଷ୍ଟ ନୁହେଁ । ଜିଲ୍ଲାର ମୁଖ୍ୟ ଭାବରେ ପ୍ରଥମେ ନିଜେ ଗ୍ରହଣ କରିବାକୁ ପଡିବ ଏକ ଢ଼ଗ ଯେ, 'ଖୁଣ୍ଟଗୁଣେ ଘୋଡ଼ାନାଚେ' । ଜିଲ୍ଲାପାଳଙ୍କ ଆଚାର ବ୍ୟବହାର, କାର୍ଯ୍ୟଦକ୍ଷତା, ସାଧୁତା, ସୁଶାସନ ଏସମସ୍ତ ବିଷୟ ଜିଲ୍ଲାର ଅନ୍ୟ ଅଧିକାରୀମାନଙ୍କ ଉପରେ ପ୍ରଭାବ ପକେଇଥାଏ । ଯଦି ଜିଲ୍ଲାପାଳ ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ନିଜେ କ୍ଷମତାର ଅପ-ବ୍ୟବହାର ତଥା କର୍ତ୍ତୃତ୍ୱର ଦୂରପଯୋଗକୁ ନିଜେ ରୋକିପାରନ୍ତି ଓ ପ୍ରଶାସନିକ ସଂସ୍କାରର ନେତୃତ୍ୱ ନିଅନ୍ତି, ତେବେ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ଆସେ ।

ଗଣମାଧ୍ୟମ ଏକ ସଜାଗ ପ୍ରହରୀ ସଦୃଶ କାର୍ଯ୍ୟ କରେ । ଖବର କାଗଜର ଜଗତସିଂହପୁର ପୃଷ୍ଠାକୁ ମୁଁ ନିୟମିତ ପଢି କେଉଁ ଦପ୍ତର, ଡାକ୍ତରଖାନା, ବ୍ଲକ, ତହସିଲ ବା କକ୍ଷାଧିକାରୀଙ୍କ ଅବହେଳା ବିଷୟରେ ଜ୍ଞାତ ହୋଇ ଏହାର ତଦନ୍ତ କରାଇ ପ୍ରତିକାର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ । କିନ୍ତୁ କେବଳ ଈର୍ଷା ଓ ପରନିନ୍ଦା ହେତୁ କତିପୟ ତଥାକଥିତ ସାମ୍ବାଦିକ ଓ ଭଦ୍ରବ୍ୟକ୍ତି ମୋ ବିରୁଦ୍ଧରେ କୁତ୍ସାରଚନା କରିଥିଲେ । ମୋର ସେମାନଙ୍କ ପ୍ରତି ମଧ୍ୟ ସମ୍ମାନବୋଧ ଅଛି ।

ଦିନେ ଖବର ପାଇଲି ଜଣେ ନକଲି ସାମ୍ବାଦିକ ଯେ କି ଏକ ସରକାରୀ ଠିକା ଚାକିରିରୁ ବହିଷ୍କୃତ ଏକ ବୁମ୍ ଧରି ନିଜର ଏକ ଚ୍ୟାନେଲ ଖୋଲି କିଛି ଫେକ୍ ଆଇ.ଡି. ତିଆରି କରି ବ୍ଲକ୍ ର ବିଡ଼ିଓ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଅନ୍ୟ ବିଭାଗ କର୍ମଚାରୀଙ୍କୁ ବ୍ଲାକ୍‌ମେଲ କରି ଅର୍ଥ ରୋଜଗାର କରୁଛନ୍ତି । ସତ୍ୟାସତ୍ୟ ଜାଣିବାକୁ ମୁଁ ଉକ୍ତ ବିଡିଓଙ୍କୁ ପଚାରିବାରୁ ସେ କାତୁଅରେ ନପଶିବା ଭଳି ଉତ୍ତର ଦେଲେ । ମୁଁ ଗୁଇନ୍ଦା ବିଭାଗ ତରଫରୁ ସତ୍ୟ ଜାଣିବାକୁ ଚାହିଁବାରୁ ଏପରି ଅଭିଯୋଗ ସତ୍ୟ ବୋଲି ଜଣାପଡିଲା । ଅଧିକ ତଦନ୍ତ କରିବାରୁ ଉକ୍ତ ନକଲି ସାମ୍ବାଦିକ ଜଣଙ୍କ ଚାରୋଟି ପୋଖରୀ ମଧ୍ୟ ସରକାରୀ ଯୋଜନାରେ ହାତେଇଥିବାର ଜଣାପଡିଲା । ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲି । ସେ ମୋର ବ୍ୟକ୍ତିଗତ ଶତ୍ରୁ ହେବା ସ୍ୱାଭାବିକ । ତାଙ୍କୁ ଯେ ପୃଷ୍ଠପୋଷକତା କରୁଥିଲେ ଉକ୍ତ ପ୍ରଭାବଶାଳୀ ବ୍ୟକ୍ତି ଯେ କି ବିଗତ ଦିନରେ ଜଣେ ପ୍ରଭାବଶାଳୀ ବିଧାୟକ ଥିଲେ, ସେ ବାହାରିପଡିଲେ । ବୁଝୁବୁଝୁ ଜଣାପଡିଲା ଯେ ଉକ୍ତ ସ୍ୱର୍ଗତ ବିଧାୟକ ମଧ୍ୟ ଜଙ୍ଗଲ ଜମିରେ ବେଆଇନ ଚିଙ୍ଗୁଡ଼ି ଚାଷରେ ସଂଶ୍ଳିଷ୍ଟ । କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଲା । ମୁଁ ଜାଣିଥିଲି ଯେ ମୋ ବିରୁଦ୍ଧରେ ପ୍ରତିବାଦର ସ୍ୱର ଶାଣିତ ହେବ । ଯଦି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନପାରିବ, ତେବେ କ'ଣ ଆଇନ ଦୁର୍ବଳ ଲୋକଙ୍କ ପାଇଁ ? ମୋ ମନୋବଳ ଆହୁରି ଦୃଢ଼ ହେଲା । କହିବା ବାହୁଲ୍ୟ ଗଠନମୂଳକ ସମାଲୋଚନା ମୋତେ ସଜାଗ ଓ ସଶକ୍ତ କରାଏ । ଜଗତସିଂହପୁରର ଜୀବନରେଖା କହିଲେ ହେନ୍ତାଳ ବଣ । ଏହାକୁ ସମୟକ୍ରମେ ଧ୍ୱଂସ କରାଯାଇ କିଛି ମାଫିଆ ଓ ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ଚିଙ୍ଗୁଡ଼ି ଚାଷ କରାଯାଉଛି । ଡି.ଏଫ.ଓ.ରାଜନଗର ଓ ବନଅଧିକାରୀଙ୍କ ସହ ସବିଶେଷ ଆଲୋଚନା କରି ଉକ୍ତ ଅଞ୍ଚଳର ସର୍ଭେ କରାଇ ଜବରଦଖଲ ଉଚ୍ଛେଦ ଆରମ୍ଭ କାର୍ଯ୍ୟ କରାଗଲା । ଜଗତସିଂହପୁର ପ୍ରଶାସନିକ ଇତିହାସରେ ବୋଧହୁଏ ପ୍ରଥମ ଥର ହେନ୍ତାଳ ବଣରୁ ଜବରଦଖଲ ଉଚ୍ଛେଦ ପ୍ରଶାସନ,ବନ ବିଭାଗ ଓ ପୁଲିସର ମିଳିତ ସହଯୋଗରେ ଆରମ୍ଭ କରାଯାଇ ଚିଙ୍ଗୁଡ଼ି ଚୋରିକୁ ଭଙ୍ଗାଯାଇ ହେନ୍ତାଳ ବଣ ସୃଷ୍ଟି କରାଯିବା ସହ ବନ ବିଭାଗ ତା ଅଧୀନକୁ ଉକ୍ତ ଜାଗା ଫେରିପାଇଲା । ମୋ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରତିବାଦର ସ୍ୱର ତୀବ୍ର ହେଲା ଓ ଏପରି ହେବା ସ୍ୱାଭାବିକ । ଅଥଚ ମୋତେ ପ୍ରକାରାନ୍ତରେ ଅନେକ ବୁଦ୍ଧିଜୀବୀ,ଗଣମାଧ୍ୟମର ପ୍ରତିନିଧି ,ସୂଚନା ଅଧିକାର କର୍ମୀ ମଧ୍ୟ ନୈତିକ ସମର୍ଥନ ଜଣାଉଥିଲେ । ଯାହା ମନେଅଛି ପାଖାପାଖି ଶହେ ଏକର ବନ ବିଭାଗର ହେନ୍ତାଳ ଜମି ଉଦ୍ଧାର କରାଯାଇଥିଲା । ମୋ ବଦଳି ପରେ ଏହି କାର୍ଯ୍ୟକ୍ରମ ଶୀତଳଭଣ୍ଡାରକୁ ଚାଲିଗଲା । ଅଥଚ ସମଗ୍ର ଜିଲ୍ଲାବାସୀଙ୍କ ଆନ୍ତରିକତା ମୁଁ ଲାଭ କରିଥିଲି । ମହାମାରୀ କୋଭିଡ, ଅମ୍ଫାନ, ହୁଡହୁଡ, ୟଶ୍ ଭଳି ବାତ୍ୟା ଓ ବନ୍ୟାର ସଫଳ ମୁକାବିଲା କରିପାରିଥିଲି । ବିବାହର ପଚିଶ ବର୍ଷ ପୂରଣ ହେବା ଦିନ ବାତ୍ୟା 'ୟଶ୍'ର ଭୂପତନ । ମୁଁ ପତ୍ନୀଙ୍କୁ କହି ପାରାଦୀପ ଗସ୍ତରେ ଥାଏ ଅଥଚ ଘରକୁ ଫେରିଲା ବେଳକୁ ରାତି ତିନିଟା । ପତ୍ନୀ ରାଗି ମନଉଣା କରିଛନ୍ତି । ସତେ ଅବା ଜଗତସିଂହପୁର ଜିଲ୍ଲାପାଳଙ୍କ ଆବାସିକ ଭବନରେ ମୋ ଠାରେ ୟଶ୍‌ର ଭୂପତନ ହେଲା । ମୁଁ ନୀରବ ରହିଲା ପରେ ପରିସ୍ଥିତି ଶାନ୍ତ ହେଲା । ବୈବାହିକ ଜୀବନରେ ଏମିତି ଝଡ଼ଝଞ୍ଜା ଆସେ କିନ୍ତୁ ସର୍ବଦା ମୁଁ ପତ୍ନୀଙ୍କୁ କହେ, 'କର୍ତ୍ତବ୍ୟ ହିଁ ଈଶ୍ୱର' । ମୁଁ ସେହିଁ ପଥର ଯାତ୍ରୀ ।

ଜିଲ୍ଲାପାଳଙ୍କ "X' (ପୂର୍ବର ଟ୍ୱିଟର) ହ୍ୟାଣ୍ଡଲ ମୁଁ ନିଜେ ଚଲାଉଥିଲି । ପ୍ରତ୍ୟେକ ଦିନ ମୁଁ ନିର୍ଦ୍ଦିଷ୍ଟ ସମୟ କାଢ଼ି ଲୋକମାନଙ୍କର ଟ୍ୱିଟ ଦେଖି ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରେ । ଖାଲି ମୁଁ ନୁହେଁ ପ୍ରତ୍ୟେକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲି ଯେ ସମସ୍ତେ ନିଜ ନିଜର ଟ୍ୱିଟର ହ୍ୟାଣ୍ଡଲ ଖୋଲି ଅଭିଯୋଗର ଆଶୁ ସମାଧାନ ନିମନ୍ତେ ପ୍ରଚେଷ୍ଟା କରିବା ଜରୁରୀ । ଖୋର୍ଦ୍ଧାରେ ମଧ୍ୟ ମୁଁ ଅନୁରୂପ ବ୍ୟବସ୍ଥା କରିଥିଲି । ପାଞ୍ଚ ବର୍ଷରୁ ଅଧିକ ଥିବା ପାଖାପାଖି ତିରିଶ ଜଣ କର୍ମଚାରୀଙ୍କୁ ଖୋର୍ଦ୍ଧାରେ ବଦଳି କରିଥିଲି । ଏପରି କି ଜଗତସିଂହପୁର ଓ ଖୋର୍ଦ୍ଧାରୁ ଅବସର ପରେ ପୁର୍ନନିଯୁକ୍ତି ପାଇଥିବା ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ଲୋକମାନଙ୍କୁ ମଧ୍ୟ ମୁଁ ଯୋଗ ଦେବାର କିଛି ମାସ ପରେ ଅପସାରଣ କରାଯାଇଥିଲା । ଏକ ପ୍ରଚଳିତ କୁବ୍ୟବସ୍ଥା ଯେ କୌଣସି ଅଧିକାରୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ଘରକୁ ମାସିକିଆ ସଉଦା, ଆମିଷାଦି ପଦାର୍ଥ ଆସିବ । ମୁଁ ତାକୁ ସଂପୂର୍ଣ୍ଣ ବାରଣ କରିଥିଲି । ବୋଉ ବଞ୍ଚିଥିଲା ବେଳେ ମୋ ପାଖକୁ ଆମ ଗାଁ ଘର ଚାଉଳ, ବିରି, ମୁଗ ଇତ୍ୟାଦି ପଠାଏ । ଆମର ଚଳିଯାଏ । ଜିଲ୍ଲାପାଳ ଦପ୍ତର ଜରିଆରେ ବା ଆବାସ ପାଇଁ କୌଣସି ସରକାରୀ ଅର୍ଥର ଅପଚୟ କରିନାହିଁ । ଆଜିଯାଏଁ ମଧ୍ୟ ସରକାରୀ ଗାଡ଼ିକୁ ଛୁଟିଦିନ ବା ବ୍ୟକ୍ତିଗତ କାର୍ଯ୍ୟରେ ଲଗାଏ ନାହିଁ । ଯଦି ଜିଲ୍ଲାପାଳ ଗୋଟିଏ କଥା କହିବେ ଅଥଚ ତା'ର ବିପରୀତ କାମ କରିବେ ତା'ର ପ୍ରଭାବ ଅଧସ୍ତନ କର୍ମଚାରୀଙ୍କ ଉପରେ ପଡିବ ନାହିଁ କି? ସରକାରୀ ଚାକିରିରେ ଯେ କୌଣସି ପଦପଦବୀ ହେଉ ନା କାହିଁକି ତା'ର ଗରିମା ଓ ସମ୍ମାନ ଅକ୍ଷୁର୍ଣ୍ଣ ରହିବା ପ୍ରତ୍ୟେକ କର୍ମଚାରୀର ଦାୟିତ୍ୱ । ନ ହେଲେ ଶାସନର ବିପର୍ଯ୍ୟୟ ଘଟେ, ପଦପଦବୀର ମର୍ଯ୍ୟାଦା ଲଘୁ ହେବା ସହ ଦୁର୍ନୀତି କବଳିତ କରେ, ଲୋକମାନଙ୍କର ଆସ୍ଥା ତୁଟିଯାଏ । ଏହା ସମାଜ ପାଇଁ ଆଶଙ୍କା ଓ ବିପଦର କାରଣ ହୋଇ ସାମାଜିକ ଦୁର୍ଗତି ଆଡକୁ ଅଗ୍ରସର ହୁଏ ।

**(ଲେଖକ ଜଣେ କଥା ଶିଳ୍ପୀ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁର, ଓଡ଼ିଶା)**

> **ଗଣମାଧ୍ୟମ ଏକ ସଜାଗ ପ୍ରହରୀ ସଦୃଶ କାର୍ଯ୍ୟ କରେ । ଖବର କାଗଜର ଜଗତସିଂହପୁର ପୃଷ୍ଠାକୁ ମୁଁ ନିୟମିତ ପଢି କେଉଁ ଦପ୍ତର, ଡାକ୍ତରଖାନା, ବ୍ଲକ, ତହସିଲ ବା କକ୍ଷାଧିକାରୀଙ୍କ ଅବହେଳା ବିଷୟରେ ଜ୍ଞାତ ହୋଇ ଏହାର ତଦନ୍ତ କରାଇ ପ୍ରତିକାର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ । କିନ୍ତୁ କେବଳ ଈର୍ଷା ଓ ପରନିନ୍ଦା ହେତୁ କତିପୟ ତଥାକଥିତ ସାମ୍ବାଦିକ ଓ ଭଦ୍ରବ୍ୟକ୍ତି ମୋ ବିରୁଦ୍ଧରେ କୁତ୍ସାରଚନା କରିଥିଲେ । ମୋର ସେମାନଙ୍କ ପ୍ରତି ମଧ୍ୟ ସମ୍ମାନବୋଧ ଅଛି ।**

# ହସ୍ତତନ୍ତର ନୂତନ ଦିଗନ୍ତ: ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର



**ଦେବେନ୍ଦ୍ର କୁମାର ରାଉଳ**

ଗତ ଜୁଲାଇ ୨୭ ତାରିଖରେ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୨୪ ତମ ଅଧ୍ୟାୟରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ ଆଉ ଏକ ବିପ୍ଳବ ଆରମ୍ଭ ହେଲା । ସ୍ୱଦେଶୀ ଆନ୍ଦୋଳନ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବିଶେଷକରି ହସ୍ତତନ୍ତକୁ ଏକ ନୂତନ ଶକ୍ତି ପ୍ରଦାନ କଲା । ଏହାକୁ ମନେ ପକାଇବା ପାଇଁ ଆମ ଦେଶ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ 'ଜାତୀୟ ହସ୍ତତନ୍ତ ଦିବସ' ପାଳନ କରେ । ଏହି ବର୍ଷ, ଅଗଷ୍ଟ ୭ ତାରିଖରେ 'ଜାତୀୟ ହସ୍ତତନ୍ତ ଦିବସ'ର ୧୦ ବର୍ଷ ପୂରଣ ହେଉଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଆମର ଖଦି ଯେପରି ସ୍ୱାଧୀନତା ଆନ୍ଦୋଳନକୁ ନୂତନ ଶକ୍ତି ଦେଇଥିଲା, ଆଜି ଯେତେବେଳେ ଦେଶ ଏକ ବିକଶିତ ଭାରତ ଆଡକୁ ଅଗ୍ରସର ହେଉଛି, ବୟନ ଶିଳ୍ପ ଦେଶର ଶକ୍ତି ପାଲଟିଛି । ଏହି ୧୦ ବର୍ଷ ମଧ୍ୟରେ, ଦେଶର ବିଭିନ୍ନ ସ୍ଥାନରେ ଏହି କ୍ଷେତ୍ର ସହିତ ଜଡିତ ଲକ୍ଷ ଲକ୍ଷ ଲୋକ ଅନେକ ସଫଳତାର କାହାଣୀ ଲେଖିଛନ୍ତି । ଓଡ଼ିଶାର ମୟୂରଭଞ୍ଜରେ ମଧ୍ୟ ସମାନ ସଫଳତାର କାହାଣୀ ଅଛି । ଏଠାରେ ୬୫୦ରୁ ଅଧିକ ଆଦିବାସୀ ମହିଳା ସାନ୍ତାଳୀ ଶାଢ଼ିକୁ ପୁନର୍ଜୀବିତ କରିଛନ୍ତି । ଏବେ ଏହି ମହିଳାମାନେ ପ୍ରତି ମାସରେ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି । ସେମାନେ କେବଳ କପଡ଼ା ତିଆରି କରୁନାହାଁନ୍ତି, ବରଂ ନିଜର ପରିଚୟ ମଧ୍ୟ ସୃଷ୍ଟି କରୁଛନ୍ତି । ଏହି ପ୍ରେରଣାଦାୟକ କଥା ଶୁଣିବା ପରେ ସାନ୍ତାଳୀ ଶାଢିର ପୁନରୁଦ୍ଧାର କରୁଥିବା ମହିଳା ବୁଣାକାରମାନେ ଖୁସିରେ ବିଭୋର ହୋଇଯାଇଥିଲେ । ଏହି ମହିଳା ବୁଣାକାରମାନେ ସାଧାରଣ ଗୃହିଣୀରୁ ଏବେ କୁଶଳୀ ବୁଣାକାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । 'ମୌନଧ୍ୱନି ଫାଉଣ୍ଡେସନ' ନାମକ ସଂଗଠନ ସେମାନଙ୍କ ମଧ୍ୟରେ ଆଗ୍ରହ ବଢାଇବା ସହ ସାନ୍ତାଳୀ ଶାଢୀକୁ ପୁନର୍ଜୀବିତ କରିବା ସହ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ପ୍ରୟାସ ଜାରି ରଖିଛି ।

ମୟୂରଭଞ୍ଜ ସାନ୍ତାଳୀ ଶାଢ଼ି ସାନ୍ତାଳ ସମ୍ପ୍ରଦାୟ ଏବଂ ଓଡ଼ିଶାର କଳା ପରମ୍ପରା ମଧ୍ୟରେ ସାଂସ୍କୃତିକ ସମନ୍ୱୟର ଏକ ଉଲ୍ଲେଖନୀୟ ପ୍ରତୀକ ଭାବରେ ଠିଆ ହୋଇଛି । ସାନ୍ତାଳ ସମ୍ପ୍ରଦାୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାରରେ ବିସ୍ତାରିତ ହୋଇଥିଲେ ମଧ୍ୟ, ମୟୂରଭଞ୍ଜ ସାନ୍ତାଳୀ ଶାଢ଼ି ଓଡ଼ିଶାର ପାରମ୍ପରିକ ବୟନ କୌଶଳ ପ୍ରେରଣା ଦ୍ୱାରା ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ, ଯାହା ସାନ୍ତାଳ ସାଂସ୍କୃତିକ ଉପାଦାନ ସହିତ ମିଶ୍ରିତ । ଏହି ମିଶ୍ରଣ ସାନ୍ତାଳମାନଙ୍କ ବାସସ୍ଥାନରେ ମିଳୁଥିବା ଅନ୍ୟ କୌଣସି ଶାଢ଼ିଠାରୁ ସଂପୂର୍ଣ୍ଣ ଭିନ୍ନ ।

ମୟୂରଭଞ୍ଜ ସାନ୍ତାଳୀ ଶାଢ଼ିକୁ ଅଲଗା କରୁଥିବା ବିଷୟ ହେଉଛି ଏହାର ଡିଜାଇନର ବିବରଣୀ । ଏହାର ଏକ ବୈଶିଷ୍ଟ୍ୟ ହେଉଛି କପଡ଼ାର ଗଠନ, ଯାହା ସ୍ଥାୟୀତ୍ୱ ଏବଂ ଏକ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ପ୍ରଦାନ କରେ । ସାନ୍ତାଳୀ ଲୋକକଥା ଏବଂ ପାରିପାର୍ଶ୍ୱିକ ପ୍ରାକୃତିକ ପରିବେଶ ଉଭୟରେ ଗଭୀର ଭାବରେ ଥିବା ମାଛ ପ୍ରତିରୂପ ଶାଢ଼ିରେ ସୁନ୍ଦର କାରୁକାର୍ଯ୍ୟ ସହିତ ବୁଣାଯାଇଛି ।

ଏହା ସହିତ, ଶାଢ଼ିର ଆଞ୍ଚଳ (ପଲ୍ଲୁ) ଅସାଧାରଣ ଜଟିଳତା ପ୍ରଦର୍ଶନ କରେ, ପ୍ରକୃତି-ଫୁଲ, ପକ୍ଷୀ ଏବଂ ମାଛରୁ ଅଙ୍କିତ ପ୍ରେରଣାଦାୟକ ଚିତ୍ର - ସାନ୍ତାଳୀ ସମ୍ପ୍ରଦାୟର ପ୍ରାକୃତିକ ପରିବେଶ ସହିତ ଘନିଷ୍ଠ ସଂଯୋଗକୁ ଚିତ୍ରଣ କରେ । ଏହି ଉତ୍କୃଷ୍ଟ କାରିଗରୀ ମୟୂରଭଞ୍ଜ ସାନ୍ତାଳୀ ଶାଢ଼ିକୁ କେବଳ ଏକ ପୋଷାକ ନୁହେଁ, ବରଂ ଏକ କାନଭାସ୍ କରିଥାଏ ଯାହା ଶତାବ୍ଦୀ ବର୍ଷର କଳାକୃତି ଏବଂ ସାଂସ୍କୃତିକ ଆଲୋଚନାକୁ ପ୍ରତିଫଳିତ କରେ ।

ମୟୁରଭଞ୍ଜର ରାଜାଙ୍କ ଶାସନ ସମୟରେ ପ୍ରଚଳିତ ଥିବା ଏହି ସାନ୍ତାଳୀ ଶାଢିର ଚାହିଦା ପରବର୍ତ୍ତୀ ସମୟରେ, ପାଓ୍ୱାରଲୁମ୍ ଆସିବା ଫଳରେ ଚାହିଦା କମିଯାଇଥିଲା ।

ଶାଢି ବୁଣାର ଉଚିତ ପାରିଶ୍ରମିକ ମୂଲ୍ୟ ନ ମିଳିବାରୁ ତଥା ଏଥିରେ ବ୍ୟବହୃତ କଞ୍ଚାମାଲ ନ ମିଳିବାରୁ ହସ୍ତତନ୍ତରେ ଏହାର ବୁଣାବୁଣି ବନ୍ଦ ହୋଇଗଲା । ପରବର୍ତ୍ତୀ ପିଢି ମଧ୍ୟ ତନ୍ତରେ ଶାଢୀ ବୁଣିବା କରିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ଫଳରେ ହସ୍ତତନ୍ତକୁ ବୃତ୍ତି କରି ଜୀବନଜୀବିକା କରୁଥିବା ବୁଣାକାର ପରିବାର ଚାଷବାସ କାମ ସହ ଅନ୍ୟ ବ୍ୟବସାୟ କିମ୍ବା ଦିନମଜୁରିଆ ତଥା ଦାଦନ ଖଟିଲେ । ଫଳରେ ପାରମ୍ପରିକ ହସ୍ତତନ୍ତ କାମ ଧୀରେ ଧୀରେ ଲୋପ ପାଇବାକୁ ବସିଲା । ୨୦୧୮ ମସିହାରେ ମୌନଧ୍ୱନି ଫାଉଣ୍ଡେସନ ମୟୁରଭଞ୍ଜର ଆଦିବାସୀ ମହିଳାମାନଙ୍କୁ ନେଇ ହସ୍ତତନ୍ତରେ ବୟନ ତାଲିମ୍ ପ୍ରଦାନ କରିଥିଲା । ପ୍ରଥମ ପିଢି ଭାବେ ସେମାନେ ହସ୍ତତନ୍ତରେ ବୁଣାବୁଣି କରି ଏବେ ସେ କୁଶଳୀ ବୁଣାକାର ଭାବେ ଦେଶ ବିଦେଶରେ ବେଶ୍ ସୁନାମ ଅର୍ଜନ କରିବା ସହ ଅର୍ଥ ଉପାର୍ଜନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏବେ ସୁଦ୍ଧା ୩୦୦ରୁ ଉର୍ଦ୍ଧ୍ୱ ସାନ୍ତାଳୀ ଶାଢି ବୁଣାବୁଣି କରି ସାରିଲେଣି । ଯାହା ଦିନେ ବିଲୁପ୍ତ ହୋଇଯାଇଥିଲା, ତାହାକୁ ଏବେ ଆଦିବାସୀ ମହିଳା ବୁଣାକାରମାନେ ପୁନର୍ଜୀବିତ କରିପାରିଛନ୍ତି ।

**ଏହି କାରିଗରମାନଙ୍କ ମଧ୍ୟରେ ଅଛନ୍ତି ଅତାନାଟି ଗାଁର ଜଣେ ଆଦିବାସୀ ମହିଳା ମଇନା ବାସ୍କେ । ଯେତେବେଳେ ସେ ଏହି ସାନ୍ତାଳୀ ଶାଢି ବୁଣିଥିଲେ, ସେ ଜଣେ ସାନ୍ତାଳୀ ଝିଅ ଭାବରେ ନିଜର ସଂସ୍କୃତିକୁ ମୂର୍ତ୍ତିମନ୍ତ କରି ଏବଂ ପ୍ରତ୍ୟେକ ସୂତାରେ ନିଜ ହୃଦୟ ଢାଳି ଏକ ଅପାର ଗର୍ବ ଅନୁଭବ କରିଥିଲେ । ପ୍ରଥମ ମହିଳା ବୁଣାକାର ଭାବେ ସେ ସେହି ସାନ୍ତାଳୀ ଶାଢି ହସ୍ତତନ୍ତରେ ବୁଣି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଥିଲେ, ଯାହାକି ସାନ୍ତାଳୀ ଶାଢି ପୁନରୁଦ୍ଧାର କରିବାରେ ଆଉ ଏକ ନୂଆ ଅଧ୍ୟାୟ ଯୋଡି ହୋଇଯାଇଥିଲା ।** ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କୁ ଭେଟି ଗାଁକୁ ଫେରିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ତାଙ୍କ ଗ୍ରାମ ଅତାନଟିରୁ ହିଁ ପୁରୁଣା ସାନ୍ତାଳୀ ଶାଢିର ଛିଣ୍ଡିଯାଇଥିବା ଅଂଶ ମିଳିଥିଲା । ଆଉ ଏବେ ସେହି ଗ୍ରାମରେ ଥିବା ହସ୍ତତନ୍ତ କେନ୍ଦ୍ରରେ ସାନ୍ତାଳୀ ଶାଢି ବୁଣାବୁଣି କରି ମହିଳା ବୁଣାକାରମାନେ ଗର୍ବ ଅନୁଭବ କରୁଛନ୍ତି ।

ମୟୂରଭଞ୍ଜ ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରାକୁ ପ୍ରତିନିଧିତ୍ୱ କରେ, ଯାହା ଐତିହ୍ୟ, କଳା ଏବଂ ସଶକ୍ତିକରଣକୁ ପରସ୍ପର ସହିତ ଜଡିତ କରିଥାଏ । ଏକଦା ସାନ୍ତାଳୀ ସମ୍ପ୍ରଦାୟର ସାଂସ୍କୃତିକ ପରିଚୟର ଏକ ସ୍ପନ୍ଦନଶୀଳ ପ୍ରକାଶନ, ଏହି ଶାଢ଼ି ଆଧୁନିକୀକରଣର ଚାପ ସତ୍ତ୍ୱେ ଅନ୍ଧକାରରେ ମଳିନ ହେବାର ଆଶଙ୍କାର ସମ୍ମୁଖୀନ ହୋଇଥିଲା । ତଥାପି, ମୌନଧ୍ୱନି ଫାଉଣ୍ଡେସନର ଉତ୍ସର୍ଗୀକୃତ ପ୍ରୟାସ ଏବଂ ସାନ୍ତାଳୀ ମହିଳାଙ୍କ ଅଟଳ ପ୍ରତିବଦ୍ଧତା ମାଧ୍ୟମରେ, ଏହି ପାରମ୍ପରିକ ହସ୍ତଶିଳ୍ପକୁ ସୁନ୍ଦର ଭାବରେ ପୁନରୁଦ୍ଧାର କରାଯାଇପାରିଛି । ସରକାରଙ୍କ ତରଫରୁ ଯଦି ଅଧିକ ପ୍ରୋତ୍ସାହନ ମିଳିପାରନ୍ତା ତେବେ ମହିଳା ବୁଣାକାରମାନେ ଅଧିକ ଉତ୍ସାହିତ ହୋଇ ସାନ୍ତାଳୀ ଶାଢି ବୁଣାବୁଣି କରିପାରନ୍ତେ ।

କୁଣଗଡି, ରାଜନଗର, କେନ୍ଦ୍ରାପଡ଼ା
ମୋ-୮୮୯୫୬୭୪୬୫୬୫

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଜଳିଗଲେ...

ବହୁ ଡକାଡାକି ପରେ ସେ କବାଟ ନଖୋଲିବାରୁ ବାପା, ମା ବାଧ୍ୟ ହୋଇ କବାଟ ଭାଙ୍ଗି ତାଙ୍କ ରୁମ ଭିତରେ ପ୍ରବେଶ କରି ଝିଅ ଦେହରେ କିରୋସିନ ଢାଳି ପୋଡି ହୋଇ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ । ତେବେ ସଂଗୀତା ପୋଡି ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ଘର ବିଶେଷ ପୋଡି ନଥିବାରୁ ସଂଗୀତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ତାଙ୍କର ଗତକାଲି କଲେଜରେ ... ତାଙ୍କ ପ୍ରେମିକ ଜଣକ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଉଥିଲା । ସଂଗୀତାଙ୍କ ପରିବାର ଲୋକମାନେ ଝିଅ ସହିତ ସମ୍ପୃକ୍ତ ଯୁବକର ପ୍ରେମ ସମ୍ପର୍କକୁ ବିରୋଧ କରୁଥିଲେ । ସମ୍ପୃକ୍ତ ପୁଅ ବିରୋଧରେ ପରିବାର ଲୋକମାନେ ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ । ମାତ୍ର ପୋଲିସ ଏହି ମାମଲାକୁ ଗୁରୁତ୍ୱ ଦେଇ ନଥିଲା । ପ୍ରେମିକଙ୍କ ବ୍ଲାକମେଲିଂର ଶିକାର ହୋଇଥିବା ସଂଗୀତା ଆଜି ହଠାତ ନିଜ ଦେହରେ କିରୋସିନ ଢାଳି ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତା ସଂଗୀତା ତାଙ୍କ ବାପା, ମା'ଙ୍କ ଏକମାତ୍ର ଝିଅ । ତାଙ୍କର ଗୋଟିଏ ବୋଲି ଭାଇ ଗୁଜୁରାଟରେ ଚାକିରି କରନ୍ତି । ସଂଗୀତା ଦେହରେ କିରୋସିନ ଢାଳି ମୃତ୍ୟୁବରଣ କରିଥିବା ଖବର ପାଇ କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛନ୍ତି । ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କିଶୋର ତରାଇ, ତ୍ରୁ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ମୃତ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି । ମୃତ ଯୁବତୀଙ୍କ ଘର ସମ୍ମୁଖରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଛି । ଏହି ଘଟଣା ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା ଓ ପଟ୍ଟାମୁଣ୍ଡାଇ ଅଂଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

## ପୁଣି...

ଭାରତ ତେଲ କିଣା ବନ୍ଦ ନ କରେ ତେବେ ୨୪ ଘଣ୍ଟା ମଧ୍ୟରେ ଅତିରିକ୍ତ ଶୁଳ୍କ ଲାଗିବ । ବୁଧବାର ୯ କ୍ଷେତ୍ର ଉପରେ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସେହିଭଳି ଆମେରିକା ମଧ୍ୟ ଋଷ ସାମଗ୍ରୀର ଆମଦାନୀ ଉପରେ କଟକଣା ଲଗାଇଛନ୍ତି । ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଭାରତ ଋଷରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଋଷରୁ ତେଲ ଆମଦାନୀ କରୁଛନ୍ତି ଏବଂ ଭାରତରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଏଥିଲାଗି ଅତିରିକ୍ତ ଶୁଳ୍କ ଲାଗୁ କରାଯାଇଛି । ଯାହା ୨୧ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ । ଭାରତ ସମେତ ଆମେରିକା ତାର ବାଣିଜ୍ୟିକ ସହଯୋଗୀଙ୍କ ଉପରେ ଏବେ ଶୁଳ୍କ ବୋଝ ଲଦିବାରେ ଲାଗିଛି । ଋଷର ତେଲ ସମ୍ପର୍କରେ ସେ ସ୍ପଷ୍ଟ କରିଛନ୍ତି ଯେ ଋଷର ପେଟ୍ରୋଲିୟମ୍ ସାମଗ୍ରୀ ଯାହାକି ଋଷ ଫେଡେରେସନରୁ ରପ୍ତାନୀ କରାଯାଉଛି ବିଶେଷକରି ତାହା ହେଉଛି ଅଶୋଧିତ ତେଲ । ତେଣୁ ପେଟ୍ରୋଲିୟମ୍ ସାମଗ୍ରୀର ରପ୍ତାନୀକୁ ବନ୍ଦ କରିବାକୁ ସେ କହିଛନ୍ତି । ଭାରତ ଋଷରୁ ପ୍ରଚୁର ପରିମାଣରେ ତେଲ କିଣି ଅଧିକ ଲାଭରେ ଖୋଲା ବଜାରରେ ବିକୁଛି । ସେମାନଙ୍କର ୟୁକ୍ରେନ୍‌ରେ ଯେଉଁଲୋକ ଋଷ ଯୁଦ୍ଧରେ ମୃତ୍ୟୁବରଣ କରୁଛନ୍ତି ତାଙ୍କପ୍ରତି ଖାତିର ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି ଯେ କିଛିଦିନ ହେବ ଋଷରୁ ଭାରତ ତେଲ ଆମଦାନୀ କରୁଥିବା ନେଇ ଆମେରିକା ଟାର୍ଗେଟ କରିଛି । ଏହି ପ୍ରସଙ୍ଗରେ ଆମେ ଆମର ସ୍ଥିତି ସ୍ପଷ୍ଟ କରିଛୁ । ଦେଶର ୧.୪ ବିଲିୟନ୍ ଲୋକଙ୍କର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆମେ ଋଷରୁ ତେଲ ଆଣୁଛୁ । ମାତ୍ର ଆମେରିକା ଏହାକୁ କେନ୍ଦ୍ରକରି ଅତିରିକ୍ତ ଶୁଳ୍କ ଲଗାଇବା ଦୁର୍ଭାଗ୍ୟଜନକ । ଆମେ ଆମର ଜାତୀୟ ସ୍ୱାର୍ଥକୁ ଦେଖିବୁ ବୋଲି ବିବୃତ୍ତିରେ କୁହାଯାଇଛି ।

## କେନ୍ଦ୍ର...

ଇସ୍ପାତ କ୍ଷେତ୍ରରେ ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ବିଷୟରେ ଆଲୋଚନା କରିବା ସହ ଭିଜନ ଓଡ଼ିଶା ୨୦୩୬, ୨୦୪୭ ପ୍ରଦାନ କରିଛନ୍ତି ।

## ୧୬୩୫...

ତେଣୁ ମ୍ୟାପ ହୋଇନଥିବା ବାକି ଗାଁ ଏବଂ ନୂଆ କିଛି ଗ୍ରାମକୁ ମିଶାଇ ମୋଟ ୧୬୩୫ଟି ରାଜସ୍ୱ ଗାଁ ଗୁଡ଼ିକର ମ୍ୟାପିଂ କରାଯିବ । ରାଜସ୍ୱ ଗାଁ ହେଲା ପରେ ସ୍ୱତନ୍ତ୍ର ମ୍ୟାପିଂ ହେବ । ମୂଳ ଗାଁରେ ଥିବା ଲୋକଙ୍କ ଖାତା ନମ୍ବର, ପ୍ଲଟ ନମ୍ବର ମଧ୍ୟ ପରିବର୍ତ୍ତନ ହୋଇ ନୂଆ ହେବ । ଭୁଲେଖରେ ମଧ୍ୟ ଗାଁର ନାମ ସ୍ଥାନ ପାଇବ । ୨୫୦ରୁ ଅଧିକ ଜନସଂଖ୍ୟା ଏବଂ ମୂଳ ରାଜସ୍ୱ ଗାଁକୁ ୫୦୦ ମିଟର ଦୂରତା ଥିବା ପଡ଼ା ଗାଁଗୁଡ଼ିକୁ କରାଯିବ ରାଜସ୍ୱ ଗ୍ରାମ । ଅନ୍ୟ ସବୁ କଟକଣା ଉଠାଇ ଦେଇଛନ୍ତି ବିଜେପି ସରକାର ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ସେପଟେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିଠିରେ ଲେଖିଛନ୍ତି, ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବି ହୋଇ ଆସୁଥିଲା । ଏହାକୁ ନେଇ ଜିଲ୍ଲାପାଳ, ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ଆସିଥିବା ସୁପାରିସକୁ ଆଧାର କରି ସରକାରଙ୍କ ପକ୍ଷରୁ ୧୬୩୫ଟି ରାଜସ୍ୱ ଗ୍ରାମକୁ ଅନୁମୋଦନ ପ୍ରଦାନ କରାଯାଇଛି ।

ରାଜସ୍ୱ ଗ୍ରାମ ବିଭାଜନ ଦ୍ୱାରା ଦୁଇଟି ଅଲଗା ଗ୍ରାମ ପାଇଁ ନୂତନ ଭୂ-ରେକର୍ଡ ପ୍ରସ୍ତୁତ ହେବା ଉଚିତ । ଯେଉଁଥିରେ ପ୍ରତ୍ୟେକ ରାଜସ୍ୱ ଗ୍ରାମ ନୂତନ ଖାତା ଓ ପ୍ଲଟ୍ ତଥ୍ୟ ରହିବା ଜରୁରୀ । ନୂତନ ରାଜସ୍ୱ ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଯେପରି ପୁରୁଣା ରାଜସ୍ୱ ଗ୍ରାମର ରେକର୍ଡ ମିଶି ନଯାଏ, ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରାର୍ଥନା...

ସ୍ଥାନାନ୍ତର କରାଯାଇଛି । ଛାତି ଯନ୍ତ୍ରଣା ସହ ଅଚେତ ହେବାର ସୂଚନା ଥିବା ବେଳେ କିଛି ପିଲାଙ୍କର ଅକ୍ସିଜେନ କମ ଥିବା ସୂଚନା ମିଳିଛି । ଡ଼ାକ୍ତରଖାନାରେ ପୁଲିସ ଓ ଅଭିଭାବକଙ୍କ ଭିଡ଼ ଦେଖିବାକୁ ମିଳିଛି ।

## ସଂସଦରେ...

ହେବା ସହିତ ଭାରତର ଆଧୁନିକ ଜାହାଜ ଚଳାଚଳ ପାଇଁ ମୋଦୀ ସରକାରଙ୍କ ପ୍ରୟାସକୁ ସଂସଦରୁ ଦ୍ୱିଗୁଣିତ ସମର୍ଥନ ମିଳିଛି ।

## ଦୁଇ...

ଧକ୍କା ଦେଇଥିଲା ଫଳରେ ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେବା ସହିତ ଉତ୍ୟକ୍ତ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ । ଖବର ପାଇ ତେଲକୋଇ ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ବୁଝାସୁଝା କରିବା ସହିତ ରାସ୍ତା ଅବରୋଧ ହଟାଇବାକୁ ଚେଷ୍ଟା କରିଥିଲା । ଦୀର୍ଘ ୩ରୁ ୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା ଏବଂ ମୃତ ଦେହ ଉଠିଥିଲା । ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜଗମୋହନ ପୁର ବଜାର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ସହିତ ରାସ୍ତା ରେ ଲାଇଟ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ପୋଲିସ ମୃତ ଦେହକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଛି । ଲୋକେ ୪୯ ନଂ ଜାତୀୟ ରାଜପଥ ଅବରୋଧ କରିଥିବା ବେଳେ ଖବର ପାଇ ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସେହିପରି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ନିକଟସ୍ଥ ଷୋଳମାଇଲଠାରେ ବାଇକ ଓ ବୁଲେଟ ଧକ୍କା ହେବା ଏବଂ ରାସ୍ତାରେ ଆସୁଥିବା ଟ୍ରଲର ଚକା ତଳେ ପଡି ୨ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳ ଅନ୍ୟଜଣେ ବୁଲେଟ ଚାଳକ ଗୁରୁତର ହୋଇଥିବା ଜଣାଯାଇଛି । ମୃତକ ୨ ଜଣ ବୁଗୁଡା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଶଶାଙ୍କ ମହାରଣା(୪୩) ଓ ସୁବୁଦ୍ଧିପଲ୍ଲୀ ଗ୍ରାମର ଖଦାଳ ମହାରାଣା(୭୯) ଏବଂ ଗୁରୁତର ଜଣକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଶିଶୁଣ୍ଡା ଗ୍ରାମର ଲକ୍ଷ୍ମୀଧର ବେହେରା ବୋଲି ଜଣାପଡ଼ିଛି । ବୁଧବାର ସକାଳେ ବାଲିପଦର ପଟୁ ବୁଗୁଡା ଆଡକୁ ଲୁହାଖାଡି ବୋଝେଇ ଟ୍ରଲର(ନଂ-ଏପି ୩୧ ଟିବି ୭୧୮୦) ଆସୁଥିଲା । ଏହି ସମୟରେ ଶଶାଙ୍କ ଓ ତାଙ୍କର ବଡବାପା ଖଦାଳ ବାଇକ(ନଂ-ଓଡି ୩୨ ଇ ୫୨୮୯)ରେ ବନ୍ଧୁଘର ପଙ୍କଲବାଡି ଗାଁକୁ ଯାଉଥିବାବେଳେ ବାଲିପଦର ପଟୁ ଆସୁଥିବା ଲକ୍ଷ୍ମୀଧରଙ୍କ ବୁଲେଟ(ନଂ-ଓଡି ୩୨ ଏଚ ୧୦୮୭) ଗାଡି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସେ ଦୁହେଁ ଟ୍ରଲର ପଛ ଚକା ତଳେ ପଡିଯାଇଥିଲେ ଏବଂ ମାତାଲ ଅବସ୍ଥାରେ ଥିବା ଲକ୍ଷ୍ମୀଧର ରାସ୍ତା କଡକୁ ଫୋପାଡି ହୋଇ ପଡିଥିଲେ । ଦୁର୍ଘଟଣାରେ ବୃଦ୍ଧ ଖଦାଳଙ୍କ ଦୁଇ ଗୋଡ ଉପରେ ଟ୍ରଲର ଚକା ଚଢିଯାଇଥିଲା ବେଳେ ଶଶାଙ୍କ ଟ୍ରଲର ଚକାରେ ଲାଗିଯାଇ ପ୍ରାୟ ୨୦ ମିଟର ଘୋଷାଡି ହୋଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ । ଘଟଣା ସ୍ଥଳରୁ ଗୁରୁତର ଖଦାଳ ଓ ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ମେଡିକାଲକୁ ଅଣାଯାଇଥିଲେ ହେଁ ଚିକିତ୍ସାଧିନ ଅବସ୍ଥାରେ ଖଦାଳଙ୍କ ମୃତ୍ୟୁ ଘଟିଥିଲା । ଲକ୍ଷ୍ମୀଙ୍କ ଭଙ୍ଗା ଡାହାଣ ଗୋଡର ପ୍ରାଥମିକ ଉପଚାର ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ ମେଡିକାଲରେ ପହଞ୍ଚି ଶବ ଦ୍ୱୟକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଘଟଣା ସ୍ଥଳରୁ ଟ୍ରଲର ଓ ବାଇକ ଦୁଇଟିକୁ ଜବତ କରିଥିଲା । ଏଥି ସହ ଟ୍ରଲର ଡ୍ରାଇଭରକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ବେଳେ ଏ ନେଇ କେସ ନଂ-୫୦୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର କହିଛନ୍ତି ।

## ମାମଲା...

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିଛନ୍ତି ଯେ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍ ନ୍ୟାସନାଲ ଆଣ୍ଟି ଡୋପିଂ ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଉ । ଏକ ମିଳିତ ଚିଠିରେ ବିରୋଧୀ ଦଳ ନେତାମାନେ କହିଛନ୍ତି ଯେ ଏସ୍‌ଆଇଆର ବିରୋଧରେ ୧୦ ଯାଚିକା ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଛି । ଯାହା ମଧ୍ୟରେ ଏଡିଆରର ଏକ ଯାଚିକା ରହିଛି । ବିରୋଧୀ ମେଣ୍ଟ ଇଣ୍ଡିଆର ଅଧିକାଂଶ ସାଂସଦ ସଂସଦ ପରିସରରେ ଏସ୍‌ଆଇଆର ବିରୋଧରେ ପ୍ରତିବାଦ କରିବା ସହ ଏ ସମ୍ପର୍କରେ ଉଭୟ ଗୃହର ଆଲୋଚନା ପାଇଁ ଦାବି କରିଛନ୍ତି । କଂଗ୍ରେସ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ସରକାର ଏବେ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି । ସେମାନେ ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପଙ୍କୁ ସମ୍ମୁଖୀନ ହୋଇପାରୁନାହାନ୍ତି ନା ସଂସଦ ଚଳାଇ ପାରୁନାହାନ୍ତି । ଏହା ଏକ ସାମାନ୍ୟ କଥା । ଆମେ ଏସ୍‌ଆଇଆର୍‌ର ଆଲୋଚନା ଚାହୁଁଛୁ । ମାତ୍ର ୫ ମିନିଟ୍‌ରେ ଏହା ସମାଧାନ ହୋଇଯିବ । ସେମାନେ ଆଲୋନା କରନ୍ତୁ, ଏଥିରେ କ୍ଷତି କ'ଣ । ଆମେ ଆମର ମତ ରଖିବୁ, ସେମାନେ ସେମାନଙ୍କ ମତ ରଖିବେ । ବିବାଦ ତୁଟିଯିବ ବୋଲି ସେ କହିଛନ୍ତି ।

## ସହରାଞ୍ଚଳରେ...

ହୋଇପାରିବ । ଯେଉଁମାନେ ଏପରି ଆବଶ୍ୟକତା ପାଳନ କରୁଥିବେ ସେମାନଙ୍କୁ ଆଗାମୀ ଟ୍ରେଡ୍ ଲାଇସେନ୍ସ ନବୀକରଣ ସମୟରେ ଦେୟରେ ୫% ରିହାତି ପ୍ରଦାନ କରାଯିବ । ଏହି ସୁବିଧା ପୋର୍ଟାଲରେ ଉପଲବ୍ଧ ହେବ । ୨୦୨୫ ସେପ୍ଟେମ୍ବର ସୁଦ୍ଧା ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦଗୁଡ଼ିକ ଟ୍ରେଡ୍ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଏହାକୁ ସୁନିଶ୍ଚିତ କରିବେ । ଏହାର ସୁଗମ କାର୍ଯ୍ୟକାରିତା ପାଇଁ ସଚେତନ ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶର କଡା ଅନୁପାଳନ ସୁନିଶ୍ଚିତ କରି ୬୦ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।

# ୧୫ ପର୍ଯ୍ୟନ୍ତ ଏମ୍‌ବିବିଏସ୍/ବିଡିଏସ୍ ଚଏସ୍ ଫିଲିଂ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଏମବିବିଏସ/ବିଡିଏସ୍ ସଂଶୋଧିତ କାଉନସେଲିଂ ନେଇ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୨୫(ଓଜେଇଇ) ପକ୍ଷରୁ ବିଜ୍ୟପ୍ତି ପ୍ରକାଶ ପାଇଛି ।

ରାଜ୍ୟ କୋଟାରେ କାଉନସେଲିଂ ଓ ନାମଲେଖା ନେଇ ସୂଚନା ଜାରି ହୋଇଛି । ଚଳିତମାସ ୧୫ ଅପରାହ୍ଣ ୪ଟା ୩୦ ଯାଏଁ ଚଏସ୍ ଫିଲିଂ ଏବଂ ଲକିଂ କରିପାରିବେ ଛାତ୍ରଛାତ୍ରୀ । ୧୬ ତାରିଖରେ ୧୧ଟାରେ ପ୍ରଥମ ରାଉଣ୍ଡ ଆଲଟମେଣ୍ଟ ବାହାରିବ । ତେବେ ୧୮ରେ ପ୍ରଥମ ପର୍ଯ୍ୟାୟ ଆଲଟମେଣ୍ଟ ଲେଟର୍ ଆସିବ ଏବଂ ୧୯ ରୁ ୨୪ ଯାଏଁ ଓଜେଇଇ କାର୍ଯ୍ୟାଳୟରେ ପ୍ରୋଭିଜନାଲ ଆଡମିଶନ ହେବ ।

# ରକ୍ଷାବନ୍ଧନ ପାଇଁ ଟିପିସିଓଡିଏଲ୍‌ର ଅଭିଯାନ

ଭୁବନେଶ୍ୱର (ସବ୍ୟୁ) : ପାଖେଇ ଆସୁଛି ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକର ପର୍ବ ପବିତ୍ର ରକ୍ଷା ବନ୍ଧନ । ଟିପିସିଓଡିଏଲ ଓ ଏହାର ସିଏସଆର ପ୍ରକଳ୍ପ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ଅନନ୍ୟ ସଂସ୍କୃତିକ ଲୋକକଳା ପଟ୍ଟଚିତ୍ର ଓ ଡକ୍ରା କାରିଗରୀକୁ ନେଇ ପ୍ରସ୍ତୁତ ପରିବେଶ ଉପଯୋଗୀ ରାକ୍ଷୀର ପ୍ରଚାର ପ୍ରସାର ଦିଗରେ ନେଇଛି ଅଭିନବ ପଦକ୍ଷେପ । ମହିଳା ସଶକ୍ତିକରଣ ଓ କଳା ସଂସ୍କୃତିର ସୁରକ୍ଷା ଉଦ୍ଦେଶ୍ୟରେ, ଟିପିସିଓଡିଏଲ ଓଡିଶାର ପାରମ୍ପରିକ ଶିଳ୍ପ - ପଟ୍ଟଚିତ୍ର, ଡୋକ୍ରା ଓ ତାଳପତ୍ର ଶିଳ୍ପ ବ୍ୟବହାର କରି ପ୍ରାକୃତିକ ଓ ପରିବେଶ ଅନୁକୂଳ ରାକ୍ଷୀ ତିଆରିରେ ଗ୍ରାମୀଣ ମହିଳା ଓ ଶିଳ୍ପୀଙ୍କୁ ସହଯୋଗ କରୁଛି । ଏହି ହାତ ତିଆରି ରାଖିଗୁଡିକ ଖୋର୍ଦ୍ଧା ଜିଲ୍ଲାର ବଳିଆନ୍ତା ଆର୍ଟ କ୍ଲଷ୍ଟର୍ ଓ ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ହେରିଟେଜ ଭିଲେଜର ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ଛ ଯାହାକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି । କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାକ୍ଷୀଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଭୁବନେଶ୍ୱରରେ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଥିଲା । ଶହ ଶହ ଲୋକ ଷ୍ଟଲ୍ ପରିଦର୍ଶନ କରିଥିଲେ ଏବଂ ଏହି ସୁନ୍ଦର ହସ୍ତଶିଳ୍ପ ରାଖିଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ ।

ଟିପିସିଓଡିଏଲ୍ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଜନ ସହଯୋଗରେ ୩୦୦ ରୁ ଅଧିକ ମହିଳା ଲୋକକଳାର ତାଲିମ ନେବା ସହ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏହି ପ୍ରୟାସ ଗ୍ରାମୀଣ ମହିଳାଙ୍କୁ ଉଦ୍ୟମୀତା ରାସ୍ତାରେ ଆଗେଇ ନେବା ସହ ଓଡିଶାର ପାରମ୍ପରିକ କଳାକୁ ପୁନରୁଜ୍ଜୀବିତ କରୁଛିଛ । ଏହି ପରିବେଶ ଅନୁକୂଳ ରାଖିଗୁଡିକୁ ପ୍ରଦର୍ଶନୀ, ସ୍ଥାନୀୟ ବିକ୍ରୟ ଓ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରୟ କରାଯାଉଛି । ଗ୍ରାମୀଣ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ରାକ୍ଷୀ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ଓ ମହିଳା ସଶକ୍ତିକରଣର ପ୍ରତୀକ ।

# ହୃଦଘାତରେ ଚାଲିଗଲା ୨ ଜୀବନ

ଖଣ୍ଡପଡ଼ା, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଅଞ୍ଚଳରେ ଜଣେ ଶିଶୁକନ୍ୟା ଏବଂ ଜନୈକ ବ୍ୟକ୍ତି ହୃଦଘାତରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ମୃତକ ହେଲେ ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ଗ୍ରାମ ଜେମାଦେଇପୁର ସାହିର କପିଳାସ ପାତ୍ର (୪୫) ଏବଂ ବ୍ଲକ ଅଧୀନ ବଳଭଦ୍ରପ୍ରସାଦ ଗ୍ରାମର ରାଜେନ୍ଦ୍ର କୁମାର ପ୍ରଧାନଙ୍କ ୫ମାସର ଝିଅ ଲକ୍ଷ୍ମୀପ୍ରିୟା ପ୍ରଧାନ । ଘଟଣାକୁ ନେଇ ସମଗ୍ର ଖଣ୍ଡପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶିଖରପୁର ଗ୍ରାମର କପିଳାସ ବୁଧବାର ସକାଳେ ନିଜ ବିଲରେ ଚାଷ କାମ କରୁଥିବା ସମୟରେ ହଠାତ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବା ସହ ବିଲରେ ଟଳି ପଡ଼ିଥିଲେ । ଖବରପାଇ ପରିବାର ଲୋକ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ସେଠାରେ କପିଳାସଙ୍କୁ ମୃତ ଘୋଷଣା କରିଥିଲେ । ସମାନ ଭାବେ ବଳଭଦ୍ରପ୍ରସାଦ ଗ୍ରାମର ରାଜେନ୍ଦ୍ର କୁମାର ପ୍ରଧାନଙ୍କ ୫ମାସର ଝିଅ ଲକ୍ଷ୍ମୀପ୍ରିୟା ମଧ୍ୟ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ଦୀର୍ଘ ସମୟ ଧରି କାନ୍ଦିବାରୁ ପରିବାର ଲୋକ ତାଙ୍କୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଶିଶୁକନ୍ୟା ଜଣଙ୍କର ହୃଦଘାତରେ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ । ତେବେ ଉଭୟ ମୃତକଙ୍କ ପରିବାର ଲୋକମାନେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କାନ୍ଦବୋବାଳି କରିଥିବା ବେଳେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷେ ସ୍ଥାନୀୟ ପୋଲିସ ପକ୍ଷରୁ ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି ।

# ଯୌନ ନିର୍ଯାତନା ସମ୍ପର୍କିତ କାର୍ଯ୍ୟାଳୟ ଶିବିର

ବାଲେଶ୍ୱର,(ସବ୍ୟୁ): କାର୍ଯ୍ୟସ୍ଥଳରେ ମହିଳାଙ୍କ ଉପରେ କାର୍ଯ୍ୟାଳୟରେ ଯୌନ ନିର୍ଯାତନା ଓ ତାର ପ୍ରତିବନ୍ଧ ଓ ପ୍ରତିକାର ସମ୍ବନ୍ଧୀୟ ଆଇନ ଅନୁଯାୟୀ ଜନଚେତନା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଶିବିର ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟ ଅଡିଟୋରିଅମରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କରିଥିଲେ । ଏଥିରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ,ବାଲେଶ୍ୱର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ,ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଓ ସମସ୍ତ ବିଡିଓ ଓ ଇଣ୍ଟରନାଲ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟାଳୟରେ ଯୌନ ଶୋଷଣ ପ୍ରତିରୋଧ, ପ୍ରତିବନ୍ଧକ ଓ ପ୍ରତିକାର ଏହି ତିନି ମୂଳ ମନ୍ତ୍ରକୁ ଆଧାର କରି, କାର୍ଯ୍ୟସ୍ଥଳକୁ ସୁରକ୍ଷିତ ଓ ସମ୍ମାନଜନକ ଅନୁଭବ କରାଯିବା ।ଅତିରିକ୍ତ କାର୍ଯ୍ୟପାଳକ ଅଧିକାରୀ ଓ ଉପଜିଲ୍ଲାପାଳ (ନୀଳଗିରି) ମାଷ୍ଟର ଟ୍ରେନର ଭାବେ ଏହି ଶିବିରରେ ସ୍ପଷ୍ଟ ଓ ସୂଚନାମୂଳକ ପ୍ରସ୍ତୁତି ଦେଇଥିଲେ, ଯାହା ମାଧ୍ୟମରେ ଅଂଶଗ୍ରାହୀମାନେ ନିଜର କାର୍ଯ୍ୟଦାୟିତ୍ୱ ଓ ଆଇନ ପ୍ରବନ୍ଧନ ବିଷୟରେ ଜ୍ଞାନ ଓ ପ୍ରଶିକ୍ଷଣ ଲାଭ କରିଥିଲେ ।ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ଏହି ଅବସରରେ ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତା ପ୍ରକାଶ କରି ମହିଳାଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ନିର୍ମାଣରେ ଶକ୍ତ ଭୂମିକା ନିର୍ବାହ କରିବା ଆବଶ୍ୟକତା ଉପରେ ଜୋର ଦେଲେ ।ଏହି ଶିବିର ବାଲେଶ୍ୱର ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥା ଗୁଡିକରେ । ଏକ ସୁରକ୍ଷିତ ଓ ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟସ୍ଥଳ ଭାବରେ ବିକଶିତ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଏନ୍‌ଏଚ୍ କଡରୁ ଯୁବକଙ୍କ ଶବ ଜବତ : ହତ୍ୟା ଅଭିଯୋଗ

ପିପିଲି, (ସବ୍ୟୁ) : ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ(ଏନଏଚ)ର ପିପିଲି ଥାନା ଅନ୍ତଗତ ନୁଆଶାସନ ଛକର ବାଇପାସ ରାସ୍ତା କଡ ଘାସ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତ ଦେହ ପିପିଲି ପୋଲିସ ଜବତ କରିଛି। ଯୁବକଟି ନିମାପଡା ଥାନା ଅଂଚଳ ନହନ୍ତରା ଗ୍ରାମର ଅଜୟ କୁମାର ସେଠୀ(୨୭) ବୋଲି ପୋଲିସକୁ ପରିଚୟ ମିଳିଛି। ଯୁବକର ସନ୍ଦେହ ଜନକ ମୃତ୍ୟୁକୁ ନେଇ ପରିବାର ଲୋକ ପୁଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଏନେଇ ମୃତକଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ ପିପିଲି ଥାନାରେ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ପିପିଲି ପୋଲିସ ୪୭୮/୨୫ରେ ଏକ ମାମଲା ରୁଜୁ କରିଛି। ପ୍ରାପ୍ତ ସୁଚନା ମୁତାବକ ଦାଣ୍ଡମୁକୁନ୍ଦପୁର ଠାରୁ ନୁଆଶାସନ ଛକ ମଧ୍ୟରେ ଥିବା ବାଇପାସ ରାସ୍ତା କଡରେ ଜଣେ ଯୁବକର ମୃତ ଶରୀର ତଳେ ପଡିଥିବା ନେଇ ସ୍ଥାନୀୟ ଲୋକ ପିପିଲି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପିପିଲି ଏସଡିପିଓ ଦେବାଶିଷ ମିଶ୍ର,ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏସଆଇ ନାରାୟଣ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଂଚି ମୃତ ଶରୀରକୁ ଜବତ କରିଥିଲେ ପୁରୀରୁ ସାଇଟିଂଫିକ ଟିମ ଘଟଣାସ୍ଥଳରେ ପହଂଚି ଅଧିକ ତଦନ୍ତ ଚଳାଇଛନ୍ତି। ଜବତ ମୃତ ଦେହ ବ୍ୟବଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଉଥିବା ନେଇ ଥାନା ଅଧିକାରୀ ସୁଚନା ଦେଇଛନ୍ତି ।

**ବିକ୍ରୟ ଦଲିଲ ହଜିଯାଇଅଛି**

ବ୍ରହ୍ମପୁରର ଗୋପାଳପୁର ଥାନା ରେ ଏଫ୍.ଆଇ.ଆର୍ ନଂ.: ଜି.ଡ଼ି ନଂ. ୦୦୩, ତା.୧୯.୦୭.୨୦୨୫ରିଖ ଦ୍ୱାରା ମୁଁ "ଭଗବାନ ପତି", ବୟସ ପ୍ରାୟ ୪୪ ବର୍ଷ, ପିତା- ଗୋପିନାଥ ଶୁକ୍ଲା, ବାସସ୍ଥାନ ଠିକଣା- ଗ୍ରାମ: ଆମଗଡ଼, ପୋ: ଦକ୍ଷିଣପୁର, ଥାନା: ବି. ସଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏତଦ୍ୱାରା ଜଣାଇ ଦେଉଅଛି ଯେ ଶ୍ରୀମତୀ ଶୈଳବାଳା ଦାଶଙ୍କ ନାମରେ ଥିବା ଏକ ବିକ୍ରୟ ଦଲିଲ ନଂ. ୩୯୭୭/୨୦୦୦, ତା.୦୯.୦୬.୨୦୦୦ରିଖ, ମୌଜା: ଆମ୍ବପୁଆ, ତହସିଲ: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଖାତା ନଂ.: ୪୪୨/୮୨୬୨ ଏବଂ ପ୍ଲଟ୍ ନଂ.: ୬୮୮/୧୧୧୬, ୬୮୮୮/୧୦୦୨୩, ସମୁଦାୟ କ୍ଷେତ୍ର: ଏକର୦.୦୩୧ ଡିସିମିଲି, ମୁଁ ଗତ ତା.୧୩.୦୭.୨୦୨୫ରିଖରେ ଆମ୍ବପୁଆ ମେନ୍ ରୋଡ୍, ବ୍ରହ୍ମପୁର ଠାରେ ଉକ୍ତ ଦଲିଲଟି ଜେରକ୍ସ କରିବା ପାଇଁ ଯିବା ସମୟରେ କେଉଁଠାରେ ହଜିଯାଇ ଅଛି । ଉପରୋକ୍ତ ଅରିଜିନାଲ ବିକ୍ରୟ ଦଲିଲ ନଂ. ୩୯୭୭/୨୦୦୦, ତା.୦୯.୦୬.୨୦୦୦ରିଖ, କାଗଜପତ୍ର ଗୁଡ଼ିକୁ କୌଣସି ବାଣିଜ୍ୟିକ ଲାଭ ନିମନ୍ତେ ମୋ ଦ୍ୱାରା ବ୍ୟବହାର କରାଯାଇ ନାହିଁ । ଯଦି ମିଥ୍ୟା ସାବ୍ୟସ୍ତ ହୁଏ, ତେବେ ଏହା ଦ୍ୱାରା ଉପୁଜିବା ସମସ୍ୟା ପାଇଁ ମୁଁ ଦାୟୀ ରହିବି । ଭବିଷ୍ୟତରେ ଅରିଜିନାଲ କାଗଜପତ୍ର ଯଦି ମିଳେ, ତେବେ ସେଗୁଡ଼ିକୁ ଦାଖଲ କରିବା ନିମନ୍ତେ ପ୍ରତିଶ୍ରୁତି ଦେଉଅଛି ଏବଂ ମୁଁ ମଧ୍ୟ ଘୋଷଣା କରୁଛି ଯେ, ଉକ୍ତ ଜମି ଆଇନଗତ ପ୍ରତିବନ୍ଧକରୁ ମୁକ୍ତ ଅଟେ । ମୁଁ ଶପଥ କରୁଛି ଯେ, ଏହି ଘୋଷଣାନାମାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ରହ୍ମନଗର ଶାଖା (କୋଡ୍- ୧୬୫୮୩), ବ୍ରହ୍ମପୁରରେ ମୋ ନାମରେ ଥିବା ସମ୍ପତ୍ତିକୁ ବନ୍ଧକ ରଖିବା କାର୍ଯ୍ୟ ନିମନ୍ତେ ଦାଖଲ କରିବି । ଯଦି କୌଣସି ବ୍ୟକ୍ତିଙ୍କ ଉକ୍ତ ଜମି ଉପରେ କୌଣସି ଦାବି ଥାଏ, ତେବେ ଏହି ଘୋଷଣାନାମା ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଦାବୀ କରିପାରିବେ ।

ସ୍ୱା/- ଭଗବାନ ପତି,
ମୋବାଇଲ ନଂ. ୭୯୭୮୬୭୮୮୨୭

**AFFIDAVIT**

By virtue of an affidavit sworn before (Executive Magistrate), (Erasama), dated (05/08/2025) I, RANJULATA SWAIN (New Name), Address At- Sumada, Po- Kanipada, P.s- Erasama, Dist- Jagatsinghpur, Pin- 754139. Declare that I have changed my name from RANJITA SWAIN (Old Name) to RANJULATA SWAIN (New Name) Henceforth, I shall be known as (new name) for all purposes.

RANJULATA SWAIN
(New Name)

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, I, **Bhagabata Malik**, aged about 51 years, S/o.: Maguni Malik, of Village: Kesharipur, PO.: Kesharipur, P.S.: Soro, Dist.: Balasore declare that Bhagabata Malik (as per Aadhar Card/Bank Account) and Bhagirathi Malik, S/o.: Maguni Malik (as per Land Record) is one and same person. That now I want to prove my correct name as **Bhagabata Malik** in every manner as and when required. Henceforth, I shall be known as **Bhagabata Malik** for all purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1398
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org.

ପତ୍ର ସଂଖ୍ୟା ୧୬୪ **ବିଜ୍ଞାପନ** ତା : ୩୧.୭.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ-ସ୍ୱର୍ଗୀୟା ପ୍ରମିଳା କୁମାରୀ ବେହେରା<br>ସ୍ୱାମୀ- ସ୍ୱର୍ଗତ ଭାସ୍କର ବେହେରା<br>ସା- ଭଣ୍ଡା ଷ୍ଟ୍ରିଟ୍<br>ପୋ- ବ୍ରହ୍ମପୁର<br>ଥାନା-ବ୍ରହ୍ମପୁର ସଦର, ଜିଲ୍ଲା-ଗଞ୍ଜାମ | ଗୃହ ନଂ. ଏଲ.ଆଇ.ଜି-୫୪୧<br>(LIG-541)<br>କୁସୁମୁଣ୍ଡା ୨ୟ ପର୍ଯ୍ୟାୟ,<br>ଭୁବନେଶ୍ୱର<br>ଜିଲ୍ଲା-ଖୋର୍ଦ୍ଧା | ୧. ରବି କୁମାର ବେହେରା (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0791/2526

**OFFICE OF THE CDM & PHO-cum-DMD, DEOGARH**
DISTRICT PROGRAMME MANAGEMENT UNIT (DPMU)
(Department of Health & Family Welfare, Govt. of Odisha)
DISTRICT HEAD QUARTER HOSPITAL, AT/PO/DIST. - DEOGARH, 768 108
Ph. (06641) 226103, Fax : (06641) 226103, E-mail : nhmdeogarh@gmail.com
E-296
**NATIONAL HEALTH MISSION**
**ZILLA SASTHYA SAMITI, DEOGARH**
Advt. No. 1943 Dt. 06.08.2025

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Deogarh district.**

Sealed proposals as per the prescribed RFP document are invited from interested eligible bidders for operation of the Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Deogarh district. The eligibility criteria, the detail requirement for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Deogarh district and the formats for submission of proposals are set forth in the following RFP documents which can be downloaded from the district website https://deogarh.odisha.gov.in

Interested bidders fulfilling the eligibility criteria may submit their proposal separately (with EMD & documents as set forth in this RFP) to the Office of the Chief District Medical & Public Health Officer, Deogarh. The detail address for submission of proposal is mentioned in the RFP document. The Proposal should reach to the office of the CDM & PHO, Deogarh (by Speed post/ Registered Post only) on or before 30.08.2025 till 05:00 PM. The technical proposal shall be opened on 02.09.2025 at 11.00 AM. The date of opening of the financial proposals will be intimated by the CDM & PHO, Deogarh to the bidders only found successful in the technical bid evaluation. Pre-bid meeting scheduled to be held on 13.08.2025 at 11.00 AM at O/o CDM & PHO, Deogarh.

The Authority reserves the right to reject any or all the proposals without assigning any reason thereof.

Sd/- Dr. Biswamohan Mishra
CDM & PHO cum- District Mission Director, Deogarh
OIPR : 10113/11/0013/2526

C-818
**MUNICIPAL OFFICE, JHARSUGUDA.**
**"E" Procurement Notice**
**Tender Call Notice No. 2576 / JM Dt. 04.08.2025**

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : EO/JMC/02/2025-26
2. Tender ID No. : 2025_ORULB_116417
3. Name of the Work : Civil Construction works as mentioned in website.
4. No. of works : As per DTCN.
5. Estimated Cost : As per DTCN.
6. Date & Time of availability of Bid Documents in the Portal : 08.08.2025 at 06.00 PM
7. Last date & time for receipt of bids in the portal : 19.08.2025 at 06.00 PM
8. Bids received online shall be opened on : 21.08.2025 at 03.30 PM
9. Name and address of the Officer inviting : Executive Officer, Jharsuguda Municipality.
10. Further details can be seen from the procurement portal i.e. www.tenderodisha.gov.in

Sd/- Executive Officer
Jharsuguda Municipality
OIPR : 13165/11/0068/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E-mail : ee_rwbdk@yahoo.com
O-534
**"e" Procurement Notice for Building works (Composite)**
**Bid Identification No - Online Tender 05 of 2025-26**

1. Name of the Work : Building
2. Total No of Works : 01 No.
3. Estimated Cost : Rs. 70.59 Lakhs
4. Class of Contractor : "B" Class
5. Period of Completion : As per Annexure
6. Type of Tender : Double Cover
7. Other Details :

| Procurement Officer | Bid Identification No. | Availability of Tender on-line for bidding | | Date of seeking of Tender | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Bhadrak | Online-05 of 2025-26 | 11.08.2025 At 11.00 A.M. | 20.08.2025 up to 4.00 P.M. | 20.08.2025 up to 2.00 P.M. | 21.08.2025 At 11.00 A.M. | Will be Intimated Later |

Further details can be seen from the e-procurement portal "https://tendersorissa.gov.in

Sd/- Er. Kanan Pradhan
Superintending Engineer
R.W. Division, Bhadrak
OIPR : 25084/11/0001/2526

**GOVERNMENT OF ORISSA : OFFICE OF THE SUPERINTENDING ENGINEER**
**RURAL WORKS DIVISION KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No. / WE // Date :
O-544
**"E" Procurement Notice for Construction of Building works for year 2025-26**
**Bid Identification No - RWDKNJ-03/2025-26**

1. Name of the Work : "Infrastructure Development of Government Higher Secondary School for the year 2025-26" (Details as per Annexure)
2. Estimated Cost : Rs. 51.00 to 64.75 Lakhs (Approximately)
3. Class of Contractor : 'B' Class (of Odisha P.W.D.)
4. Period of Completion : 9 Calendar Month
5. Tender Paper Cost : Rs. 10,000/-

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Opening of Tender O/O S.E.R.W. Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Division, Karanjia | (Composit) RWDKNJ-03 | Dt. 11.08.25 at 11.00 A.M. | Dt. 22.08.25 up to 5.00 P.M. | Dt. 21.08.25 up to 1.00 P.M. | Dt. 25.08.2025 at 11.00 A.M. | Will be Intimated Later |

Further details can be seen from the website www.tendersodisha.gov.in

Sd/- Executive Engineer
R.W. Division, Karanjia
OIPR : 25086/11/0021/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଜିଇଟିମାନଙ୍କ ବାହ୍ୟ ତାଲିମ ଉଦ୍‌ଯାପିତ

ଭୁବନେଶ୍ୱର :- ସିଏସଆଇଆର - ଆଇଏମଏମଟି ଦ୍ୱାରା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଦ୍ୱାରା ସ୍ନାତକ ଇଞ୍ଜିନିୟର ପ୍ରଶିକ୍ଷାର୍ଥୀ (ଜିଇଟିସ) ମାନଙ୍କ ପାଇଁ ଏକ ମାସର ବାହ୍ୟ ବୈଷୟିକ ତାଲିମ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ତାଲିମ କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ଦିଗ ଉପରେ ଅଧିବେଶନର ଏକ ଶୃଙ୍ଖଳା (ତତ୍ତ୍ୱ/ବ୍ୟବହାରିକ ପ୍ରଦର୍ଶନ ଏବଂ ବ୍ୟବହାରିକ ଏକ୍ସପୋଜର୍) ରହିଥିଲା । ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ବିଭିନ୍ନ କାର୍ଯ୍ୟ କେନ୍ଦ୍ରରୁ ୩୯ଜଣ ଜିଇଟି ଯୋଗ ଦେଇଥିଲେ। ହିନ୍ଦୁସ୍ତାନ କପର ଲିମିଟେଡର ସିଏମଡି ସଞ୍ଜୀବ କୁମାର ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଶତାବ୍ଦୀ ଧରି ତମ୍ବା ଏବଂ ସମ୍ପୃକ୍ତ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରି ଅନେକ ଉଦାହରଣ ଗ୍ରହଣ କରିଥିଲେ ଏବଂ ବିକଶିତ ଭାରତର ଦୃଷ୍ଟିକୋଣ ପ୍ରତି ସେମାନଙ୍କ କ୍ଷେତ୍ରରେ ଜିଇଟି ପାଇଁ ଆଗକୁ ବଢ଼ିବାର ମାର୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପରାମର୍ଶଦାତା ବିଭୁ ମିଶ୍ର ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସଆଇଆରର୍ଦ୍ଧ ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ସମାବେଶକୁ (ଭର୍ଚୁଆଲ୍ ମୋଡ୍) ସମ୍ବୋଧିତ କରିଥିଲେ ଏବଂ ସିଏସଆଇଆର -ଆଇଏମଏମଟି ଏବଂ ସିଏସଆଇଆରର ମଧ୍ୟ ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ



ଭାବରେ ବର୍ଣ୍ଣନା କରିଥିଲେ । ଏହି ଜିଇଟି ତାଲିମର ସଂଯୋଜକ ତଥା ମୁଖ୍ୟ ବୈଜ୍ଞାନିକ ତଥା ଏଚବିଇଏମ୍ ମୁଖ୍ୟ ଏବଂ ବିଡି ଡକ୍ଟର କାଳୀ ସଞ୍ଜୟ, କାର୍ଯ୍ୟକ୍ରମର ଯୋଜନା, ଡିଜାଇନ୍ ଏହା ସହିତ, ସେ ସମସ୍ତ ଏଚ୍‌ଓଡି, ନେତୃତ୍ୱ ଗୋଷ୍ଠୀ ଏବଂ ଟିମ୍-ଆଇଏମଏମଟି ର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ଏମସିଆଇଇ ମୁଖ୍ୟ ଡ଼ . ଏଲ୍ ଡି ବେସ୍ରା, ଉଦଯାପନୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଟି ପବନ କୁମାର ଏହି ଏକ ମାସିକ ଜିଇଟି ତାଲିମ ଉପରେ ଏକ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ସିଏସଆଇଆର-ଆଇଏମଏମଟି ଟିମ୍ ଏହି ଏକ ମାସିକ ତାଲିମ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଦାୟିତ୍ୱ ଗ୍ରହଣ କରିଛି ଏବଂ ସିଏସଆଇଆର - ଆଇଏମଏମଟିର ବିଭିନ୍ନ ବିଭାଗ/ବିଭାଗର ସଦସ୍ୟମାନଙ୍କ ସାମୂହିକ ପ୍ରୟାସର ପରିଣାମ ସ୍ୱରୂପ ଯୋଜନା ଏବଂ କାର୍ଯ୍ୟକ୍ରମର ସଫଳ ପରିଚାଳନା ହୋଇଥିଲା।

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମଗ୍ର ପଶ୍ଚିମ ଓଡ଼ିଶାରେ 'ନୂତନ ସଂଯୋଗ ଶିବିର' ଆୟୋଜନ

ବୁର୍ଲା : ପଶ୍ଚିମ ଓଡ଼ିଶାର ଘରେ ଘରେ ସୁରକ୍ଷିତ ଓ ଆଇନସମ୍ମତ ବିଦ୍ୟୁତ୍ ସେବା ଉପଲବ୍ଧ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଚଳିତ ଅଗଷ୍ଟ ମାସର ୦୭ ଏବଂ ୦୮ ତାରିଖ ଦିନ ସମଗ୍ର ପଶ୍ଚିମ ଓଡ଼ିଶା ସ୍ଥିତ ଟିପିଡବ୍ଲୁଓଡିଏଲର ସମସ୍ତ ସେକ୍ସନ୍, ସବ-ଡିଭିଜନ୍ ଏବଂ ଡିଭିଜନ କାର୍ଯ୍ୟାଳୟଗୁଡ଼ିକରେ 'ନୂତନ ସଂଯୋଗ ଶିବିର ଆୟୋଜନ କରାଯାଉଅଛି । ଏହି ପଦକ୍ଷେପ ଦ୍ୱାରା ସମସ୍ତ ଜନସାଧାରଣ ତଥା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଆଇନସମ୍ମତ, ନିରାପଦ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଏହି ଶିବିର ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତାମାନେ ସହଜ ଏବଂ ସ୍ୱଚ୍ଛ ଉପାୟରେ ନୂତନ ସଂଯୋଗ ପାଇଁ ଆବେଦନ କରିପାରିବେ । ତେବେ କମ୍ପାନୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ, ଏହି ଶିବିରରେ ଯୋଗ ଦେଇ ଆପଣଙ୍କ ଆବଶ୍ୟକତା ଅନୁଯାଇ ଏକ ଆଇନସମ୍ମତ, ନିରବଚ୍ଛିନ୍ନ ଏବଂ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଇ ନିଅନ୍ତୁ ।

ଶିବିରରେ ଯୋଗଦାନ କରିବାକୁ ଥିବା ବ୍ୟକ୍ତିମାନେ ବୈଧ ପରିଚୟ ପ୍ରମାଣ ପତ୍ର, ଠିକଣା ପ୍ରମାଣ ଏବଂ ପ୍ରାସଙ୍ଗିକ ସମ୍ପତ୍ତି କିମ୍ବା ବାସସ୍ଥାନର ଡକ୍ୟୁମେଣ୍ଟ ଆଣିବାକୁ ଅନୁରୋଧ କରାଯାଉଛି ।

"ବିଦ୍ୟୁତ ଶକ୍ତି କେବଳ ଯେ ଏକ ସୁବିଧା ନୁହେଁ, ଏହା ଏକ ମୌଳିକ ଆବଶ୍ୟକତା । ଏହି ଶିବିର ମାଧ୍ୟମରେ, ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ କୋଣରେ ପହଞ୍ଚିବା ସହ ଜନସାଧାରଣଙ୍କୁ ଏକ ଆଇନସମ୍ମତ ବିଦ୍ୟୁତ୍ ଯୋଗଣ ବ୍ୟବସ୍ଥାରେ ସାମିଲ ହେବାକୁ ପ୍ରବୀଣ ବର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲୁଓଡିଏଲ୍ ଅନୁରୋଧ କରିଛନ୍ତି।

# କିଷ୍ଟରେ କାର୍ଯ୍ୟରତ ମହିଳାଙ୍କ ସାମାଜିକ ସୁରକ୍ଷା କର୍ମଶାଳା

ଭୁବନେଶ୍ୱର : କୋଣାର୍କ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ଜଟଣୀ ସ୍ଥିତ




ମହାବିଦ୍ୟାଳୟରେ କର୍ମରତ ମହିଳାମାନଙ୍କର ସୁରକ୍ଷା, ଯୌନ ଶୋଷଣ ଓ ନିର୍ଯ୍ୟାତନା ସମ୍ପର୍କିତ ଦିନିକିଆ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ପ୍ରିନ୍ସିପାଲ୍ ଡ. ପାର୍ଥସାରଥୀ ଖୁଣ୍ଟିଆ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସୂର୍ଯ୍ୟନାରାୟଣ ପଟ୍ଟନାୟକ ଉପସ୍ଥିତ ରହି ସମସ୍ତ କର୍ମକର୍ତ୍ତା ଏବଂ କର୍ମଜୀବି ମା' ମାନଙ୍କୁ ସମ୍ମାନ ଦେଶକୁ ମାନ ଆହ୍ୱାନରେ ଉଦ୍‌ବୁଦ୍ଧ ହେବାକୁ ପ୍ରେରଣା ଦେଇଥିଲେ। ଏଥିରେ ହାଇଟେକ୍ ଗ୍ରୁପ୍‌ର ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଉପସ୍ଥିତ ରହି କର୍ମସଂସ୍ଥାନରେ କର୍ମଜୀବିମାନେ ଉପଯୁକ୍ତ ଭାବେ ମିତ୍ରତାର ସହ କାର୍ଯ୍ୟ କଲେ ନିଜର କାର୍ଯ୍ୟକୁଶଳତା ବୃଦ୍ଧି ପାଇବ ବୋଲି ବାର୍ତ୍ତା ଦେଇଥିଲା ବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଏହି କର୍ମଶାଳା ମାଧ୍ୟରେ ସମସ୍ତେ ମହିଳାମାନଙ୍କ ପ୍ରତି ସମ୍ମାନ ଓ ଆଚାର ବୋଧକୁ ଦୃଢ଼ିଭୂତ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇସିସିର ପ୍ରିଜାଇଡିଂ ଅଫିସର ଅରୁନ୍ଧତି ସେନ୍, ବକ୍ତାଭାବେ ବିନ୍ଧ୍ୟା ଉପାଧ୍ୟାୟ ଯୋଗଦାନ କରିଥିଲା ବେଳେ ଆଇସିସି ମେମ୍ବର ଡ. ଆରତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇମ୍ ଭୁବନେଶ୍ୱରର ୨୫ତମ ପ୍ରତିଷ୍ଠା ଦିବସ ପାଳିତ

# କୁଳପତିଙ୍କ ଗୁଣାତ୍ମକ ଶିକ୍ଷା ତଥା କର୍ମନିଯୁକ୍ତି ଉପରେ ଗୁରୁତ୍ୱ

ଭୁବନେଶ୍ୱର : ଭୁବନେଶ୍ୱର ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟଅଧିନସ୍ଥ କଷ୍ଟିଚୁଏଣ୍ଟ କଲେଜ ସିଆଇଏମ୍‌ଇ (କଲେଜ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଏଜୁକେସନ୍)ର ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର(ଡ଼ଃ) ଅମୀୟ କୁମାର ରଥ ଓ ସମ୍ମାନୀତ ଅତିଥି ରୂପେ କାନାଡ଼ା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଏ.ଜି. ଏମ୍.ଶ୍ରୀମତୀ ରୀତା ଦାଶ, ଡ଼ଃ ଆର୍ଯ୍ୟ ପଟ୍ଟନାୟକ, ସଭ୍ୟ ବୋର୍ଡ଼ ଅଫ ମ୍ୟାନେଜମେଣ୍ଟ, ବିପିୟୁଟି, ରାଉରକେଲା ଓ ପୂର୍ବତନ ଅଧ୍ୟକ୍ଷ (ଇଂ) ପ୍ରତାପରୁଦ୍ର ପଟ୍ଟନାୟକ, ପ୍ରଫେସର ଅଜିତ କୁମାର ଦାସ ଓ ପ୍ରଫେସର (ଡ଼ଃ) ଶକ୍ତି ରଞ୍ଜନ ମହାପାତ୍ର ବିଶେଷ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଦୀପକ କୁମାର ସାହୁ




ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ, ଛାତ୍ରଛାତ୍ରୀ ତଥା ଆମନ୍ତ୍ରିତ ଅତିଥିଙ୍କ ଗହଣରେ କୁଳପତି ପଞ୍ଚବାର୍ଷିକ ଅନୁଷ୍ଠାନ ବିକାଶ ଯୋଜନା ଓ ଛାତ୍ରଛାତ୍ରୀ ନିଯୁକ୍ତି ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଉକ୍ତ ପୁସ୍ତିକା ଦ୍ୱୟ ଆଗାମୀ ପାଞ୍ଚ ବର୍ଷରେ କିପରି ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା, ତଥା ଛାତ୍ରଛାତ୍ରୀମାନଙ୍କ ଇନଟର୍ନସିପ, ପ୍ରୋଜେକ୍ଟ ତଥା ପ୍ଲେସମେଣ୍ଟରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରାଯାଇପାରିବ ତା' ଉପରେ ବିସ୍ତୃତ ଆଲୋଚନା କରାଯାଇଅଛି। ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର (ଡ଼ଃ) ଅମୀୟ କୁମାର ରଥ ଆନୁଷ୍ଠାନିକ ଭାବେ ସାଇମ ପୁରାତନ ଛାତ୍ରସଂଘକୁ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଏସଆଇପି, ଇନଟର୍ନସିପ ଓ ପ୍ରୋଜେକ୍ଟରେ ମୁଖ୍ୟ ଭୂମିକା ନେବାର ସଂକଳ୍ପ ନେଇଥିବାରୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗୁଣାତ୍ମକ ଶିକ୍ଷା ଓ ଛାତ୍ରଛାତ୍ରୀମାନଙ୍କ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

ଉକ୍ତ ସମାରୋହରେ କୁଳପତି ପ୍ରଫେସର ରଥ, ଓଡ଼ିଶା କ୍ୟାପିଟାଲ ମାର୍କେଟର ପରିଚାଳନା ନିର୍ଦ୍ଦେଶକ ଥୋମାସ ମାଥ୍ୟୁ ଓ କାନାଡ଼ା ବ୍ୟାଙ୍କର ବରିଷ୍ଠ ପରିଚାଳକ ପ୍ରିତିଶ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପ୍ରତିଷ୍ଠା ଦିବସ ସମାରୋହରେ ପୂର୍ବତନ ଅଧ୍ୟକ୍ଷମାନେ ନିଜ ଭାଷଣରେ ଅନୁଷ୍ଠାନର ପଚିଶ ବର୍ଷର ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଏମ୍.ବି.ଏ. ବିଭାଗର ମୁଖ୍ୟ ଡ଼ଃ ଦେବାଶିଷ ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ପ୍ରଫେସର (ଡ଼ଃ) ରାଜଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପ୍ରଫେସର (ଡ଼ଃ) ବିଦ୍ୟା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଏଭି ଚନ୍ଦ୍ରଶେଖରପୁରର ୩୭ତମ ପ୍ରତିଷ୍ଠା ଦିବସ ସମାରୋହ

# ନିରନ୍ତର ଅନୁସନ୍ଧିତ୍ସା ଅସାମାନ ସଫଳତାର ସୂତ୍ରଧର

ଭୁବନେଶ୍ୱର, (ସବ୍ୟୁ) : ସାଂପ୍ରତିକ ବିଦ୍ୟାର୍ଥୀମାନଙ୍କ ଭିତରେ ଅଫୁରନ୍ତ ଶକ୍ତି ଓ ଅସୀମ ଜ୍ଞାନ ରହିଛି । ନୂତନ ଆହ୍ୱାନଗୁଡିକର ମୁକାବିଲା କରିବା ସହ ନିରନ୍ତର ଅନୁସନ୍ଧିତ୍ସା ବଜାୟ ରଖିଲେ ସେମାନେ ଅସାମାନ ସଫଳତା ହାସଲ କରିପାରିବେ ବୋଲି ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁରର ୩୭ତମ ବାର୍ଷିକ ପ୍ରତିଷ୍ଠା ଦିବସ ସମାରୋହରେ ମୁଖଅତିଥି ରୂପେ



ଯୋଗ ଦେଇ ନାଇଜରର ବରିଷ୍ଠ ବିଜ୍ଞାନୀ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ମତ ପ୍ରକାଶ କରିଛନ୍ତି । "ଆଗାମୀକାଲିର ଆହ୍ୱାନର ମୁକାବିଲା' ଶୀର୍ଷକ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ପ୍ରଫେସର ମହାନ୍ତି ନବ ଉଦ୍ଭାବନ ଓ ବିଜ୍ଞାନ ଦିଗନ୍ତ ସଂପର୍କିତ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହିତ ବିଦାର୍ଥୀଙ୍କୁ ବିନମ୍ର ହେବା ସହ ସମାଜ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଚେୟାରମାନ ସନ୍ତୋଷକୁମାର ଶତପଥୀ ସ୍ୱାଗତ ବକ୍ତବ୍ୟ ଓ ଅଧ୍ୟକ୍ଷା ଡ.ସୁଜାତା ସାହୁ ସାମଗ୍ରିକ ସାଫଲ୍ୟ ଉପସ୍ଥାପନ କରିଥିଲେ । ସମ୍ମାନନୀୟ ଅତିଥି ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ. ସି.ଶତପଥୀ ଛାତ୍ରଛାତ୍ରୀଙ୍କୁ ବଡ ସ୍ୱପ୍ନ ଦେଖିବାସହ କର୍ମ ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ । ଅନମାନଙ୍କ ମଧ୍ୟରେ ଡିଏଭି କଳିଙ୍ଗନଗର ଚେୟାରମାନ ମଦନମୋହନ ପଣ୍ଡା, ବସନ୍ତ ମଞ୍ଜରୀ ଶତପଥୀ, ସ୍ୱାଧୀନା ମହାନ୍ତି, ଡିଏଭି ଅନୁଷ୍ଠାନସମୂହର ଅଧ୍ୟକ୍ଷଅଧ୍ୟକ୍ଷାଗଣ ଅତିଥିରୂପେ ମଞ୍ଚାସୀନ ଥିଲେ । ବିଦାଳୟର ବାର୍ଷିକ ପରୀକ୍ଷାଫଳ ଟାବଲଏଡ "ଇପୋକ' ଉନ୍ମୋଚିତ ହୋଇଥିଲା । ୨୫ବର୍ଷ ନିରବଚ୍ଛିନ୍ନ ସେବାପ୍ରଦାନକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଓଡିଶାର ପ୍ରଥମ ଏନଡିଏ ଉତ୍ତୀର୍ଣ୍ଣ ଛାତ୍ରୀ ଶ୍ରାବଣୀ ଦାସ ଓ ବିଶେଷ କୃତିତ୍ୱ ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ଇତ୍ୟବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବାହ୍ନରେ, ଏକ ବୈଦିକ ଯଜ୍ଞାନୁଷ୍ଠାନ ଆୟୋଜିତ ହୋଇଥିଲା । ଏଥିରେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ. ସି.ଶତପଥୀ, ବସନ୍ତମଞ୍ଜରୀ ଶତପଥୀ, ଅଧ୍ୟକ୍ଷା ଡ.ସାହୁ ପ୍ରମୁଖ ଅତିଥିରୂପେ ଯୋଗ ଦେଇଥିଲେ । ପରେ ପରେ, ନୂଆପଡା ଗୁରୁକୁଳ ହରିପୁରର ସ୍ୱାମୀ ଡ.ସୁଦର୍ଶନ ଦେବ ଆଚାର୍ଯ ଛାତ୍ରଛାତ୍ରୀଙ୍କୁ ଜୀବନଧର୍ମୀ ଶିକ୍ଷାର ଦିଗବିଦିଗ ସଂପର୍କରେ ଉଦବୋଧନ ଦେଇଥିଲେ । ଏହି ଅବସରରେ କାମ୍ପସ-୨ରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଆମନ୍ତ୍ରିତ ଅତିଥିଗଣ ବହୁସଂଖାରେ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀମାନେ "ମୁଁ ଶ୍ରୀମନ୍ଦିର' ଓ "ଶିବତାଣ୍ଡବ'ଶୀର୍ଷକ ନୃତ ବିଚିତ୍ରା ପରିବେଷଣ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଡ.ଅଞ୍ଜୁଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର

## ୨୦୨୫ ଜୁଲାଇରେ ୫,୧୫,୩୭୮ ୟୁନିଟ୍ ବିକ୍ରି

ଭୁବନେଶ୍ୱର , (ସବ୍ୟୁ) : ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ ଏସଆଇ) ୨୦୨୫ ଜୁଲାଇରେ ମୋଟ ୫,୧୫,୩୭୮ୟୁନିଟ ବିକ୍ରି କରିଥିବା ପ୍ରକାଶ କରିଛି । ସେଥିମଧ୍ୟରେ ଘରୋଇ ବିକ୍ରି ୪,୬୬,୩୩୧ୟୁନିଟ ଏବଂ ରପ୍ତାନି ୪୯,୦୪୭ୟୁନିଟ ଅନ୍ତର୍ଭୁକ୍ତ । ଉଲ୍ଲେଖଯୋଗ୍ୟ ଯେ ଏଚଏମ ଏସଆଇ ମୋଟ ବିକ୍ରି କ୍ଷେତ୍ରରେ ୨୦୨୫ ଜୁନ ତୁଳନାରେ ମାସିକ ଭିରେ (ଏମ ଓଏମ ) ୨୦% ଅଭିବୃଦ୍ଧି ହାସଲ କରିଛି । ଆର୍ଥିକ ବର୍ଷ ୨୬ (ଏପ୍ରିଲ-ଜୁଲାଇ ୨୦୨୫)ର ଇୟର ଟୁ ଡେଟ (ୱାଇଟିଡି)ରେ ଏଚଏମ ଏସଆଇ ମୋଟ ୧୮,୮୮,୨୪୨ୟୁନିଟ ବିକ୍ରି କରିଛି, ଯେଉଁଥିରେ ୧୬, ୯୩,୦୩୬ୟୁନିଟ ଘରୋଇ ବଜାରରେ ବିକ୍ରି ହୋଇଥିବାବେଳେ ୧, ୯୫,୨୦୬ୟୁନିଟ ରପ୍ତାନି କରାଯାଇଛି ।

## ଓଡ଼ିଶାର ଗ୍ରାମୀଣ ସ୍କୁଲଗୁଡ଼ିକରେ

# ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟ ପାଇଁ ବେଦାନ୍ତ ଆଲୁମିନିୟମର ଅବଦାନ

ସୁନ୍ଦରଗଡ (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଗ୍ରାମାଞ୍ଚଳ ସମ୍ପ୍ରଦାୟରେ ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ସପ୍ତାହ ବ୍ୟାପୀ ପ୍ରୟାସର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଜାମକାନି, କୁରାଲୋଇ ଏବଂ ଘୋଘରପାଲିର ୧୮ରୁ ଅଧିକ ସ୍କୁଲରେ ପହଞ୍ଚିଥିଲା, ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୧,୨୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବିଷୟରେ ବିସ୍ତୃତ ଆଲୋଚନା, ସଚେତନତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆନ୍ତରିକ ଶିକ୍ଷା ଅଧିବେଶନ, ହିଟ ବ୍ୟାଗ ଏବଂ 'ମାସିକ ଋତୁସ୍ରାବ' ଶିକ୍ଷା ପୁସ୍ତିକା ଭଳି ଲିଙ୍ଗ-ସମ୍ବେଦନଶୀଳତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅଧିବେଶନରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବିମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯାହା ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ପରିବର୍ତ୍ତନ ଏବଂ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଉପରେ ଅବଗତ କରାଇବା ପାଇଁ ସାହାଯ୍ୟ କରିଥିଲା।



ଏହି କାର୍ଯ୍ୟକ୍ରମର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଏକ ସୁସ୍ଥ ଏବଂ ନିୟନ୍ତ୍ରିତ ସମାଜ ଗଠନ ପାଇଁ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ନିରନ୍ତର ଏବଂ ଅନ୍ତର୍ଭୁକ୍ତ ପ୍ରୟାସ ମାଧ୍ୟମରେ, ଆମେ ମହିଳା ଏବଂ କିଶୋରୀମାନଙ୍କୁ ଉପଯୁକ୍ତ ଜ୍ଞାନ ଏବଂ ଆବଶ୍ୟକୀୟ ସମ୍ବଳ ପ୍ରଦାନ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯାହାଦ୍ୱାରା ସେମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ପାରିବେ। ଏହି ପଦକ୍ଷେପ ଶିକ୍ଷା ଏବଂ ସଚେତନତା ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।"

## ମହିଳା ସଶକ୍ତିକରଣ ପାଇଁ

# ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା 'ୟଶସ୍ୱୀଦ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆରମ୍ଭ

ଭୁବନେଶ୍ୱର : ସାମାଜିକ-ଅର୍ଥନୈତିକ ଦୁର୍ବଳ ବର୍ଗର ବାଳିକା ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ୟଶସ୍ୱୀଦ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି। ଏହି ସଂସ୍କରଣରେ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ୫୦୦୦ ମହିଳା ଓ ବାଳିକାଙ୍କୁ ସହାୟତା ଯୋଗାଇ ଦେବାକୁ ଫାଉଣ୍ଡେସନ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ମାଧ୍ୟମରେ ମନୋନୀତ ପ୍ରାର୍ଥୀଙ୍କୁ ସେମାନେ ଚୟନ କରିଥିବା ଶିକ୍ଷାନୁଷ୍ଠାନରେ ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, "ଆମେ ବିଶ୍ୱାସ କରୁ ଯେ, ସଶକ୍ତ ମହିଳା ହିଁ ଏକ ବିକଶିତ ସମାଜର ମେରୁଦଣ୍ଡ । ଯେଉଁ ଯୁବତୀମାନେ ସମାଜରେ କିଛି ପରିବର୍ତ୍ତନ ଆଣିବାର ଦକ୍ଷତା ରଖିଛନ୍ତି ଆମେ 'ୟଶସ୍ୱୀଦ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଶିକ୍ଷା ଓ ଦକ୍ଷତା ତାଲିମ ଦ୍ୱାରା ୧୧ହଜାରରୁ ଅଧିକ ମହିଳା ଓ ବାଳିକାଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆସିଥିବାରୁ ଆମେ ବହୁତ ଖୁସି। ଚଳିତ ବର୍ଷ ଶିକ୍ଷା ଓ ଦକ୍ଷତା ବିକାଶ ଦ୍ୱାରା ଆମେ



ଅଧିକ ମହିଳା ଓ ବାଳିକାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ।

ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡର ଯେଉଁ ପ୍ରତିଭାବାନ ବାଳିକା ବା ମହିଳାଙ୍କ ବୟସ ୧୬-୩୦ରୁ ହୋଇଥିବ ଏବଂ ସେମାନଙ୍କ ପାରିବାରିକ ବାର୍ଷିକ ଆୟ ୨ଲକ୍ଷରୁ କମ ହୋଇଥିବ, ସେମାନଙ୍କୁ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଏହି ଆର୍ଥିକ ସହାୟତାରୁ ସେମାନଙ୍କ କୋର୍ସ ଫି ଖର୍ଚ୍ଚ ଭରଣା ହେବା ସହିତ ସେମାନଙ୍କ ଜୀବନର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଲକ୍ଷ୍ୟ ପୂରଣ ହୋଇପାରିବ।

ମେଧା ଓ ଆର୍ଥିକ ପରିସ୍ଥିତି ଆଧାରରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାର୍ଥୀଙ୍କୁ ଚୟନ କରାଯିବ। ଏହା ସହିତ ଶିକ୍ଷାନୁଷ୍ଠାନ ବା ଦକ୍ଷତା ବିକାଶ କେନ୍ଦ୍ରରେ ନାମଲେଖାର ପ୍ରମାଣପତ୍ର ମଧ୍ୟ ଜରୁରୀ। ଆଗ୍ରହୀ ପ୍ରାର୍ଥୀ ଅଗଷ୍ଟ ୧୬ ତାରିଖ ସୁଦ୍ଧା ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ କରିପାରିବେ। ୱେବସାଇଟ https://jindalfoundation.com/Yashasviରୁ ସମସ୍ତ ତଥ୍ୟ ମିଳିପାରିବ।

## ସର୍ବଭାରତୀୟ ସ୍ତରରେ ଓଡିଶାର ଏକମାତ୍ର ନ୍ୟାଚୁରାଲ ଡାଏମଣ୍ଡ

# ଜୁଏଲାରୀ ରିଟେଲର ଭାବେ ଅରୁନ୍ଧତୀ ଜୁଏଲର୍ସ ସମ୍ମାନିତ

ଭୁବନେଶ୍ୱର : ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ଜାତୀୟ ସ୍ତରରେ

ଗୌରବବର୍ଦ୍ଧନ କରୁଥିବା ଓଡିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସକୁ ଡେ ବିୟର୍ସ ଡାଏମଣ୍ଡ ଏବଂ ଜେମ୍ ଆଣ୍ଡ ଜୁଏଲାରୀ ଏକ୍ସପର୍ଟ ପ୍ରୋମୋସନ୍ କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ମୁମ୍ବାଇ ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଏକମାତ୍ର ନ୍ୟାଚୁରାଲ ଡାଏମଣ୍ଡ ଜୁଏଲାରୀ ରିଟେଲର ଭାବେ ସମ୍ମାନିତ କରାଯାଇଅଛି । ଶୁଦ୍ଧତାଭରା ଗହଣାମାନ, ସ୍ୱଚ୍ଛତା ଭରା ବ୍ୟବସାୟିକ ପଦ୍ଧତି ଓ ସର୍ବୋତ୍କୃଷ୍ଟ ଗ୍ରାହକ ସେବା ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ଯୋଗାଇ ଆସୁଥିବା ଅରୁନ୍ଧତୀ ଜୁଏଲର୍ସ, ଏହି କ୍ରମରେ ହୀରାଗହଣା କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଶୁଦ୍ଧତାଭରା (ନ୍ୟାଚୁରାଲ ଡାଏମଣ୍ଡ ) ଯୋଗାଇ ଦେବା ସହ ଓଡିଶାବ୍ୟାପି ଅରୁନ୍ଧତୀର ସମସ୍ତ ଶାଖାରେ ସର୍ବପ୍ରଥମ ଥର ପାଇଁ ନ୍ୟାଚୁରାଲ ଡାଏମଣ୍ଡ ଟେଷ୍ଟିଙ୍ଗ୍ ମେସିନ୍ ଉପଲବ୍ଧ କରାଇଛି । ଏହା ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ




କରାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମେହେର ପ୍ରତିଟି ଓଡ଼ିଆ ଉପଭୋକ୍ତା ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏଭଳି ସମ୍ମାନର ଅଧିକାରୀ କରାଇଥିବାରୁ ସମଗ୍ର ଓଡ଼ିଶାବାସୀଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିବା ସହିତ ଆଗାମୀ ଦିନରେ ମଧ୍ୟ ସ୍ୱଚ୍ଛତା ,ଶୁଦ୍ଧତା ଭରା ଏବଂ ଗ୍ରାହକଙ୍କ ପସନ୍ଦକୁ ପ୍ରାଧାନ୍ୟ ଦେବା ସହ ନିରନ୍ତର ଓ ନିଷ୍ଠାପର ସେବା ଜାରି ରହିବ ବୋଲି ପ୍ରକାଶ କରିଥିଲେ ।

# ଟ୍ରମ୍ପଙ୍କ ଶୁଳ୍କ ନୀତିକୁ କଡ଼ା ବିରୋଧ

## ଭାରତ ସହ ସାମିଲ ହେଲେ ଅନେକ ଦେଶ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ବିରୋଧରେ ବିଶ୍ୱର ଅନେକ ଦେଶ ସ୍ୱର ଉତ୍ତୋଳନ କରିଛନ୍ତି । ଆମେରିକା ନିଜର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୧୦ ରୁ ୫୦% ପର୍ଯ୍ୟନ୍ତ ଟାରିଫ୍ ଲାଗୁ କରିଛି । ଏହା ଅଗଷ୍ଟ ୭ ତାରିଖ ଗୁରୁବାରଠାରୁ କାର୍ଯ୍ୟକାରୀ ହେବାକୁ ଯାଉଛି । ଭାରତ ସେହି ଦେଶମାନଙ୍କ ମଧ୍ୟରେ ସାମିଲ ହୋଇଛି ଯେଉଁମାନେ ଟ୍ରମ୍ପଙ୍କ ସମସ୍ତ ସର୍ତ୍ତକୁ ଗ୍ରହଣ କରି ନାହାନ୍ତି । ଟ୍ରମ୍ପଙ୍କ ଟିମ୍ ଏବେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଉଛି । ଭାରତ ସହିତ, ବିଶ୍ୱରେ କିଛି ଦେଶ ଅଛନ୍ତି ଯେଉଁମାନେ ଟ୍ରମ୍ପଙ୍କ ଶୁଳ୍କ ଆଗରେ ମୁଣ୍ଡ ନୁଆଁଇବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି । ସେମାନେ ଚାପର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସେମାନଙ୍କ ମତରେ ଅଟଳ ଅଛନ୍ତି । ଭାରତ ସହିତ କେତେକ ଦେଶ ଟ୍ରମ୍ପଙ୍କ ବିରୁଦ୍ଧରେ ଛିଡ଼ା ହୋଇଛନ୍ତି ।



ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଛ । ପ୍ରାରମ୍ଭରେ ଏହା ୨୬% ସ୍ଥିର କରାଯାଇଥିଲା । ଏହା ପଛରେ ଏକ ପ୍ରମୁଖ କାରଣ ହେଉଛି ଭାରତ ଦ୍ୱାରା ରୁଷିଆଠାରୁ ତେଲ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ କରାଯିବା । ରାଷ୍ଟ୍ରପତି ଟ୍ରମ୍ପ ଏନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ରୁଷିଆର ନିକଟତର ହେବା ପାଇଁ ଭାରତ ଉପରେ ସମ୍ଭାବ୍ୟ ଦଣ୍ଡ ବିଷୟରେ ଚେତାବନୀ ଦେଇଥିଲେ । କିନ୍ତୁ ଭାରତ ସ୍ପଷ୍ଟ ଭାବରେ କହିଥିଲା ଯେ, ଯାହା ନିଷ୍ପତ୍ତି ନିଆଯିବ ତାହା ଜାତୀୟ ସ୍ୱାର୍ଥରେ ହେବ । ଏବେ ରୁଷିଆ ମଧ୍ୟ ଟ୍ରମ୍ପଙ୍କ ଶୁଳ୍କ ବିରୁଦ୍ଧରେ ଭାରତ ସହିତ ଛିଡ଼ା ହୋଇଛି । ଆମେରିକା ଚୀନ୍ ଉପରେ ୧୪୫% ପର୍ଯ୍ୟନ୍ତ ଏକ ବିଶାଳ ଶୁଳ୍କ ଲାଗୁ କରିଛି । ଚୀନ୍ ମଧ୍ୟ ମୁଣ୍ଡ ନୁଆଁଇବା ମନୋଭାବରେ ନଥିଲା, ଜବାବରେ ଚୀନ୍ ମଧ୍ୟ ଆମେରିକା ଉପରେ ୧୨୫% ଶୁଳ୍କ ଲାଗୁ କରିଥିଲା । ପରେ ଶୁଳ୍କ ହାର ହ୍ରାସ ପାଇଥିଲା । ଆମେରିକା ଚୀନ୍ ଉପରେ ୩୦% ଶୁଳ୍କ ଲାଗୁ କରିଛି ଏବଂ ଚୀନ୍ ଆମେରିକା ଉପରେ ୧୦% ଶୁଳ୍କ ଲାଗୁ କରିଛି । ତଥାପି, ଦୁଇ ଦେଶ ମଧ୍ୟରେ ଶୁଳ୍କ ଉପରେ ଆଲୋଚନା ଏବେ ବି ଚାଲିଛି ।

ବ୍ରାଜିଲ ସେହି ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁମାନଙ୍କ ଉପରେ ଆମେରିକା ସର୍ବାଧିକ ୫୦% ଶୁଳ୍କ ଲାଗୁ କରିଛି । କିନ୍ତୁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଆମେରିକୀୟ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହନ୍ତି । ବ୍ରାଜିଲ ଏହି ପ୍ରସଙ୍ଗରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ) ଯିବାକୁ ଯୋଜନା କରୁଛି ।

ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ କଥାବାର୍ତ୍ତା କରିବାକୁ ଚାହାନ୍ତି । ଆମେରିକା କାନାଡା ଉପରେ ୩୫% ଶୁଳ୍କ ଲାଗୁ କରିଥିଲା । ଯାହା ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ୟୁଏସଏମସିଏ (ୟୁଏସ-ମେକ୍ସିକୋ-କାନାଡା ଚୁକ୍ତିନାମା) ଯୋଗୁ ଅଧିକାଂଶ କାନାଡା ସାମଗ୍ରୀ ଏଥିରୁ ମୁକ୍ତ ରହିଥିଲା । ତଥାପି, ଚୀନ୍ ପରି କାନାଡା ମଧ୍ୟ ଆମେରିକା ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିଥିଲା ।

# ଚୀନ୍ ଗସ୍ତରେ ଯିବେ ମୋଦି



ନୂଆଦିଲ୍ଲୀ: ୫ବର୍ଷ ପରେ ଚୀନ୍ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗଦେବା ପାଇଁ ସେ ଚୀନ ଗସ୍ତ କରିବେ ବୋଲି ଜଣାପଡ଼ିଛି । ୨୦୨୦ମସିହାରେ ପୂର୍ବ ଲଦାଖର ଗଲୱାନରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଚୀନ ଗସ୍ତ ହେବ । ଭାରତ ଏବଂ ଚୀନ ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବାକୁ ଏହି ଗସ୍ତ କରିବେ ପ୍ରଧାନମନ୍ତ୍ରୀ । ଶେଷ ଥର ପାଇଁ ୨୦୧୯ରେ ପ୍ରଧାନମନ୍ତ୍ରୀ ଚୀନ୍ ଗସ୍ତ କରିଥିଲେ ।

ସୂଚନା ମୁତାବକ, ଏସସିଓ ସମ୍ମିଳନୀ ଅଗଷ୍ଟ ୩୧ରୁ ସେପେଟମ୍ବର ୧ ପର୍ଯ୍ୟନ୍ତ ଚୀନରେ ଅନୁଷ୍ଠିତ ହେବ । ଚୀନ୍ ବୈଦେଶିକ ମନ୍ତ୍ରାଳୟ ଅନୁଯାୟୀ, ୨୦ରୁ ଅଧିକ ଦେଶର ନେତା ଏବଂ ୧୦ଟି ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟ ପ୍ରଧାନମନ୍ତ୍ରୀ ସମ୍ମିଳନୀ ଏବଂ ସମ୍ବନ୍ଧିତ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଶେଷ ଥର ପାଇଁ ୨୦୨୪ ଅକ୍ଟୋବରରେ ରୁଷରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀ ସମୟରେ ସାକ୍ଷାତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଚୀନରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ଯୋଗଦେବା ପୂର୍ବରୁ ଜାପାନ ଗସ୍ତ କରିବେ ବୋଲି ଜଣାପଡ଼ିଛି । ସୂଚନା ମିଳିଛି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଅଗଷ୍ଟ ୩୦ରେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହିତ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ମୋଦୀ ଏପରି ଏକ ସମୟରେ ଚୀନ ଗସ୍ତ କରୁଛନ୍ତି ଯେତେବେଳେ ଆମେରିକା ଭାରତ ଉପରେ ଶୁଳ୍କ ବୃଦ୍ଧି କରିବାକୁ ନିରନ୍ତର ଧମକ ଦେଉଛି ।

## ଭାରତ ମଣ୍ଡପମରେ ପାଳିତ ହେବ ଏକାଦଶ ଜାତୀୟ ହସ୍ତତନ୍ତ ଦିବସ

ନୂଆଦିଲ୍ଲୀ: ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆଜି ବୟନ ମନ୍ତ୍ରଣାଳୟ ଭାରତର ହସ୍ତତନ୍ତ କ୍ଷେତ୍ରର ସଫଳତାକୁ ଉତ୍ସବ ଆକାରରେ ପାଳନ କରିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଏହି ଅବସରରେ ବୟନ ମନ୍ତ୍ରୀ ଗିରିରାଜ ସିଂହ, କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ ବୟନ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା, ନୀଲମ ଶାମି ରାଓ, ସଚିବ (ବୟନ) ଏବଂ ଡକଫର ଏମ୍. ବୀଣା, ବିକାଶ କମିଶନର (ହସ୍ତତନ୍ତ) ଉପସ୍ଥିତ ରହିବେ । ସେମାନଙ୍କ ବ୍ୟତୀତ, ବିଦେଶୀ କ୍ରେତା, ବିଶିଷ୍ଟ ବ୍ୟକ୍ତିବିଶେଷ, ରପ୍ତାନିକାରୀ, ବରିଷ୍ଠ ସରକାରୀ ଅଧିକାରୀ ଇତ୍ୟାଦି ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ । ସାରା ଦେଶରୁ ପ୍ରାୟ ୬୫୦ ଜଣ ବୁଣାକାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## ସୁଧ ହାର ଅପରିବର୍ତ୍ତିତ ରଖିଲା ଆରବିଆଇ

ନୂଆଦିଲ୍ଲୀ : ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବା ଆରବିଆଇ ପକ୍ଷରୁ ସୁଧ ହାର ବା ରିପୋ ରେଟକୁ ୫.୫%ରେ ଅପରିବର୍ତ୍ତିତ ରଖାଯାଇଛ । ଦୁଇ ମାସିଆ ମନିଟାରୀ ପଲିସି କମିଟି (ଏମପିସି) ବୈଠକରେ ଆରବିଆଇ ଏପରି ନିଷ୍ପତ୍ତି ନେଇଛି । ୩ ଦିନ ଧରି ଚାଲି ଥିବା ବୈଠକ ପରେ ରେପୋ ରେଟକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ହୋଇଥିବା ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଛନ୍ତି । ସେହିପରି ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଓ ଆମେରିକା ବୃଦ୍ଧି କରିଥିବା ଟାରିଫ ପ୍ରସଙ୍ଗରେ ଆରିବିଆଇର ଆଭିମୁଖ୍ୟ ସମ୍ପର୍କରେ ସେ ସୂଚନା ଦେଇଛନ୍ତି । ଦାୟିତ୍ୱ ନେବା ପରେ ୪ର୍ଥ ଥର ପାଇଁ ଗଭର୍ଣ୍ଣର ମାଲହୋତ୍ରା ମନିଟାରୀ ନୀତି ଉପରେ ଦେଶବାସୀଙ୍କୁ ଅବଗତ କରାଇଛନ୍ତି ।

## ଚୀନରେ ନୂଆ ସଂକ୍ରାମକ ଭୂତାଣ ଭୟ

ବେଜିଂ: ବିଶ୍ୱର ଅନେକ ସ୍ଥାନରେ ଚିକନଗୁନିଆ ଭାଇରସ ପୁଣି ଥରେ ମୁଣ୍ଡ ଟେକିବାରେ ଲାଗିଛି । ଏହାର ବର୍ଦ୍ଧିତ ମାମଲାକୁ ଦୃଷ୍ଟିରେ ରଖି, ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର (ସିଡିସି) ଚୀନ୍ ଏବଂ ଅନ୍ୟାନ୍ୟ ଦେଶ ପାଇଁ ଏକ ଯାତ୍ରା ସତର୍କତା ଜାରି କରିଛି । ସିଡିସି ଆମେରିକୀୟ ଯାତ୍ରୀମାନଙ୍କୁ ବିପଦ ବିଷୟରେ ସତର୍କ କରାଇ ଦେଇଛି, ଯେଉଁ ସ୍ଥାନରେ ଭାଇରସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେସବୁ ସ୍ଥାନକୁ ନଯିବାକୁ ସିଡିସି କହିଛି । ଚୀନ୍ ଚିକନଗୁନିଆ ମାମଲା ଦ୍ୱାରା ଅଧିକ ପ୍ରଭାବିତ ହୋଇଛି । ସେଠାରେ ୭ ହଜାରରୁ ଅଧିକ ମାମଲା ରିପୋର୍ଟ ହୋଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଏପର୍ଯ୍ୟନ୍ତ ମଧ୍ୟ ଏବଂ ଦକ୍ଷିଣ ଆମେରିକା, ଆଫ୍ରିକା, ଭାରତ ମହାସାଗର ଅଞ୍ଚଳ ଏବଂ ଏସିଆର ଅନେକ ସ୍ଥାନରେ ପ୍ରାୟ ୨.୪ ଲକ୍ଷ ଚିକନଗୁନିଆ ମାମଲା ପଞ୍ଜିକୃତ ହୋଇଛି । ଯେଉଁଥିରେ ୯୦ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିଛି । ଚୀନର ଦକ୍ଷିଣ ପ୍ରଦେଶ ଗୁଆଙ୍ଗଡୋଙ୍ଗଠାରେ ଜୁନ୍ ୨୦୨୫ ପରଠାରୁ ୭,୦୦୦ ରୁ ଅଧିକ ମାମଲା ରେକର୍ଡ କରାଯାଇଛି । ଏହି ସହରର ଜନସଂଖ୍ୟା ପ୍ରାୟ ୭୮ ଲକ୍ଷ ।

# କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

## ମନ୍ତ୍ରଣାଳୟଗୁଡ଼ିକୁ ମିଳିଲା ନୂଆ ଠିକଣା

ନୂଆଦିଲ୍ଲୀ: ଦେଶର ରାଜଧାନୀ ଦିଲ୍ଲୀରେ କର୍ତ୍ତବ୍ୟ ଭବନର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦେଶର କାମକୁ ଅଧିକ ସହଜ ଓ ସରଳ କରିବା ପାଇଁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ ଗୁଡ଼ିକୁ ଗୋଟିଏ ଛାତ ତଳକୁ ଆଣିବା ପାଇଁ ସରକାର କରିଥିବା ଯୋଜନାର ଅଂଶବିଶେଷ ହେଉଛି କର୍ତ୍ତବ୍ୟ ଭବନ ।



ବିଶାଳ ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଉଥିବା ୧୦ଟି ସାମୂହିକ କେନ୍ଦ୍ରୀୟ ସେକ୍ରେଟେରିଏଟ(ସିସିଏସ) ବିଲଡିଂ ମଧ୍ୟରୁ ଗୋଟିଏ ହେଉଛି କର୍ତ୍ତବ୍ୟ ଭବନ-୩ । ଏହାକୁ ବୁଧବାର ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ମୋଦି ଉଦଘାଟନ କରିଛନ୍ତି । ଏହି ବିରାଟ ବିଲଡିଂରେ ଅତ୍ୟାଧୁନିକ ଓ ଚକାଚକ କନଫରେନ୍ସ ରୁମ, ଅତ୍ୟାଧୁନିକ ଜିନିଷ ପତ୍ର ଓ ଚାରିଆଡ଼େ ସିସିଟିଭି ରହିଛି । ଏହି ବିଲଡିଂ ସ୍ୱରାଷ୍ଟ୍ର, ବୈଦେଶିକ ବ୍ୟାପାର, ଗ୍ରାମୀଣ ବିକାଶ, ଏମଏସ୍ଏମଇ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ନୂଆ ଘର ପାଲଟିଛି । ପ୍ରମୁଖ ବିଜ୍ଞାନ ଭିତ୍ତିକ ପରାମର୍ଶଦାତା (ପିଏସଏ)ଙ୍କ ଅଫିସ ୧.୫ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମିତ ଏହି ବିଲଡିଂରେ ରହିଛି ।

ପରିବେଶକୁ ସୁହାଇଲା ଭଳି ବ୍ୟବସ୍ଥା କର୍ତ୍ତବ୍ୟ ଭବନରେ ହୋଇଛି । ଏଠାରେ ଡବଲ ଗ୍ଲାଜେଡ ଝରକା ଠାରୁ ଆରମ୍ଭ କରି ଛାତ ଉପରେ ସୋଲାର ପ୍ୟାନେଲ, ଅତ୍ୟାଧୁନିକ ହିଟିଂ, ଭେଣ୍ଟିଲେସନ, କୁଲିଂ ସିଷ୍ଟମ ଓ ବର୍ଷା ଜଳ ଅମଳ ପାଇଁ ବ୍ୟବସ୍ଥା କରାଯାଇଛି । ବିଲଡିଂରେ ଲାଗିଥିବା ସ୍ୱତନ୍ତ୍ର ଏଲଇଡି ଲାଇଟ ୩୦% ବିଜୁଳି ସଂରକ୍ଷଣରେ ସହାୟତା କରିବ । ସାମୂହିକ କେନ୍ଦ୍ରୀୟ ସେକ୍ରେଟେରିଏଟ ଯୋଜନା ମୋଦି ସରାକାର ଦାୟିତ୍ୱ ନେବା ପରେ ଆରମ୍ଭ କରିଥିଲେ । ବର୍ତ୍ତମାନ ବିଭିନ୍ନ ମନ୍ତ୍ରଣାଳୟ ୧୯୫୦ ଓ ୧୯୭୦ରେ ତିଆରି ହୋଇଥିବା ବିଲଡିଂ ଯଥା- ଶାସ୍ତ୍ରୀ ଭବନ, କୃଷି ଭବନ, ଉଦ୍ୟୋଗ ଭବନ ଓ ନିର୍ମାଣ ଭବନରେ କାର୍ଯ୍ୟ କରୁଛନ୍ତି । ସେଗୁଡ଼ିକୁ ଗୋଟିଏ ଛାତ ତଳକୁ ଆଣିବା ପାଇଁ ଏପରି ବ୍ୟବସ୍ଥା କରାଯାଉଛି । ତେବେ ବାଣିଜ୍ୟ ଭବନରେ ପୂର୍ବଭଳି ଶିଳ୍ପ ମନ୍ତ୍ରଣାଳୟ କାର୍ଯ୍ୟ କରିବେ । ଏହାକୁ ନୂଆ ବିଲଡିଂକୁ ଅଣାଯିବ ନାହିଁ ।

ଆଗାମୀ ଦିନରେ ଗୋଟିଏ ନୂଆ ପ୍ରଧାନମନ୍ତ୍ରୀ ଅଫିସ ଉଦଘାଟନ କରାଯିବ । ଏହା ନିର୍ବାହୀ ଏନକ୍ଲେଭ ଭାବେ ନାମିତ ହେବ । ସେହିପରି ପ୍ରଧାନମନ୍ତ୍ରୀଙ୍କ ନୂଆ ବାସଭବନ ମଧ୍ୟ ପୂରା ଦେଶ ଦେଖିବ । ପ୍ରଥମ ୩ଟି ସିସିଏସ ବିଲଡିଂର ନିର୍ମାଣ କାମ ୨୦୨୩ ନଭେମ୍ବର ସୁଦ୍ଧା ସରିବ ବୋଲି ଯୋଜନା ହୋଇଥିଲା । କିନ୍ତୁ ଏବେ ପୂରା ପ୍ରକଳ୍ପ ୨୦୨୭ ମଧ୍ୟ ଭାଗରେ ଶେଷ ହେବ ବୋଲି ଆକଳନ କରାଯାଇଛି । ପୂରା ପ୍ରକଳ୍ପରେ ୧୦ଟି ବିଲଡିଂ ନିର୍ମାଣ କରାଯାଉଛି ।

## ୯୮ ଲକ୍ଷ ଆକାଉଣ୍ଟ ବନ୍ଦ କଲା ହ୍ୱାଟ୍ସଆପ୍

ନୂଆଦିଲ୍ଲୀ: ମେଟା-ମାଲିକାନାଧୀନ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଜୁନ୍ ୨୦୨୫ରେ ଭାରତରେ ୯୮ ଲକ୍ଷରୁ ଅଧିକ ଆକାଉଣ୍ଟକୁ ସସପେଣ୍ଡ କରିଥିଲା । ପ୍ଲାଟଫର୍ମରେ ଅପବ୍ୟବହାର ରୋକିବା ଏବଂ ବ୍ୟବହାରକାରୀଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା । ମିଡିଆ ରିପୋର୍ଟ ଅନୁଯାୟୀ, ଏହି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୧୯ ଲକ୍ଷରୁ ଅଧିକ ଆକାଉଣ୍ଟକୁ କୌଣସି ବ୍ୟବହାରକାରୀ ଅଭିଯୋଗ ଆସିବା ପୂର୍ବରୁ ବ୍ୟାନ କରାଯାଇଥିଲା । ହ୍ୱାଟ୍ସଆପର ମାସିକ ରିପୋର୍ଟ ଅନୁଯାୟୀ, ଜୁନ୍ ମାସରେ ୨୩,୫୯୬ ଅଭିଯୋଗ ଆସିଥିଲା । ଏହି ଅଭିଯୋଗଗୁଡ଼ିକ ଆକାଉଣ୍ଟ ସପୋର୍ଟ, ବ୍ୟାନ୍ ଅପିଲ୍ ଏବଂ ଉତ୍ପାଦ ସହ ଜଡିତ ବୈଷୟିକ ସମସ୍ୟା ବିଷୟରେ ଥିଲା । ଏହି ଅଭିଯୋଗଗୁଡ଼ିକର ସମୀକ୍ଷା କରିବା ପରେ, କମ୍ପାନୀ ୧୦୦୧ ମାମଲାରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛି । ହ୍ୱାଟ୍ସଆପ୍ ନିରନ୍ତର ଏହାର ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ଉନ୍ନତ କରୁଛି ଯାହା ଦ୍ୱାରା ପ୍ଲାଟଫର୍ମରେ ସ୍ପାମ୍, ନକଲି ଖବର ଏବଂ ଅନ୍ୟାନ୍ୟ ଅପବ୍ୟବହାରକୁ ରୋକାଯାଇପାରିବ ।

# ଆକ୍ରମଣ ଚେତାବନୀ : ସବୁ ବିମାନ ବନ୍ଦରରେ ହାଇ ଆଲର୍ଟ

ନୂଆଦିଲ୍ଲୀ: ଦେଶର ସମସ୍ତ ବିମାନବନ୍ଦରକୁ ହାଇ ଆଲର୍ଟରେ ରଖାଯାଇଛି । ବିମାନବନ୍ଦର ଟର୍ମିନାଲ, ପାର୍କିଂ ପରିମିତି ଜୋନ୍ ସବୁ ହାଇ ଆଲର୍ଟରେ ଅଛି । ଏପରିକି ପ୍ରତ୍ୟେକ ଅଞ୍ଚଳ କ୍ୟାମେରାର କଡ଼ା ନଜରରେ ରହିଛି । ଦେଶର ସୁରକ୍ଷା ସମ୍ପର୍କରେ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏକ ସତର୍କତା ଜାରି କରିଛନ୍ତ । ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି । ଏଥିପାଇଁ ଏକ ସତର୍କତା ମଧ୍ୟ ଜାରି କରାଯାଇଛି ।

ସୁରକ୍ଷା ବିପଦ ସମ୍ପର୍କିତ ସତର୍କତା ଚେତାବନୀ ୨୨ ସେପେଟମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଜାରି କରାଯାଇଛି । ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟି(ବିସିଏଏସ) ୪ ଅଗଷ୍ଟରେ ଏହି ସୂଚନା ଜାରି କରିଛି । ବିସିଏଏସ ନିର୍ଦ୍ଦେଶ ଦେଇଛି ଯେ, ଦେଶର ସମ୍ପୂର୍ଣ୍ଣ ସୁରକ୍ଷା ବଜାୟ ରଖିବା ପାଇଁ ସମସ୍ତ ବିମାନବନ୍ଦର, ଏୟାରଷ୍ଟ୍ରିପ୍, ହେଲିପ୍ୟାଡ୍, ଫ୍ଲାଇଂ ସ୍କୁଲ ଏବଂ ତାଲିମ ପ୍ରତିଷ୍ଠାନରେ ସୁରକ୍ଷା କଡ଼ାକଡ଼ି କରାଯିବା ଉଚିତ । ବିସିଏଏସ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିର ସର୍ଭେ କହୁଛି, ଦେଶରେ ଅସାମାଜିକ ତ%୦ମାନଙ୍କ ଯୋଗୁ ସମ୍ଭାବ୍ୟ ବିପଦ ଦ୍ରୁତ ଗତିରେ ବୃଦ୍ଧି ପାଇପାରେ । ଭାରତର ଯେକୌଣସି କୋଣରେ ଯେକୌଣସି ପ୍ରକାରର ଅପ୍ରୀତିକର ଘଟଣା ରୋକିବା ପାଇଁ, ସମସ୍ତ ସ୍ଥାନରେ ସର୍ବାଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟରେ ସ୍ଥାନୀୟ ପୁଲିସର ସହଯୋଗ ଅତ୍ୟନ୍ତ ଆବଶ୍ୟକ । କେବଳ ସେମାନଙ୍କ ସହଯୋଗରେ ବିମାନବନ୍ଦର ସହର ପାର୍ଶ୍ୱର ସୁରକ୍ଷା ବୃଦ୍ଧି କରାଯିବ । ସମସ୍ତ କର୍ମଚାରୀ, ଠିକାଦାର, ପରିଦର୍ଶକ ଏବଂ ପରିଦର୍ଶକଙ୍କୁ କଡ଼ାକଡ଼ି ଭାବରେ ଚିହ୍ନଟ କରାଯିବା ଉଚିତ ବୋଲି ବିଜ୍ଞପ୍ତରେ କୁହାଯାଇଛି । ଘରୋଇ ଏବଂ ଆନ୍ତର୍ଜାତୀୟ କାର୍ଗୋ ଖାଲି କରିବା ପୂର୍ବରୁ ସର୍ବାଧିକ ଯାଞ୍ଚ କରାଯିବା ଉଚିତ । ଯଦି କୌଣସି ସନ୍ଦିUP ବସ୍ତୁ ଦେଖାଯାଏ, ତେବେ ସାଧାରଣ ଜନତା ଯଥାଶୀଘ୍ର ନିକଟସ୍ଥ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତି ଯାହା ଦ୍‌ୱାରା ସ୍ଥାନୀୟ ପୁଲିସ ଯଥାଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ଏବଂ ସୁରକ୍ଷାକୁ ସୁଦୃଢ଼ କରିପାରିବ । ବିସିଏଏସ ସମସ୍ତ ବିମାନବନ୍ଦର ନିର୍ଦ୍ଦେଶକମାନଙ୍କୁ ସ୍ଥାନୀୟ ପୁଲିସ, ସିଆଇଏସଏଫ, ଆଇବି ଏବଂ ଅନ୍ୟାନ୍ୟ ଏଜେନ୍ସି ସହିତ ସମ୍ପର୍କ କରିବାକୁ ତଥା ସମ୍ଭାବ୍ୟ ବିପଦ ସମୟରେ ପରସ୍ପରକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛି । ବିମାନ କମ୍ପାନି, ଯାତ୍ରୀ ଏବଂ ସେବା କମିଟିଗୁଡ଼ିକର ପୃଥକ ବୈଠକ ଡାକିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଯାହା ଦ୍‌ୱାରା ପ୍ରତ୍ୟେକ ଏଜେନ୍ସି ସମୟ ମଧ୍ୟରେ ଆସନ୍ନ ବିପଦ ବିଷୟରେ ସତର୍କ ରହିପାରିବେ ଏବଂ ଏକ ଉପଯୁକ୍ତ ରଣନୀତି ଅନୁଯାୟୀ ଦେଶକୁ ଯେକୌଣସି ଅଘଟଣରୁ ରକ୍ଷା କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# କେରଳର ୨୮ ଜଣ ପର୍ଯ୍ୟଟକ ନିଖୋଜ!



ଡେରାଡୁନ: ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମରେ ପ୍ରବଳ ବର୍ଷା ହେତୁ ବଡ଼ ଧରଣର ଭୂସ୍ଖଳନ ହୋଇଥିଲା । ଏହି ଘଟଣାରେ କେରଳର ୨୮ ଜଣ ପର୍ଯ୍ୟଟକଙ୍କ ଏକ ଦଳ ନିଖୋଜ ହୋଇଯାଇଥିବା ପର୍ଯ୍ୟଟକଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି । ପର୍ଯ୍ୟଟକ ଦଳରେ ସାମିଲ ଥିବା ଦମ୍ପତିଙ୍କ ଜଣେ ସମ୍ପର୍କୀୟ କହିଛନ୍ତି," ୨୮ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୨୦ ଜଣ କେରଳର ଥିବା ବେଳେ ସେମାନେ ମହାରାଷ୍ଟ୍ରରେ ବସବାସ କରୁଛନ୍ତି । ବାକି ଆଠଜଣ କେରଳର ବିଭିନ୍ନ ଜିଲ୍ଲାରେ ରୁହନ୍ତି । ପର୍ଯ୍ୟଟକ ଦଳରେ ସାମିଲ ଥିବା ଦମ୍ପତିଙ୍କ ସହିତ ଆମେ କଥାହେବା ସମୟରେ ସେମାନେ ସକାଳ ପ୍ରାୟ ୮.୩୦ ସମୟରେ ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯାଉଥିବା କହିଥିଲେ । ଅପରାହ୍ନରେ ଆମେ ଖବର ପାଇଲୁ କି ଉକ୍ତ ରାସ୍ତାରେ ଭୂସ୍ଖଳନ ହୋଇଛି । ଏହାପରଠାରୁ ସେମାନଙ୍କ ସହିତ ଆମର କେଣସି ପ୍ରକାରର ଯୋଗାଯୋଗ ହୋଇ ପାରି ନାହିଁ । ହରିଦ୍ୱାରସ୍ଥିତ ଏକ ଟ୍ରାଭେଲ୍ ଏଜେନ୍ସି ୧୦ ଦିନିଆ ଉତ୍ତରାଖଣ୍ଡ ଯାତ୍ରା ଆୟୋଜନ କରିଥିଲା ।

ଏହି ଟ୍ରାଭେଲ୍ ଏଜେନ୍ସି ମଧ୍ୟ ଉକ୍ତ ପର୍ଯ୍ୟଟକ ଦଳ ବିଷୟରେ କୌଣସି ସୂଚନା ଦେଇପାରୁ ନାହିଁ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଦୁଃଖ ପ୍ରକାଶ କରି କହିଛନ୍ତି, 'ଭାରତୀୟ ସେନା ଏପର୍ଯ୍ୟନ୍ତ ୧୯୦ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଛି । ଧରାଲି ଗ୍ରାମରେ ରାସ୍ତା ଅବରୋଧ ହୋଇଯାଇଛି । ଏହାକୁ ମରାମତି ପାଇଁ ପ୍ରୟାସ କରାଯାଉଛି । ଯଥାଶୀଘ୍ର ଏହାକୁ ମରାମତି କରାଯିବ ।

# ରକ୍ଷାବନ୍ଧନ ପରେ ଉପରାଷ୍ଟ୍ରପତି ପ୍ରାର୍ଥୀ ଚୂଡାନ୍ତ କରିବ ଏନ୍‌ଡିଏ

ନୂଆଦିଲ୍ଲୀ:ଦେଶର ପରବର୍ତ୍ତୀ ଉପରାଷ୍ଟ୍ରପତିଙ୍କୁ ନେଇ ରାଜନୈତିକ କରିଡରରେ ଉଷ୍ମତା ବୃଦ୍ଧି ପାଇଛି । ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ୯ ସେପେଟମ୍ବରରେ ଅନୁଷ୍ଠିତ ହେବ । ତଥାପି, ଏପର୍ଯ୍ୟନ୍ତ କୌଣସି ମେଣ୍ଟ ଏଥିପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି । ସୂତ୍ର ଅନୁସାରେ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ସହଜ ସ୍ଥିତିରେ ରହିଛି । ପ୍ରାର୍ଥୀ ଚୟନ ତରବର ଭାବେ କରିବାକୁ ମେଣ୍ଟର ସହଯୋଗୀ ଚାହୁଁନାହାନ୍ତି । ସରକାରଙ୍କ ପାଖରେ ଜିତିବା ପାଇଁ ଆବଶ୍ୟକ ବହୁମତ ଅଛି । ତେଣୁ ପ୍ରାର୍ଥୀଙ୍କ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଏନଡିଏ ତରବର ହେବାକୁ ଚାହୁଁନାହ । କୁହାଯାଉଛି ଯେ, ରକ୍ଷାବନ୍ଧନ ପରେ, ପ୍ରାର୍ଥୀଙ୍କ ନାମ ସମ୍ପର୍କରେ ଏନଡିଏରେ ଆଲୋଚନା ଆରମ୍ଭ ହେବ । ଏହା ସହିତ ପ୍ରାର୍ଥୀଙ୍କ ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ସରକାର ବିରୋଧୀ ନେତାମାନଙ୍କ ସହ ମଧ୍ୟ କଥା ହେବେ ।



ପ୍ରଥମେ, ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଉପରେ ସର୍ବସମ୍ମତି ସୃଷ୍ଟି କରିବାକୁ ଚେଷ୍ଟା କରାଯିବ । ଏଥିପାଇଁ ବିରୋଧୀ ନେତାମାନଙ୍କ ସହ ମଧ୍ୟ ଆଲୋଚନା କରାଯିବଛ କେନ୍ଦ୍ରର କିଛି ବରିଷ୍ଠ ମନ୍ତ୍ରୀ ବରିଷ୍ଠ ବିରୋଧୀ ନେତାଙ୍କ ସହ ଉପରାଷ୍ଟ୍ରପତିଙ୍କ ନାମ ଉପରେ ଆଲୋଚନା କରି ସହମତି ପାଇଁ ଏକ ଅଭିଯାନ ଆରମ୍ଭ କରିବେ । ଆଲୋଚନାର ଦାୟିତ୍ୱ ସେହି ବରିଷ୍ଠ ମନ୍ତ୍ରୀମାନଙ୍କୁ ଦିଆଯିବ ଯେଉଁମାନଙ୍କର ବିରୋଧୀ ନେତାଙ୍କ ସହିତ ଭଲ ସମ୍ପର୍କ ରହିଛି ।

ସୂତ୍ର ଅନୁସାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ବିରୋଧୀ ନେତାଙ୍କ ସହ କଥା ହୋଇ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଉପରେ ସହମତି ସୃଷ୍ଟି କରିବାର ଦାୟିତ୍ୱ ଦିଆଯାଇପାରେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀମାନେ ଏନଡିଏ ସହଯୋଗୀଙ୍କ ସହ ମଧ୍ୟ କଥା ହୋଇପାରନ୍ତି ।

କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ମଧ୍ୟ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଟMର ଦେବା ପାଇଁ ପ୍ରାର୍ଥୀ ଛିଡ଼ା କରିପାରନ୍ତି ବୋଲି ଚର୍ଚ୍ଚାହେଉଛି । ତେଣୁ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଆଶା କରାଯାଉଛି । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଲୋକସଭା ଏବଂ ରାଜ୍ୟସଭାର ସଦସ୍ୟମାନେ ସାମିଲ ହେବେ । ରାଜ୍ୟସଭାର ମନୋନୀତ ସଦସ୍ୟମାନେ ମଧ୍ୟ ଏହି ନିବାଚନରେ ଭୋଟ ଦେଇପାରିବେ ।

ସୂଚନାଯୋଗ୍ୟ, ଗତ ମାସ ୨୧ ଜୁଲାଇରେ ଜଗଦୀପ ଧନଖର ଅପ୍ରତ୍ୟାଶିତ ଭାବରେ ଇସ୍ତଫା ଦେଇଥିଲେ । ସ୍ୱାଧୀନ ଭାରତରେ ଏହା ପ୍ରଥମ ଘଟଣା ଥିଲା ଯେତେବେଳେ ଜଣେ ଉପରାଷ୍ଟ୍ରପତି ପଦରେ ଥିବା ସମୟରେ ଇସ୍ତଫା ଦେଇଥିଲେ । ଇସ୍ତଫା ଦେବା ସମୟରେ ଧନଖଡଙ୍କ କାର୍ଯ୍ୟକାଳ ୨ ବର୍ଷରୁ ଅଧିକ ଦିନ ବାକି ଥିଲା ।



# କାର୍ତ୍ତିକଙ୍କ ଭବିଷ୍ୟବାଣୀ ସତ ହେଲା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଯେତେବେଳେ ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଯୁବ ଦଳ ଇଂଲଣ୍ଡ ଗସ୍ତରେ ଯାଇଥିଲା ସେ ସମୟରେ ଦଳଠାରୁ ଏଭଳି ପ୍ରଦର୍ଶନ ଆଶା କରାଯାଇ ନଥିଲା । ଶୃଙ୍ଖଳା ପୂର୍ବରୁ ଅନେକ ପୂର୍ବତନ ଖେଳାଳି ଭବିଷ୍ୟବାଣୀ କରିଥିଲେ । ମାଇକେଲ କ୍ଲାର୍କ କହିଥିଲେ ଭାରତ ୩-୨ରେ ଶୃଙ୍ଖଳା ଜିତିବ । ତାଙ୍କ ବ୍ୟତୀତ ଗ୍ରେମ୍ ସ୍ୱାନ ୪-୧, ଜୋସ୍ ବଟଲର ୪-୧, ଡେଭିଡ୍ ଲୟେଡ୍ ୪-୧, ଫିଲ୍ ଟଫନେଲ୍ ୩-୧ରେ ଇଂଲଣ୍ଡ ଜିତିବ ବୋଲି କହିଥିଲେ । ଆକାଶ ଚୋପ୍ରା ଓ ଡେଲ୍ ଷ୍ଟେନ୍ ୩-୨ରେ ଇଂଲଣ୍ଡ ଜିତିବ ବୋଲି କହିଥିଲେ । ତେବେ ଏମାନଙ୍କ କଥା ସତ ହେଲା ନାହିଁ । ଭାରତର ପୂର୍ବତନ କ୍ରିକେଟର ତଥା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମେଣ୍ଟର ଦିନେଶ କାର୍ତ୍ତିକଙ୍କ ଭବିଷ୍ୟବାଣୀ ସମ୍ପୂର୍ଣ୍ଣ ଠିକ୍ ହୋଇଛି । ୪୦ ବର୍ଷୀୟ ଏହି ପୂର୍ବତନ କ୍ରିକେଟର ଶୃଙ୍ଖଳା ୨-୨ରେ ଡ୍ର' ରହିବ ବୋଲି କହିଥିଲେ । ଦିନେଶ ଭାରତ ପକ୍ଷରୁ ୨୬ ଟେଷ୍ଟ, ୯୪ ଦିନିକିଆ ଓ ୬୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ।

# ବୁମ୍‌ରାଙ୍କ ଭବିଷ୍ୟତ ଅନ୍ଧାର



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଆଣ୍ଡରସନ୍ - ତେନ୍ଦୁଲକର ଟେଷ୍ଟ ଶୃଙ୍ଖଳାକୁ ୨-୨ରେ ବରାବର ରଖିଥିଲା ଟିମ୍ ଇଣ୍ଡିଆ । ଦଳରେ ଷ୍ଟାର୍ ଖେଳାଳି ନଥାଇ ବି ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ନବାଗତ ଦଳ ଖୁବ୍ ଆତ୍ମବିଶ୍ୱାସର ସହ ଖେଳିଥିଲା । ଅବଶ୍ୟ ସଚିନ ତେନ୍ଦୁଲକରଙ୍କ ଭବିଷ୍ୟବାଣୀ ସତ ହୋଇ ନଥିଲେ ମଧ୍ୟ ଭାରତୀୟଙ୍କ ପ୍ରଦର୍ଶନକୁ ଶୃଙ୍ଖଳା ବିଜୟ ସହ ତୁଳନା କରାଯାଉଛି । ଏହାରି ମଧ୍ୟରେ ଭାରତୀୟ ଦଳରେ ଥିବା ଷ୍ଟାର କଲଚରକୁ ଶେଷ କରିବା ପାଇଁ ଅଣ୍ଟା ଭିଡ଼ିଛି ବିସିସିଆଇ । ବିଶେଷକରି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏ ଦିଗରେ ବିସିସିଆଇ ସହ ମନ୍ତ୍ରଣା ଜାରି ରଖିଛନ୍ତି । ଯାହା ଲାଗୁଛି ଆଗକୁ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯିବ । ବିସିସିଆଇ ମଧ୍ୟ ବୁମ୍‌ରାଙ୍କ ଇଂଲଣ୍ଡ ଗସ୍ତ ଆଚରଣରେ ଖୁବ୍ କ୍ଷୁବ୍ଧ ଅଛି । ତେଣୁ ଆଗକୁ ଖେଳାଳିଙ୍କ ପାଇଁ ନୂଆ ଗାଇଡ୍‌ଲାଇନ୍ ଆସିବାକୁ ଯାଉଛି ।

ପ୍ରତ୍ୟେକ ଖେଳାଳିଙ୍କୁ ବଡ଼ ମ୍ୟାଚ୍ ପାଇଁ ଉପଲବ୍ଧ ରହିବାକୁ ହେବ । ପିଟିଆଇର ଏକ ରିପୋର୍ଟ ଅନୁଯାୟୀ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହା ଉପରେ ଆଲୋଚନା କରାଯାଉଛି । କେନ୍ଦ୍ରୀୟ ଚୁକ୍ତିରେ ଥିବା ଖେଳାଳିଙ୍କୁ କୁହାଯାଇଛି ଯେ ସେମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ମ୍ୟାଚ୍ ବାଛିପାରିବେ ନାହିଁ ।

ଯଶପ୍ରୀତ ବୁମ୍‌ରାଙ୍କ ୫ଟି ଟେଷ୍ଟ ମ୍ୟାଚ୍ ନଖେଳିବା ନିଷ୍ପତ୍ତିରେ ବିସିସିଆଇ କ୍ଷୁବ୍ଧ ଅଛି । ଏହା ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ କାର୍ଯ୍ୟ କରୁଥିବା ଟିମ୍ ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି । ରିପୋର୍ଟ ଅନୁଯାୟୀ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି । ଏହା ନୁହେଁ ଯେ ଖେଳାଳିଙ୍କ କାର୍ଯ୍ୟଭାରକୁ ବିଚାରକୁ ନିଆଯିବ ନାହିଁ । କିନ୍ତୁ ଦ୍ରୁତ ବୋଲରଙ୍କ କାର୍ଯ୍ୟଭାର ଗୁରୁତ୍ୱପୂର୍ଣ୍ଣ । ଖେଳାଳିମାନେ ଏହାର ଆଳରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ବାହାରେ ରହିପାରିବେ ନାହିଁ । ଯଶପ୍ରୀତ ବୁମ୍‌ରା ଇଂଲଣ୍ଡ ଗସ୍ତରେ କେବଳ ତିନିଟି ଟେଷ୍ଟ ଖେଳିଥିଲେ । ସେ ଦୁଇଟି ଟେଷ୍ଟ ମ୍ୟାଚ୍‌ରୁ ବାହାରେ ଥିଲେ ।



ପ୍ରକୃତରେ ଭାରତୀୟ ଦଳ ଚାହୁଁଛି ପ୍ରତ୍ୟେକ ଖେଳାଳି ବେନ୍ ଷ୍ଟୋକ୍ସ ଓ ମହମ୍ମଦ ସିରାଜଙ୍କ ପରି ଶକ୍ତି ପ୍ରଦର୍ଶନ କରନ୍ତୁ । ସିରାଜ ଇଂଲଣ୍ଡ ବିପକ୍ଷ ୫ଟି ଟେଷ୍ଟରେ ୧୮୫.୩ ଓଭର ବୋଲିଂ କରିଥିଲେ । ଏହା ବ୍ୟତୀତ ସେ ନେଟ୍ସରେ ପୃଥକ ଭାବେ ବୋଲିଂ ଓ ଫିଲ୍ଡିଂ କରିଥିଲେ । ସେ ଫିଟ୍‌ନେସ୍‌କୁ ଏକ ନୂତନ ସ୍ତରକୁ ନେଇଯାଇଛନ୍ତି । ସିରାଜ, ପ୍ରସିଦ୍ଧ କିଷ୍ଣା ଏବଂ ଆକାଶଦୀପଙ୍କ ପ୍ରଦର୍ଶନ ପ୍ରମାଣିତ କରିଛି ଯେ ସବୁଠାରୁ ବଡ଼ ତାରକା ମଧ୍ୟ ଖେଳଠାରୁ ଊର୍ଦ୍ଧ୍ୱରେ ନୁହଁନ୍ତି । ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ମଧ୍ୟ ଅନେକ ଅସୁବିଧା ସତ୍ତ୍ୱେ ୪ର୍ଥ ଟେଷ୍ଟ ପର୍ଯ୍ୟନ୍ତ ଲମ୍ବା ସ୍ପେଲ୍ ବୋଲିଂ କରୁଥିଲେ । ତେଣୁ ପ୍ରଶ୍ନ ଉଠୁଛି ଯେ କାର୍ଯ୍ୟଭାର ପରିଚାଳନା ଜଣଙ୍କର ସୁବିଧା ଅନୁସାରେ ଗଢ଼ାଯାଏ ନାହିଁ କି? ବିସିସିଆଇ ଗୌତମ ଗମ୍ଭୀରଙ୍କ ଏକ ଭିଡିଓ ପୋଷ୍ଟ କରିଛି । ଯେଉଁଥିରେ ସେ ଏକ ଦଳ ସଂସ୍କୃତି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

ଗମ୍ଭୀର ଏପରି ଏକ ଦଳ ଚାହାନ୍ତି, ଯାହାର ମୂଳଦୁଆ କଠିନ ପରିଶ୍ରମ ଏବଂ ପ୍ରଦର୍ଶନରେ ଉନ୍ନତି ଉପରେ ଆଧାରିତ ହେବ । ସେ ବିଶ୍ୱାସ କରନ୍ତି ଯେ ଖେଳାଳିମାନେ ଆସିବେ, ଯିବେ । କିନ୍ତୁ ଦଳର ଚିନ୍ତାଧାରା ଏବଂ ପରିବେଶ ପରିବର୍ତ୍ତନ ହେବା ଉଚିତ ନୁହେଁ । ଗମ୍ଭୀରଙ୍କ ମତରେ ଯଦି ଏପରି ପରିବେଶ ରୁହେ ତେବେ ଟିମ୍ ଇଣ୍ଡିଆ ଦୀର୍ଘ ସମୟ ପାଇଁ ଟେଷ୍ଟରେ ସଫଳ ହୋଇଚାଲିବ ।



ଛଡ଼ାଇ

# ସିରାଜଙ୍କୁ ଶ୍ରେଷ୍ଠ ମାନ୍ୟତା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଭାରତୀୟ ଦଳର ମହମ୍ମଦ ସିରାଜଙ୍କୁ ବଡ଼ ସଫଳତା ମିଳିଛି । ଆଣ୍ଡରସନ -ତେନ୍ଦୁଲକର ଟେଷ୍ଟ ଶୃଙ୍ଖଳାରେ ସିରାଜ ଜମାଣିଆ ବୋଲିଂ କରି ୫ ମ୍ୟାଚ୍‌ରୁ ୨୩ ୱିକେଟ ଦଖଲ କରିଥିଲେ । ବିଶେଷକରି ଶୃଙ୍ଖଳାର ଶେଷ ମ୍ୟାଚ୍ ଅର୍ଥାତ ଓଭାଲ ଟେଷ୍ଟର ଦୁଇଟି ଇନିଂସ୍‌ରେ ୯ ୱିକେଟ ଦଖଲ କରି ଇଂଲଣ୍ଡ ହାତରୁ ମ୍ୟାଚ୍ ଆଣିଥିଲେ । ତେଣୁ ମିଆଁ ମ୍ୟାଜିକ୍ ପରେ ସିରାଜ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ବଡ଼ ଡିଆଁ ମାରିଛନ୍ତି । ସେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି । ସିରାଜ ୧୨ଟ ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛନ୍ତି । ପ୍ରଥମ ଥର ପାଇଁ ସିରାଜ ତାଙ୍କ ଟେଷ୍ଟ କ୍ୟାରିୟର୍‌ରେ ଏପରି ସଫଳତା ହାସଲ କରିଛନ୍ତି । ପୂର୍ବରୁ ସିରାଜ ଟେଷ୍ଟ ର୍‍ୟାଙ୍କିଙ୍ଗର ୧୬ତମ ସ୍ଥାନରେ ପହଞ୍ଚିଥିଲେ । ୨୦୨୪ ଜାନୁଆରୀ ମାସରେ ଦ.ଆଫ୍ରିକା ବିପକ୍ଷ ଟେଷ୍ଟ ପରେ ସିରାଜ ର୍‍ୟାଙ୍କିଙ୍ଗର ୧୬ ନମ୍ବର ସ୍ଥାନ ହାସଲ କରିଥିଲେ । ଏବେ ୬୭୪ ପଏଣ୍ଟ ସହ ର୍‍ୟାଙ୍କିଙ୍ଗର ୧୫ ନମ୍ବର ସ୍ଥାନରେ ପହଞ୍ଚି ଯାଇଛନ୍ତି ।

ଓଭାଲ ଟେଷ୍ଟରେ ଭାରତ ବିଜୟୀ ହେବା ସହ ସିରାଜ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ । ଦଳର ମୁଖ୍ୟ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ସିରାଜ ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇ ଭାରତକୁ ବିଜୟ ଭେଟି ଦେଇଥିଲେ । ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ସିରାଜ ୨୩ ୱିକେଟ ନେଇଥିଲେ । ସେ ୫ଟି ମ୍ୟାଚ୍‌ରେ ମୋଟ ୧୮୫.୨ ଓଭର ବୋଲିଂ କରିଥିଲେ । ତାଙ୍କଠାରୁ କୌଣସି ବୋଲର ଅଧିକ ଓଭର ପକାଇ ନାହାନ୍ତି । ଆଇସିସି ମାନ୍ୟତାର ଶ୍ରେଷ୍ଠ ୧୫ ମଧ୍ୟରେ ସିରାଜଙ୍କ ବ୍ୟତୀତ ଯଶପ୍ରୀତ ବୁମ୍‌ରା ରହିଛନ୍ତି । ସେ ଇଂଲଣ୍ଡ ବିପକ୍ଷରେ ୩ଟି ମ୍ୟାଚ୍ ଖେଳି ୧୪ ୱିକେଟ ଦଖଲ କରିଥିଲେ । ସେ ପୂର୍ବଭଳି ବିଶ୍ୱ ଟେଷ୍ଟ ବୋଲର ର୍‍ୟାଙ୍କିଙ୍ଗର ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି । ବୁମ୍‌ରା ୮୮୯ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା କାଗିଶୋ ରବାଡ଼ାଙ୍କଠାରୁ ସେ ୩୮ ପଏଣ୍ଟ ଉପରେ ଅଛନ୍ତି । ଓଭାଲ ଟେଷ୍ଟରେ ୮ ୱିକେଟ୍ ନେଇଥିବା ପ୍ରସିଦ୍ଧ କ୍ରିଷ୍ଣା ୨୫ଟି ସ୍ଥାନ ଉପରକୁ ଉଠି ର୍‍ୟାଙ୍କିଙ୍ଗର ୫୯ତମ ସ୍ଥାନରେ ପହଞ୍ଚିଛନ୍ତି । ଇଂଲଣ୍ଡର ଗସ୍ ଆଟକିନସନ୍ ଓ ଯୋସ୍ ଟଙ୍ଗ ମଧ୍ୟ ନିଜ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି ।

ଆସିସିସି ଟେଷ୍ଟ ବ୍ୟାଟର ର୍‍ୟାଙ୍କିଙ୍ଗର ଶ୍ରେଷ୍ଠ ୫କୁ ଯଶସ୍ୱୀ ଜୟସ୍ୱାଲ ଫେରିଛନ୍ତି । ସେ ୩ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି । ରିଷଭ ପନ୍ତ ୮ମ, ଶୁଭମନ ଗିଲ୍ ୧୩ତମ, ଜୋ ରୁଟ୍ ପୂର୍ବଭଳି ୧ ନମ୍ବର, ହ୍ୟାରି ବ୍ରୁକ୍ ୨ ନମ୍ବର ସ୍ଥାନ ଦଖଲ କରିଛନ୍ତି ।

# ରୋହିତ, କୋହଲିଙ୍କ ସହ କଥା ହେବ ବିସିସିଆଇ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ବିପକ୍ଷରେ ଶୃଙ୍ଖଳା ୨-୨ରେ ଡ୍ର' ରଖିଥିଲା । ଏହାପରେ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ଭାରତ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛି । ଦୁଇ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ବିଶ୍ୱକପରେ ଖେଳିବେ କି ନାହିଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରିପୋର୍ଟ ମୁତାବକ ବିସିସିଆଇର ଜନୈକ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ଖୁବ୍‌ଶୀଘ୍ର କୋହଲି ଓ ରୋହିତଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ଉଭୟ ପୂର୍ବରୁ ଟେଷ୍ଟ ଏବଂ ଟି-୨୦ରୁ ଅବସର ଘୋଷଣା କରିସାରିଛନ୍ତି । ୨୦୨୭ ବିଶ୍ୱକପ ଭାରତରେ ଆୟୋଜିତ ହେବ । ସେତେବେଳକୁ କୋହଲି ଓ ରୋହିତଙ୍କୁ ପାଖାପାଖି ୪୦ ବର୍ଷ ହୋଇଯାଇଥିବ । ଭାରତ ଏହାମଧ୍ୟରେ ୬ଟି ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛି । ରୋହିତ ଓ କୋହଲିଙ୍କୁ ଖେଳାଇବା ନେଇ ଏବେ ବିସିସିଆଇରେ ମତାନ୍ତର ଚାଲିଛି । କିଛି ଅଧିକାରୀ ସେମାନଙ୍କ ଅଭିଜ୍ଞତା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ କହୁଥିବାବେଳେ ଅନ୍ୟମାନେ ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ଦେବାପାଇଁ ପ୍ରସ୍ତାବ ଦେଉଛନ୍ତି । ଟି-୨୦ ବିଶ୍ୱକପ ଓ ଚାମ୍ପିଅନ୍ସ ଟ୍ରଫିରେ ଭାରତକୁ ବିଜୟୀ କରାଇବାରେ ଏହି ଦୁଇ ମହାନାୟକଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ଘରୋଇ ପରିବେଶରେ ଏହି ଦୁଇ ମହାରଥୀ ଖେଳି ଦଳକୁ ବିଜୟୀ କରାଇବା ସହ ଅବସର ନେଲେ ପ୍ରଶଂସକ ବେଶ୍ ଖୁସି ହେବେ । ଟେଷ୍ଟ ଓ ଟି-୨୦ରୁ ଯେଭଳି ଭାବେ ବିଦାୟ ନେବା କଥା ତାହା ମିଳିନାହିଁ । ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ପୂର୍ବରୁ ଏହି ଦୁଇ ଖେଳାଳିଙ୍କୁ ଖେଳାଇବା ସପକ୍ଷରେ ରହିଥିଲା ବିସିସିଆଇ । ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ବିପକ୍ଷରେ ଦଳ ଭଲ ପ୍ରଦର୍ଶନ କରିବା ପରେ ଏବେ ସ୍ୱର ବଦଳିଯାଇଛି । ତେବେ ଆଗକୁ ଏହି ଦୁଇ ଖେଳାଳିଙ୍କ ସମ୍ପର୍କରେ ବିସିସିଆଇ କେଉଁଭଳି ନିଷ୍ପତ୍ତି ନେଉଛି ତାହାକୁ ସଭିଏଁ ଅପେକ୍ଷା କରିଛନ୍ତି ।

# ଶୁବମନଙ୍କୁ ମିଳିଲା ସ୍ପେଶାଲ ବୋତଲ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଶୁବମନ ଗିଲ ଇଂଲଣ୍ଡ ଗସ୍ତରେ ୪ଟି ଶତକ ସହିତ ସର୍ବାଧିକ ୭୫୪ ରନ କରିଥିଲେ । ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ପଞ୍ଚମ ଟେଷ୍ଟ ମ୍ୟାଚ ଜିତି ସିରିଜକୁ ୨-୨ରେ ସମାନ କରିଥିଲା । ଗିଲ ଇଂଲଣ୍ଡରେ ୨ଟି ଟେଷ୍ଟ ମ୍ୟାଚ ଜିତିଥିବା ଭାରତର କିମ୍ବଦନ୍ତୀ ଅଧିନାୟକଙ୍କ ତାଲିକାରେ ସାମିଲ ହୋଇଥିଲେ । ଭାରତ ଓଭାଲ ଟେଷ୍ଟ ମ୍ୟାଚ ୬ ରନରେ ଜିତିଥିଲା । ଟିମ ଇଣ୍ଡିଆର ଟେଷ୍ଟ ଇତିହାସରେ ଏହା ପ୍ରଥମ ଥର ଯେ ଭାରତ ଏତେ କମ ବ୍ୟବଧାନରେ ଏକ ଟେଷ୍ଟ ମ୍ୟାଚ ଜିତିଛି । ଇଂଲଣ୍ଡ ଗସ୍ତରେ ଗିଲଙ୍କ ଅଧିନାୟକତ୍ୱ ପ୍ରଭାବଶାଳୀ ଥିଲା । ସିରିଜରେ ସର୍ବାଧିକ ରନ ସ୍କୋର କରିବା ପାଇଁ ତାଙ୍କୁ 'ପ୍ଲେୟାର ଅଫ ଦି ସିରିଜ' ଭାବରେ ମନୋନୀତ କରାଯାଇଥିଲା । ଏହି ଅନ୍ତର୍ଗତ, ଗିଲଙ୍କ ବେକରେ ଏକ ପଦକ ଦିଆଯାଇଥିଲା ଯେତେବେଳେ ତାଙ୍କୁ ହାତରେ ଏକ ସ୍ୱତନ୍ତ୍ର ପ୍ରକାରର ବୋତଲ ଦିଆଯାଇଥିଲା । ଏହି ବୋତଲରେ କ'ଣ ଥିଲା ଏବଂ ଭାରତୀୟ ବଜାରରେ ଏହି ସ୍ୱତନ୍ତ୍ର ବୋତଲର ମୂଲ୍ୟ କେତେ । ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି ।

# ସଂକଟ ମୋଚକ ଜାଡେଜା



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳରେ ସଂକଟ ମୋଚକ ଭାବେ ପରିଚିତ ରବୀନ୍ଦ୍ର ଜାଡେଜା । ସେ ଟେଷ୍ଟ, ଦିନିକିଆ ବା ଟି-୨୦ରେ ନିଜକୁ ସୁପର ହିରୋ ଭାବେ ନିଜକୁ ପ୍ରମାଣିତ କରିଛନ୍ତି । କେବଳ ବ୍ୟାଟିଂ ନୁହେଁ ବୋଲିଂ ଓ ଫିଲ୍ଡିଂରେ ଜବରଦସ୍ତ କରିଛନ୍ତି । ଗତ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ତାଙ୍କ ଜମାଣିଆ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଏହି ଗସ୍ତରେ ବ୍ୟାଟିଂ ସମୟରେ ଯେତେବେଳେ ଭାରତୀୟ ଦଳ ଉପରେ ଚାପ ପଡ଼ିଥିଲା, ରବୀନ୍ଦ୍ର ଜାଡେଜା ସେତେବେଳେ ସବୁ ଦାୟିତ୍ୱ ନିଜେ ବହନ କରିଥିଲେ । ସଂକଟମୋଚକ ସାଜି ଦଳକୁ ସମସ୍ୟାରୁ ବାହାର କରିଥିଲେ । ଦ୍ରୁତ ବୋଲରମାନେ କ୍ଲାନ୍ତ ହେଉଥିବାବେଳେ ଜାଡେଜା ନିଜ ବୋଲିଂ ଯାଦୁରେ ଇଂଲଣ୍ଡ ବ୍ୟାଟରଙ୍କୁ ବୁମେରାଂ କରୁଥିଲେ । ବ୍ୟାଟିଂରେ ଜାଡେଜା ୫୧୬ ରନ ସଂଗ୍ରହ କରିଥିଲେ । ଗୋଟିଏ ଶତକ ଓ ୫ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା । ପ୍ରଥମ ଥର ଜଣେ ବ୍ୟାଟର ୬ନମ୍ବର ସ୍ଥାନରେ ବ୍ୟାଟିଂ କରି ୫୦୦ରୁ ଅଧିକ ରନ୍‌ର ଯୋଗଦାନ ଦେଇଥିଲେ । ୨୦୧୨ରେ ଟେଷ୍ଟ ଡେବ୍ୟୁ କରିଥିଲେ ଜାଡେଜା । ଧୋନୀଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ବିପକ୍ଷରେ ନାଗପୁର ଟେଷ୍ଟରେ ଡେବ୍ୟୁ କରିଥିଲେ । ସେତେବେଳେ ଭାରତୀୟ ଦଳରେ ସଚିନ ତେନ୍ଦୁଲକର ବି ଥିଲେ ଓ ବିରାଟ କୋହଲି ମଧ୍ୟ ସାମିଲ ଥିଲେ । ରୋହିତ -ଧୋନୀଙ୍କ ସହ ଅନେକ ଟ୍ରଫି ଜିତିଛନ୍ତି ଜାଡେଜା । ଏବେବି ଭାରତୀୟ ଦଳର ଜଣେ ମଜଭୁତ ଖେଳାଳି ଭାବେ ସେ ଜଣାଶୁଣା । ଶୁଭମନ ସେନାରେ ଜାଡେଜା ସିନିଅର ଖେଳାଳି ।

୩୬ ବର୍ଷୀୟ ଜାଡେଜା ଦୀର୍ଘ ସମୟରୁ ଆଇସିସି ଟେଷ୍ଟ ଅଲରାଉଣ୍ଡର ର୍‍ୟାଙ୍କିଙ୍ଗର ୧ନମ୍ବର ସ୍ଥାନରେ ରହିଛନ୍ତି । ୮୫ଟି ଟେଷ୍ଟ ମ୍ୟାଚ୍, ୨୦୪ ଦିନିକିଆ ଏବଂ ୭୪ଟି ଟି-୨୦ ଖେଳିଛନ୍ତି । ଟେଷ୍ଟ ମ୍ୟାଚ୍‌ରେ ୩୮୮୬ ରନ କରି ୩୩୦ ୱିକେଟ ନେଇଛନ୍ତି । ଦିନିକିଆରେ ସେ ୨୮୦୬ ରନ କରିବା ସହ ୨୩୧ ୱିକେଟ ନେଇଛନ୍ତି । ଟି-୨୦ରେ ୫୪ ୱିକେଟ ନେଇଛନ୍ତି । ୨୦୧୩ ଆଇସିସି ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ ଭାରତୀୟ ଦଳରେ ଜାଡେଜା ସାମିଲ ଥିଲେ । ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ବିଜୟଲାଭ କରିଥିଲା । ଆଇସିସି ଟି-୨୦ ବିଶ୍ୱକପ ୨୦୨୪ ଏବଂ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବିଜୟ ଲାଭ କରିଥିବା ଭାରତୀୟ ଦଳରେ ଜାଡେଜା ସାମିଲ ଥିଲେ । ଟି-୨୦ ବିଶ୍ୱକପ ପରେ ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇଥିଲେ ଜାଡେଜା । ଏବେ ସେ କେବଳ ଦିନିକିଆ ଓ ଟେଷ୍ଟ ଖେଳୁଛନ୍ତି ।

## ୩ ଖେଳାଳିଙ୍କୁ ମିଳିପାରେ ଏସିଆ କପ ସୁଯୋଗ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଶୁଭମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ଏବଂ ସାଇ ସୁଦର୍ଶନ ଭଲ ପ୍ରଦର୍ଶନ କରିଥିଲେ । ଗିଲ୍ ଏବଂ ଜୟସ୍ୱାଲ ଶୃଙ୍ଖଳା ବରାବର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏହି ଖେଳାଳିମାନେ ଏସିଆ କପ ୨୦୨୫ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ଦୌଡ଼ରେ ଅଛନ୍ତି ।

ଗିଲ୍ ଏବଂ ଜୟସ୍ୱାଲ କିଛି ସମୟ ପାଇଁ ଭାରତୀୟ ଟି-୨୦ ଦଳରୁ ବାହାରେ ଅଛନ୍ତି । ଏବେ ଦେଢ଼ ମାସ ଧରି ଟେଷ୍ଟ ଶୃଙ୍ଖଳା ପରେ ଉଭୟ ଏସିଆ କପ୍ ପାଇଁ ଉପଲବ୍ଧ ହୋଇପାରିବେ । ଚୟନକର୍ତ୍ତା ଖେଳାଳିଙ୍କ ପାଇଁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି । ଏସିଆ କପ୍ ଲାଗି ଭାରତୀୟ ଦଳ ଅଗଷ୍ଟ ତୃତୀୟ ସପ୍ତାହରେ ଚୟନ ହେବାର ସମ୍ଭାବନା ରହିଛି । କାରଣ ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେବ । ସଞ୍ଜୁ ସାମ୍‌ସନ୍ ଓ ଅଭିଶେକ ଶର୍ମାଙ୍କ ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ଗିଲ୍, ଜୟସ୍ୱାଲ ଓ ସୁଦର୍ଶନଙ୍କୁ ଟି-୨୦ ଦଳରେ ସ୍ଥାନ ମିଳିପାରେ । ଚୟନ କର୍ତ୍ତା ସମସ୍ତ ବିକଳ୍ପକୁ ସାବଧାନତାର ସହ ବିଚାର କରୁଛନ୍ତି । ଏସିଆ କପ- ୨୦୨୫ ୟୁଏଇ ମାଟିରେ ଆୟୋଜିତ ହେବାକୁ ଯାଉଛି । ଟି-୨୦ ବିଶ୍ୱକପକୁ ଦୃଷ୍ଟିରେ ରଖି ଜୟସ୍ୱାଲ, ଶୁଭମନ ଗିଲ୍ ଓ ସାଇ ସୁଦର୍ଶନ ଶ୍ରେଷ୍ଠ ଟପ୍ ଅର୍ଡର ଖେଳାଳି ହୋଇପାରିବେ । ବର୍ତ୍ତମାନ ଭାରତୀୟ ଟି-୨୦ ଦଳରେ ଓପନିଂ ଦାୟିତ୍ୱ ଅଭିଶେକ ଶର୍ମା ଓ ସଞ୍ଜୁ ସାମ୍‌ସନ ଅଛନ୍ତି ।

## ଜାତୀୟ ଜୁନିଅର ମହିଳା ହକି

## ମଣିପୁର, ଉତ୍ତରାଖଣ୍ଡ, ତାମିଲନାଡୁ, ଏମ୍‌ପି, ଝାଡ଼ଖଣ୍ଡ ବିଜୟୀ

କାକିନାଡ଼ା, ୬।୮ (ଏଜେନ୍ସି): ୧୫ତମ ହକି ଇଣ୍ଡିଆ ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍‌ର ଷଷ୍ଠ ଦିନ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ମଣିପୁର, ଉତ୍ତରାଖଣ୍ଡ, ତାମିଲନାଡୁ, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ବିଜୟୀ ହୋଇଛନ୍ତି । ଅନ୍ୟ ଦୁଇଟି ମ୍ୟାଚ୍ ହକି ହିମାଚଳ- ବିହାର ଓ ହରିୟାଣା-ଉତ୍ତରପ୍ରଦେଶ ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର' ରହିଥିଲା ।

ମଣିପୁର ହକି ୩-୧ ଗୋଲ୍‌ରେ ଆସାମ ହକି ଦଳକୁ ପରାଜିତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ହକି ଉତ୍ତରାଖଣ୍ଡ ୭-୦ ଗୋଲ୍‌ରେ ହକି କେରଳକୁ ପରାଜିତ କରିଥିଲା । ହକି ତାମିଲନାଡୁ ୫-୦ ଗୋଲ୍‌ରେ ହକି ଅରୁଣାଞ୍ଚଳକୁ ପରାଜିତ କରିଥିବାବେଳେ ହକି ମଧ୍ୟପ୍ରଦେଶ ୪-୦ ଗୋଲ୍‌ରେ ହକି ପଞ୍ଜାବକୁ ଧରାଶାୟୀ କରିଥିଲା । ହକି ହରିୟାଣା ଓ ଶକ୍ତିଶାଳୀ ଉତ୍ତରପ୍ରଦେଶ ମଧ୍ୟରେ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର' ରହିଥିଲା । ଶେଷ ମ୍ୟାଚ୍‌ରେ ହକି ଝାଡ଼ଖଣ୍ଡ ୭-୧ ଗୋଲ୍‌ରେ ଛତିଶଗଡ଼ ହକିକୁ ପରାଜିତ କରିଥିଲା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି